R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୦୧
ତିଥି: ଷଷ୍ଠୀ
୦୨ ଅକ୍ଟୋବର ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୬+୪, ମୂଲ୍ୟ- ଟ.୫.୦୦
02 October 2026, Friday

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur







ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସଂରକ୍ଷିତ ଜଳ, ସୁରକ୍ଷିତ ଜୀବନ
ବିଶୁଦ୍ଧ ଜଳ, ସୁସ୍ଥ ସହର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁଜଳ

ଜଳ ସଂରକ୍ଷଣ - ଆଜିର ନିଷ୍ପତ୍ତି, ଆଗାମୀ ପିଢ଼ିର ଭବିଷ୍ୟତ

୦୨ - ୧୬ ଅକ୍ଟୋବର ୨୦୨୬

"ଦୂଷିତ ଜଳ ବ୍ୟବହାର, ବାହକ ଅଟେ ରୋଗର"

ଡାଇରିଆ | ଡିସେଣ୍ଟ୍ରୀ | ଟାଇଫଏଡ୍ | କାମଳ

ଆପଣଙ୍କ ଦାୟିତ୍ୱ:

- ଅନାବଶ୍ୟକ ସମୟରେ ଟ୍ୟାପ୍ ବନ୍ଦ ରଖି ଜଳ ଅପଚୟ ରୋକନ୍ତୁ
- ଜଳ ଯୋଗାଣ ପାଇପ୍‌ର ଲିକେଜ୍‌କୁ ତୁରନ୍ତ ମରାମତି କରିବା ସହ ଆବଶ୍ୟକତା ଅନୁସାରେ ଜଳ ବ୍ୟବହାର କରନ୍ତୁ
- ବର୍ଷା ଜଳ ସଞ୍ଚୟ କରନ୍ତୁ ଏବଂ ବ୍ୟବହୃତ ଜଳର ପୁନଃବ୍ୟବହାର କରି ଜଳ ସଂରକ୍ଷଣ କରନ୍ତୁ
- ନଦୀ, ପୋଖରୀ, ନଳକୂପ ଓ ଅନ୍ୟାନ୍ୟ ଜଳ ଉତ୍ସ ନିକଟରେ ବର୍ଜ୍ୟବସ୍ତୁ ଫିଙ୍ଗନ୍ତୁ ନାହିଁ
- ପାନୀୟ ଜଳକୁ ସର୍ବଦା ସଫା, ଶୁଖିଲା ଓ ଢାଙ୍କଣାଯୁକ୍ତ ପାତ୍ରରେ ସୁରକ୍ଷିତ ଭାବେ ରଖନ୍ତୁ
- ଘରର ଓଭରହେଡ୍ ଟାଙ୍କି (Overhead Tank) ଓ ଭୂତଳ ସମ୍ପ (Sump) ନିୟମିତ ଭାବେ ସଫା କରନ୍ତୁ

"ଶୁଦ୍ଧ ଜଳ, ସୁସ୍ଥ ଜୀବନ — ସୁରକ୍ଷିତ ଭବିଷ୍ୟତ"

ଜଳ ଯୋଗାଣ ଆମର ଦାୟିତ୍ୱ, ଜଳ ସଂରକ୍ଷଣ ଆପଣଙ୍କର କର୍ତ୍ତବ୍ୟ
ଜଳ ଯୋଗାଣ ସମ୍ପର୍କିତ ସମସ୍ୟା କିମ୍ବା ଅଭିଯୋଗ ପାଇଁ: ଟୋଲ୍ ଫ୍ରି ନମ୍ବର (Toll Free Number):
୧୫୫୩୫୯ ଓ ୧୮୦୦-୧୨୧୬-୮୩୩

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର






## ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ହରି ବାବୁ କମ୍ଭମପାଟି)





## ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପୂଜାରୀ । ନିଜର ନୀତି ଓ ନୈତିକତା, ଅହିଂସା ଓ ସତ୍ୟାଗ୍ରହ ମାଧ୍ୟମରେ ସାରା ବିଶ୍ୱକୁ ସେ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ । ତାଙ୍କ ଯୁଗାନ୍ତକାରୀ ଚିନ୍ତାଧାରା ଓ ଆଦର୍ଶ ଯୁଗେ ଯୁଗେ ବିଶ୍ୱ ପାଇଁ ପ୍ରାସଙ୍ଗିକ ।

ଆସନ୍ତୁ, ତାଙ୍କର ସ୍ୱଦେଶୀ ଓ ସ୍ୱଚ୍ଛତାର ଆଦର୍ଶକୁ ଅନୁସରଣ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଆମେ ସମସ୍ତେ ସମର୍ପିତ ଭାବେ ନିଜ ନିଜର ଯୋଗଦାନ ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0103 15001/103/2627

# ୱାଟକୋ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କଲେ ମନ୍ତ୍ରୀ ଡଃ ମହାପାତ୍ର

ଭୁବନେଶ୍ୱର, (ସବ୍ୟୁ): ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ୱାଟକୋ ଦ୍ୱାରା କାର୍ଯ୍ୟାନ୍ୱିତ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକଳାପର ଅଗ୍ରଗତି ସମୀକ୍ଷା କରିଛନ୍ତି । ଉନ୍ନତି ଭବନସ୍ଥିତ ସମ୍ମିଳନୀ କକ୍ଷରେ



ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଜଳଯୋଗାଣ ଓ ସ୍ୱେରେଜ୍ ଭିତ୍ତିଭୂମି, ପ୍ରକଳ୍ପର ଭୌତିକ ଓ ଆର୍ଥିକ ଅଗ୍ରଗତି, ଡବ୍ଲ୍ୟୁଟିପି ଓ ଏସ୍ ଟି ପିର କାର୍ଯ୍ୟକାରିତା ସହ ନାଗରିକ ସେବା ସମ୍ପର୍କରେ ଆଲୋଚନା ହୋଇଥିଲା । ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ୱାଟକୋର କାର୍ଯ୍ୟକ୍ଷେତ୍ର, ଚାଲୁଥିବା ପ୍ରମୁଖ ଜଳଯୋଗାଣ ଓ ସ୍ୱେରେଜ୍ ପ୍ରକଳ୍ପ, ଜଳ ବିଶୋଧନାଗାର ଏବଂ ମଳଜଳ ବିଶୋଧନାଗାରର ସ୍ଥିତି ଉପରେ ବିସ୍ତୃତ ଉପସ୍ଥାପନା ଦେଇଥିଲେ । ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟରେ ସମାପ୍ତି, ଅନୁଦାନର ସଠିକ୍ ଉପଯୋଗ ଏବଂ କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟାର ତୁରନ୍ତ ସମାଧାନ ଉପରେ ମନ୍ତ୍ରୀ ଡଃ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ । ବୈଠକରେ ୱାଟକୋର ଆର୍ଥିକ ପ୍ରଦର୍ଶନ ମଧ୍ୟ ସମୀକ୍ଷା କରାଯାଇଥିଲା । ସରକାରୀ ବିଜ୍ଞପ୍ତି ଅନୁଯାୟୀ ୱାଟକୋଠାରୁ ଓଡ଼ିଶା ଜଳଯୋଗାଣ ଓ ସ୍ୱେରେଜ୍ ବୋର୍ଡକୁ ସ୍ୱେରେଜ୍ କାର୍ଯ୍ୟ ହସ୍ତାନ୍ତର ପ୍ରସଙ୍ଗରେ ଦାୟିତ୍ୱର ସ୍ୱଷ୍ଟତା ଓ ସେବାର ନିରନ୍ତରତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ସୁଜଳ ଯୋଜନା ଅଧୀନରେ ଅକ୍ଟୋବର ୨ରୁ ୧୬ ପର୍ଯ୍ୟନ୍ତ ୱାଟକୋ ପକ୍ଷରୁ ଆୟୋଜନ ହେବାକୁ ଥିବା ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଥିଲା ।ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ, ୱାଟକୋ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ବୈଠକ ଶେଷରେ ୱାଟକୋର ନିର୍ଦ୍ଦେଶକ (ପ୍ରକଳ୍ପ) ଧନ୍ୟବାଦ ଅର୍ପଣ କରିଥିଲେ ।

## 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' ସ୍ୱଚ୍ଛତା ଅଭିଯାନ

# ସହର ଆମର, ଏହାକୁ ସ୍ୱଚ୍ଛ ରଖିବା ଦାୟିତ୍ୱ ମଧ ଆମର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଏ ସହର ଆମର ଏବଂ ଏହାର ସ୍ୱଚ୍ଛତାର ଦାୟିତ୍ୱ ମଧ ଆମ ସମସ୍ତଙ୍କର। ବର୍ତ୍ତମାନ ଦେଶର ସ୍ୱଚ୍ଛତା ଜବଭଳସଭଶ ରେ ଭୁବନେଶ୍ୱର ନବମ ସ୍ଥାନରେ ରହିଛି। ଯଦି ଆମେ ସମସ୍ତେ ବ୍ୟକ୍ତିଗତ ଭାବେ ନିଜ ନିଜର ଦାୟିତ୍ୱ ସଠିକ୍ ଭାବେ ତୁଲାଇବା, ତେବେ ଆମ ସହର ଦେଶର ସବୁଠାରୁ ସ୍ୱଚ୍ଛ ଓ ସୁନ୍ଦର ହୋଇ ପ୍ରଥମ ସ୍ଥାନ ହାସଲ କରିବ। ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଖଣ୍ଡଗିରିଠାରେ ଆୟୋଜିତ 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି । ସହରର ସ୍ୱଚ୍ଛତା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ସଚେତନ ହେବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଯେପରି ନିଜ ଘର, ବାଡ଼ି, ଦାଣ୍ଡ ଓ ଅଗଣା ସଫା ରଖୁଛୁ, ସେହିପରି ଆମ ଦୃଷ୍ଟିକୋଣକୁ ଆଉ ଟିକିଏ ପ୍ରସାରିତ କରିବା ଆବଶ୍ୟକ। ଘର ଆଗ ରାସ୍ତା ଓ ନିଜ କଲୋନୀକୁ ସଫା ରଖିବାର ଦାୟିତ୍ୱ ମଧ ଆମ ସମସ୍ତଙ୍କର। ସଫେଇ କର୍ମଚାରୀମାନଙ୍କ କାର୍ଯ୍ୟରେ ଯୋଡ଼ିହୋଇ ଘରର ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା କରି ନିୟମିତ ସଫେଇ ଗାଡ଼ିକୁ ଦେବା ଏବଂ ରାସ୍ତାରେ ଅଳିଆ ନ ଫିଙ୍ଗି ଅନ୍ୟମାନଙ୍କୁ ମଧ ବାରଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଦେଶର ସ୍ୱାଧୀନତା ପୂର୍ବରୁ ମହାତ୍ମା ଗାନ୍ଧୀ ସ୍ୱଚ୍ଛତା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଥିଲେ । ମାତ୍ର ୨୦୧୪ ମସିହାରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗାନ୍ଧୀଜୀଙ୍କ ଏହି ସ୍ୱପ୍ନର ସଫଳ ରୂପାୟନ କରି 'ସ୍ୱଚ୍ଛତା ହିଁ ସେବା'



ଅଭିଯାନ ମାଧ୍ୟମରେ ଏହାକୁ ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ଆଜିର ଏହି ସ୍ୱତନ୍ତ୍ର 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' କାର୍ଯ୍ୟକ୍ରମ ସମଗ୍ର ସମାଜକୁ ସ୍ୱଚ୍ଛତା ସହିତ ଯୋଡ଼ିବାର ଏକ ଅଭିନବ ଓ ପ୍ରଶଂସନୀୟ ଉଦ୍ୟମ। ଆମର ପ୍ରିୟ ଭୁବନେଶ୍ୱର ସହର ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ଓ ସୁନ୍ଦର ହୋଇପାରିଥିବାରୁ, ଏହାର ଶ୍ରେୟ ସଫେଇ ମିତ୍ରମାନଙ୍କୁ ଦେବା ସହ ସେମାନଙ୍କ ନିରବଚ୍ଛିନ୍ନ ସେବା ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ସେ ସଫେଇ ମିତ୍ରମାନଙ୍କ ସାମାଜିକ ସୁରକ୍ଷା ଓ ସେମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏହାସହ ଦେଶର ୫୦ଟି 'ମଡେଲ ସାନିଟେସନ ସିଟି' ଭାବେ ବିକଶିତ ହେବା ପାଇଁ ଓଡ଼ିଶାର ଦୁଇଟି ପ୍ରମୁଖ ସହର ଭୁବନେଶ୍ୱର ଓ ପୁରୀ ମନୋନୀତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଉଭୟ ମହାନଗର ନିଗମର କର୍ତ୍ତୃପକ୍ଷ, ଅଧିକାରୀ ଏବଂ ବିଶେଷ ଭାବେ ସଫେଇ ମିତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ଶ୍ରୀମତୀ ସୁଲୋଚନା ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଏମସି କମିଶନର ଚଞ୍ଚଳ ରାଣା, କର୍ପୋରେଟର, ବିଏମସି କର୍ମଚାରୀ ସମେତ ସଫେଇ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ଓ ଗବେଷଣା ପାଇଁ କିଷ୍ଟ ଏବଂ ସିଏସ୍ଆଇଆର-ଆଇଏମ୍ଏମ୍ଟି ମଧ୍ୟରେ ବୁଝାମଣା ପତ୍ର

ଭୁବନେଶ୍ୱର, (ସବ୍ୟୁ) : ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ କୋଣାର୍କ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି (କିଷ୍ଟ) ଜଟଣୀ ଏବଂ ପ୍ରତିଷ୍ଠିତ ଗବେଷଣା ପ୍ରତିଷ୍ଠାନ ସି ଏ ସ୍ ଆ ଇ ଆ ର - ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ୍ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ସିଏସ୍ଆଇଆର-ଆ ଇ ଏ ମ୍ ଏ ମ୍ ଟି ର ୮୫ତମ ପ୍ରତିଷ୍ଠା ଦିବସ



ସମାରୋହ ଅବସରରେ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ତଥା ଉନ୍ନତ ଗବେଷଣା କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ଲକ୍ଷ୍ୟରେ ଏହି ଚୁକ୍ତି ସମ୍ପାଦିତ ହୋଇଛି ଓ ଏହି ବୁଝାମଣା ଅନୁଯାୟୀ, ଉଭୟ ଅନୁଷ୍ଠାନ ମିଳିତ ଭାବେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ, ଛାତ୍ର ବିକାଶ କାର୍ଯ୍ୟକ୍ରମ, ଜାତୀୟ ତଥା ଅନ୍ତର୍ଜାତୀୟ ସେମିନାର, ବୈଷୟିକ କର୍ମଶାଳା ଏବଂ ଗବେଷଣା ଓ ଉନ୍ନୟନ କାର୍ଯ୍ୟକ୍ରମ ଆୟୋଜନ କରିବେ । ଏହି ସ୍ୱାକ୍ଷର ସମାରୋହରେ କିଷ୍ଟ ପକ୍ଷରୁ ଡିନ୍ ଡ଼. ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଏବଂ ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ଼. ଚନ୍ଦ୍ରକାନ୍ତ ମିଶ୍ର ପ୍ରତିନିଧିତ୍ୱ କରିଥିଲେ ।

# ଶିଶୁକନ୍ୟାକୁ ଦୁର୍ଷ୍କର୍ମ ଘଟଣାରେ ଅଭିଯୁକ୍ତ ଗିରଫ

କଟକ,(ସବ୍ୟୁ): ଶଶିଶୁକନ୍ୟାକୁ ଦୁର୍ଷ୍କର୍ମ ଉଦ୍ୟମ କରିବା ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ବିଡ଼ାନାସୀ ଥାନା ପୁଲିସ । ଅଭିଯୁକ୍ତ ହେଲା ବିଡ଼ାନାସୀ କୃଷକ ବଜାର ନିକଟରେ ରହୁଥିବା ଢ଼େଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ ବାଲିଆମ୍ବ ଗ୍ରାମର ଚୈତନ୍ୟ ନାୟକଙ୍କ ପୁଅ ରବି ନାୟକ(୫୮) । କୋର୍ଟଚାଲାଣ ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ରବି କୃଷକ ବଜାର ନିକଟରେ ରହୁଥିବା ଝିଅ ଘରେ କିଛିଦିନ ହେଲା ରହୁଛନ୍ତି । ଦୁଇଦିନ ପୂର୍ବେ ପଡ଼ୋଶୀ ଘରର ଶିଶୁକନ୍ୟା ଘର ବାହାରେ ଏକୁଟିଆ ଖେଳୁଥିଲା । ଏପଟେ ଝିଅ ଘରେ କେହି ନଥିବାର ସୁଯୋଗ ନେଇ ରବି ଶିଶୁକନ୍ୟାକୁ ଚକୋଲେଟ ଦେବା ଲାଗି ତା' ଘରକୁ ଡାକିନେଇଥିଲା । ଏହାପରେ ସେ ତାକୁ ଦୁର୍ଷ୍କର୍ମ ଉଦ୍ୟମ କରିଥିଲା । ଏହି ସମୟରେ ଶିଶୁକନ୍ୟାର ମା' ବାହାରକୁ ଆସି ଝିଅ କୁଆଡେ ଗଲା ବୋଲି ଖୋଜୁଥିବା ବେଳେ ରବି ଘରେ ତା'ର ପାଟିଶୁଣି ଭିତରକୁ ପଶିଯାଇଥିଲେ । ଘଟଣା ଦେଖି ପାଟିକରି ଉଠିବା ସହିତ ଘର ଲୋକଙ୍କୁ ଜଣାଇଥିଲେ । ଅଭିଯୋଗକ୍ରମେ ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତ ରବିକୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଅସିତ୍ ବଳବନ୍ତରାୟ ସୂଚନା ଦେଇଛନ୍ତି ।

# ସେଣ୍ଟ୍ରାଲ ରେଡ୍କ୍ରସ ପକ୍ଷରୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

କଟକ, (ସ୍ୱପ୍ର) : ସେଣ୍ଟ୍ରାଲ ରେଡ୍କ୍ରସ ପକ୍ଷରୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଗୁରୁବାର ସ୍ଥାନୀୟ ଜୋବ୍ରା ସ୍ଥିତ ମେରିଟାଇମ୍ ମ୍ୟୁଜିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସେଣ୍ଟ୍ରାଲ ରେଡ୍କ୍ରସର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ସାଂସଦ ଭର୍ତ୍ତୃହରି ମହତାବ, ରାଜ୍ୟସଭା ସାଂସଦ ସେବାଶିଷ ସାମନ୍ତରାୟ, ମେୟର ସୁବାଷ ସିଂହ, ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟିକା ସୋଫିଆ ଫିରଦୋସ, ଡଃ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚଳିତବର୍ଷର ଥିମ ୱାନ ଡ୍ରପ୍ ଅଫ ହ୍ୟୁମାନିଟି, ଗିଭ୍ ବ୍ଲଡ, ସେଭ ଲାଇଫ ଉପରେ ବକ୍ତବ୍ୟ ଦେବା ସହିତ ରକ୍ତଦାନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । ରକ୍ତଦାନ ପାଇଁ ଆମ ଓଡିଶା ସମ୍ବାଦକୁ ପ୍ରଥମ, ଯାଜପୁର ଧର୍ମଶାଳାର ଅଂଶୁମାନ ମେମୋରିଆଲ ଟ୍ରଷ୍ଟକୁ ଦ୍ୱିତୀୟ ଓ ଟେଟ୍ରାହେଡେନ ଏଜୁକେଶନାଲ ଟ୍ରଷ୍ଟକୁ ତୃତୀୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଶତାଧିକ ସେବା ସଂଗଠନ ଗୁଡ଼ିକୁ ସମ୍ମାନିତ କରାଯାଇଥିଲା । ଡ. ସସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. କନକଲତା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱେଚ୍ଛାସେବୀ ସଙ୍ଗଠନ ଆଶିର୍ବାଦ ଫାଉଣ୍ଡେସନ ସମ୍ମାନୀତ



କଟକ ରାଜେନ୍ଦ୍ରନଗର ଅଞ୍ଚଳର ଜଣାଶୁଣା ସ୍ୱେଚ୍ଛାସେବୀ ସଙ୍ଗଠନ ଆଶିର୍ବାଦ ଫାଉଣ୍ଡେସନକୁ ସମ୍ମାନୀତ କରାଯାଇଛି । ଅନୁଷ୍ଠାନ ପକ୍ଷରୁ ସଂଯୋଜକ ସମୀର କରଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମେମୋଟୋ, ସାର୍ଟିଫିକେଟ ଦେଇ ସମ୍ମାନୀତ କରିଥିଲେ । ଏଥିରେ ଅନୁଷ୍ଠାନର ସଭାପତି ମାଗୁଣି ଚରଣ ଦାସ, ସରୋଜ ରାଉତ, ଚିତ୍ତ ରଞ୍ଜନ ନାୟକ, ପ୍ରଭାକର ମଲ୍ଲୀକ ପ୍ରମୁଖ ଉପସ୍ଥିତ ଥିଲେ ।

## ଯାଜପୁରରେ ରେଳ ଭିତ୍ତିଭୂମିର ବିକାଶ ପାଇଁ

# ପୂର୍ବତଟ ରେଳବାଇ ମହାପ୍ରବନ୍ଧକଙ୍କ ସହ ସାଂସଦଙ୍କ ଆଲୋଚନା

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁରର ଜିଲ୍ଲାରେ ରେଳ ଭିତ୍ତିଭୂମିର ବିକାଶ ସହିତ ଧାମରା ଠାରୁ ଯାଜପୁର ରୋଡ ରେଳପଥ ନିର୍ମାଣ ଏବଂ ରେଳବାଇ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ପୂର୍ବତଟ ରେଳବାଇ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସହିତ ଯାଜପୁର ସାଂସଦ ଡଃ ରବିନ୍ଦ୍ରନାରାୟଣ ବେହେରା ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ଧାମରା ଠାରୁ ଯାଜପୁର ରୋଡକୁ ନିର୍ମାଣ ହେବାକୁ ଥିବା ନୂଆ ରେଳପଥର ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା ଓ ଲୋକମାନଙ୍କ ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯାଜପୁର ଜିଲ୍ଲା ମଧ୍ୟରେ ରେଳ ଲାଇନ ଉପରେ ୧୭ଟି ସ୍ଥାନରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ରେଲୱେ ଓଭରବ୍ରିଜକୁ ଇତିମଧ୍ୟରେ ମଞ୍ଜୁରୀ ମିଳିଥିବାରୁ କ୍ଷେତ୍ର ପରିଦର୍ଶନ କରି ତାହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସାଂସଦ ଶ୍ରୀ ବେହେରା ମହାପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଧାମରା ଠାରୁ ଯାଜପୁର ରୋଡକୁ ନିର୍ମାଣ ହେବାକୁ ଥିବା ଏହି ନୂତନ ରେଳପଥ ଯାଜପୁରର ପ୍ରସିଦ୍ଧ ଶକ୍ତିପୀଠ ବିରଜା କ୍ଷେତ୍ରକୁ ସଂଯୋଗ କରୁଥିବାରୁ ଏହାର



ନିର୍ମାଣକୁ ସାଂସଦ ପ୍ରାଥମିକତା ଦେଇ ଲଗାତାର ତାଙ୍କର ଉଦ୍ୟମ ଯାରୀ ରଖିଛନ୍ତି। ଏଥି ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଥିବା ମୁଖ୍ୟ ରାସ୍ତା ଗୁଡିକ ରେଳପଥକୁ ଅତିକ୍ରମ କରୁଥିବାରୁ ସେଠାରେ ଲୋକଙ୍କ ଯାତାୟାତ ପାଇଁ ବହୁ ସମୟରେ ଗୁରୁତର ସମସ୍ୟା ସୃଷ୍ଟି କରୁଥିଲା। ଜନସାଧାରଣଙ୍କ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେହିସବୁ ସ୍ଥାନରେ ଓଭରବ୍ରିଜ ନିର୍ମାଣ ପାଇଁ ରେଳ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବ ଅନୁସାରେ ଯଖପୁରା ଓ ଜେନାପୁର ଷ୍ଟେସନ ମଧ୍ୟସ୍ତ ଏଲସି ୧୪୭ରେ ୬୭.୩ କୋଟି ଟଙ୍କା ବ୍ୟୟରେ ,ବୈତରଣୀରୋଡ ଓ କୋରେଇ ଷ୍ଟେସନ ମଧ୍ୟସ୍ତ ଏଲସି ୧୩୬ରେ ୭୩.୧୨ କୋଟି ଓ ଏଲସି ୧୩୭ରେ ୭୩.୪୭ କୋଟି ବ୍ୟୟରେ,ଯାଜପୁରରୋଡ ଓ ଯଖପୁରା ଷ୍ଟେସନ ମଧ୍ୟସ୍ତ ଏଲସି ୧୪୨ରେ ୧୦୧.୪୯ କୋଟି ବ୍ୟୟରେ,ଯାଜପୁର ରୋଡ ଷ୍ଟେସନ ନିକଟ ଏଲସି ୧୩୪ରେ ୬୬.୦୮ କୋଟି ବ୍ୟୟରେ,ଜେନାପୁର ଓ ହରିଦାସପୁର ଷ୍ଟେସନ ମଧ୍ୟସ୍ତ ଏଲସି ୧୪୮ରେ ୬୬.୮୭ କୋଟି,ଏଲସି ୧୫୪ରେ ୬୫.୧୦ କୋଟି,ଏଲସି ୧୫୨ରେ ୬୨.୩୧ କୋଟି,ଏଲସି ୧୫୬ରେ ୫୬.୪୦ କୋଟି ଓ ଏଲସି ୧୫୩ରେ ୬୫.୮୨ କୋଟି ବ୍ୟୟରେ,ବୈରୀ ଓ କପିଳାସ ରୋଡ ଷ୍ଟେସନ ମଧ୍ୟରେ ଏଲସି ୧୭୧ରେ ୬୪.୧୯ କୋଟି ବ୍ୟୟରେ,ଧାନମଣ୍ଡଳ ଓ ବୈରୀ ଷ୍ଟେସନ ମଧ୍ୟସ୍ତ ଏଲସି ୧୬୭ରେ ୭୦.୦୫ କୋଟି,ଏଲସି ୧୬୪ରେ ୬୭.୦୨ କୋଟି ଓ ଏଲସି ୧୬୨ରେ ୬୪.୧୯ କୋଟି,ଏଲସି ୧୬୫ରେ ୬୪.୧୯ କୋଟି ବ୍ୟୟରେ,ହରିଦାସପୁର ଓ ଧାନମଣ୍ଡଳ ଷ୍ଟେସନ ମଧ୍ୟସ୍ତ ଏଲସି ୧୫୯ରେ ୭୦.୦୫ କୋଟି ,ଏଲସି ନମ୍ବର ୧୩୯ରେ ୬୨.୩୧ କୋଟି ବ୍ୟୟରେ ଯାଜପୁର ଜିଲ୍ଲାର ଏହି ୧୭ଟି ସ୍ଥାନରେ ରେଲୱେ ଓଭରବ୍ରିଜ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥିବା ବେଳେ ଏଗୁଡିକର ନିର୍ମାଣ ମଞ୍ଜୁରୀ ମିଳିବା ସହିତ ଏଥିପାଇଁ ୧,୦୯୫.୭୭ କୋଟି ଟଙ୍କାର ଅର୍ଥ ବରାଦ ହୋଇଛି। ଉକ୍ତ ୧୭ଟି ଓଭରବ୍ରିଜ ମଧ୍ୟରୁ କେବଳ ଗୋଟିଏ ସ୍ଥାନରେ (ଯାଜପୁରରୋଡ ଓ ଯଖପୁରା ମଧ୍ୟସ୍ତ ଏଲସି ୧୪୨ରେ) ରେଳବାଇ ନିର୍ମାଣର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବାକୁ ପ୍ରସ୍ତାବ ରହିଥିଲା ବେଳେ ଅନ୍ୟ ସମସ୍ତ ୧୬ଟି ସ୍ଥାନରେ କେନ୍ଦ୍ର ଓ ରାଜ୍ୟର ସହ ଭାଗିତାରେ (୫୦ : ୫୦) ଓଭରବ୍ରିଜ ଗୁଡିକ ନିର୍ମାଣ ହେବ ବୋଲି ଜଣାପଡିଛି।

**ଯାଜପୁର ଜିଲ୍ଲାରେ ନିର୍ମାଣ ହେବ ୧୭ଟି ନୂଆ ଓଭର ବ୍ରିଜ : ୧,୦୯୫.୭୭ କୋଟି ମଞ୍ଜୁର**

# ଯୁବତୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁଷ୍କର୍ମ

ଭୁବନେଶ୍ୱର, (ସବ୍ୟୁ) : ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁଷ୍କର୍ମ କରିବା ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ବୁଧବାର ବିଳମ୍ବିତ ରାତିରେ ଥାନାରେ ଏତଲା ହେବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ହେଉଛି । ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ସହ ଡିସିପି ସର୍ବଣା ବିବେକ ଏମ୍ ଯାଇ ଛାନ୍ଭିନ୍ ଆରମ୍ଭ କରିଛନ୍ତି ।

ନୟାପଲ୍ଲୀ ଥାନା ଅଞ୍ଚଳରେ ବଡଭଉଣୀଙ୍କ ସହ ଭଡାରେ ରୁହନ୍ତି ୨୬ବର୍ଷୀୟା ଯୁବତୀ । ଦୁଇ ଭଉଣୀ ଘରର ଉପର ମହଲାରେ ଭଡାକୁ ରହୁଥିବା ବେଳେ ତଳ ମହଲାରେ ମାଲିକ ରହୁଛନ୍ତି । ବଡଭଉଣୀ ବୁଧବାର ଅନୁପସ୍ଥିତ ଥିବା ଅଭିଯୁକ୍ତ ଯୁବକ କିପରି ଜାଣିପାରିଥିଲା । ରାତି ପ୍ରାୟ ୧୦ଟା ବେଳେ ହାତରେ ବନ୍ଧୁକ ଧରି ଘର ଭିତରକୁ ଯିବା ସହ ପୀଡିତା ଭଡା ରହୁଥିବା ଘରର କବାଟକୁ ଠକ୍ ଠକ୍ କରିଥିଲା । ପୀଡିତା ଖୋଲିବା କ୍ଷଣି ତାଙ୍କ ମୁଣ୍ଡରେ ଅଭିଯୁକ୍ତ ବନ୍ଧୁକ ଲଗାଇ ଦେଇଥିଲା । ଏହା ପରେ ଉଭୟେ ଠେଲାପେଲା ହେବା ସହ ପୀଡିତା ବଡପାଟି କରିଥିଲେ । ହେଲେ କୌଣସି କାରଣ ପାଇଁ ସେ ନୀରବ ହୋଇଗଲେ ତାହା ସ୍ୱଷ୍ଟ ଜଣାପଡିନାହିଁ । ହୁଏତ ବନ୍ଧୁକ ଡରରେ ନୀରବ ହୋଇଯାଇଥାଇ ପାରନ୍ତି ବୋଲି କୁହାଯାଉଛି ।

ଅଭିଯୁକ୍ତ ଯୁବକ ପୀଡିତାଙ୍କୁ ପୂର୍ବରୁ ଜାଣିଥିଲେ ନା ହଠାତ୍ ଘର ଭିତରକୁ ଯାଇ ଦୁଷ୍କର୍ମ ଭଳି ଘଟଣା ଘଟାଇଲେ ତାହା ପୋଲିସ କହୁନାହିଁ । ଯଦି ହଠାତ୍ ସେହି ଯୁବକ ତାଙ୍କ ଘର ଭିତରକୁ ଯାଇଥାଏ, ତେବେ ବଡଭଉଣୀ ନଥିବା ସେ ଜାଣିଲା କିପରି ? ଉଭୟଙ୍କ ମଧ୍ୟରେ ପୂର୍ବରୁ ସମ୍ପର୍କ ଥିବା ସନ୍ଦେହ କରି ପୋଲିସ ଯୁବତୀଙ୍କ ମୋବାଇଲର ସିଡିଆର୍ ଯାଞ୍ଚ କରୁଛି । ପୋଲିସ ମାମଲା ରୁଜୁ କରିବା ପରେ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଛି । ହେଲେ ଗଠନ ହୋଇଥିବା ସ୍ୱତନ୍ତ୍ର ଟିମ୍ ସିସି କ୍ୟାମେରା ପ୍ରଭୃତିର ଫୁଟେଜକୁ ଆଧାର କରି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ ମଧ ୨୪ଘଣ୍ଟା ପରେ ଅଭିଯୁକ୍ତର ସନ୍ଧାନ ମିଳିନାହିଁ । ମାମଲା ରୁଜୁ ହେବା ପରେ ପୀଡିତାଙ୍କ ଡାକ୍ତରୀ ମାଇନା କରାଯାଇ ବୟାନ ରେକର୍ଡ ହୋଇଛି । ତାଙ୍କ ବୟାନରେ ତାଳମେଳ ରହୁନଥିବା ଜଣେ ପୋଲିସ ଅଫିସର କହିଛନ୍ତି । ଅଭିଯୁକ୍ତ ଯୁବକ ଗିରଫ ହେବା ପରେ ଦୁଷ୍କର୍ମ ରହସ୍ୟ ଉନ୍ମୋଚନ ହେବ ବୋଲି କୁହାଯାଉଛି । ଯୁବକ କେଉଁଆଡେ କିଭଳି ଫେରାର ହୋଇଗଲେ ତାହା ପୋଲିସ କହୁନଥିବା ବେଳେ ତା' ମୋବାଇଲ ନମ୍ବର ସଂଗ୍ରହ ପାଇଁ ଉଦ୍ୟମ କରୁଛି । ତଦନ୍ତ କେତେବାଟ ଆଗେଇଛି ବାସ୍ତବତା ଜାଣିବାକୁ ଚାହିଁଥିଲେ ମଧ୍ୟ ପୋଲିସ ସେ ସମ୍ପର୍କରେ ତଥ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରିଛି ।

# କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅନୁପ କୁମାର ସାହା

ଭୁବନେଶ୍ୱର (ସବ୍ୟୁ): କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ଼ ଘୋଷଣା କରିଛି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଅନୁପ କୁମାର ସାହାଙ୍କୁ ୦୧ ଜାନୁୟାରୀ, ୨୦୨୭ରୁ ତିନିବର୍ଷ ଅବଧି ପାଇଁ ବ୍ୟାଙ୍କର ପରି·ଳନା ନିର୍ଦ୍ଦେଶକ ଏବଂ ସିଇଓ ଭାବରେ ନିଯୁକ୍ତି ଦେବାକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ନିଯୁକ୍ତିକୁ ଆନୁଷ୍ଠାନିକ ରୂପ



ଦେବା ପାଇଁ ଏବଂ ଏଥିପାଇଁ ସଦସ୍ୟମାନଙ୍କ ଅନୁମୋଦନ ନେବା ନିମନ୍ତେ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ଯଥାସମୟରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ଅନୁପ ବର୍ତ୍ତମାନ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ପୂର୍ଣ୍ଣ-କାଳୀନ ନିର୍ଦ୍ଦେଶକ (କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ) ଭାବରେ କାର୍ଯ୍ୟରତ ଅଛନ୍ତି। ବ୍ୟାଙ୍କ ନିଜର ମଜବୁତ୍ ଭିତିଭୂମିକୁ ଆଗକୁ ବଢ଼ାଉଥିବା ବେଳେ, ବ୍ୟାଙ୍କର ସଂସ୍ଥାଗତ ଶକ୍ତି ବୃଦ୍ଧି କରିବା ଏବଂ ନିରନ୍ତର ବିକାଶ ପଥରେ ଆଗେଇ ନେବାରେ ଆମେ ଅନୁପଙ୍କ ନେତୃତ୍ୱକୁ ଆଶା କରୁଛୁ। ଅନୁପ କୁମାର ସାହା କହିଛନ୍ତି, "ମୋ ଉପରେ ବିଶ୍ୱାସ ରଖିଥିବାରୁ ମୁଁ ବୋଡର୍ ନିକଟରେ କୃତଜ୍ଞ ଏବଂ କୋଟାକ୍ ମହିନ୍ଦ୍ର ବ୍ୟାଙ୍କର ନେତୃତ୍ୱ ନେବାର ସୁଯୋଗ ପାଇ ଅତ୍ୟନ୍ତ ଆନନ୍ଦିତ। କୋଟାକ୍‌ର ଏକ ଶକ୍ତିଶାଳୀ ଭିତିଭୂମି, ବିଶ୍ୱସନୀୟ ବ୍ରାଣ୍ଡ ଏବଂ ସମଗ୍ର ସଂସ୍ଥାରେ ଦକ୍ଷ ଦଳ ରହିଛନ୍ତି। ଗ୍ରାହକ ସମ୍ପର୍କକୁ ଆହୁରି ମଜବୁତ କରିବା, କାର୍ଯ୍ୟକାରୀ କରିବା ଏବଂ ସେୟାରହୋଲ୍ଡରଙ୍କ ସହ ସମସ୍ତ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କ ପାଇଁ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ ମୁଁ ମୋର ସହକର୍ମୀମାନଙ୍କ ସହ ମିଶି କାର୍ଯ୍ୟକରିବାକୁ ଆଶା ରଖୁଛି।

# ଛୁରି ଦେଖାଇ ଦାଦାବଟି ଆଦାୟ ଯୁବକ ଗିରଫ

ପୁରୀ, (ସବ୍ୟୁ): ପୁରୀ ସହରରେ ଛୁରି ଦେଖାଇ ଅଟୋଚାଳକ ଓ ପରିବା ବ୍ୟବସାୟୀଙ୍କୁ ଭୟଭୀତ କରି ଦାଦାବଟି ଆଦାୟ ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ପୁଲିସର 'ଅପରେସନ ଚକ୍ର' ଅଭିଯାନରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ଗିରଫ ଯୁବକ ହେଲେ ସୁମ ଓରଫ ଜନମେଞ୍ଜୟ ରାଉଳ (୨୧)। ତାଙ୍କ ଘର କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଲେଙ୍କାସାହିରେ ବୋଲି ପୁଲିସ ସୂଚନା ଦେଇଛି। ତାଙ୍କ ନିକଟରୁ ଏକ ଛୁରି ଜବତ ହୋଇଛି। ପୁଲିସର ସୂଚନାନୁସାରେ, ଗୁରୁବାର ଦିନବେଳେ ଏସ୍ଆଇ ବିକାଶ କୁମାର ନାୟକ ପାଟ୍ରୋଲିଂ କରୁଥିବା ସମୟରେ ବଡ଼ଶଙ୍ଖ ପରିବା ମାର୍କେଟ ନିକଟରେ ଜଣେ ଯୁବକ ଛୁରି ଦେଖାଇ ସ୍ଥାନୀୟ ଅଟୋଚାଳକ ଓ ପରିବା ବ୍ୟବସାୟୀଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିବା ଖବର ପାଇଥିଲେ।

## ସନ୍ଥ ଗୋପାଲନ ଝଲକ ମାତ୍ର

# ଆଗକୁ ବହୁ ଅଫିସର ଚାକିରି ଛାଡ଼ିବେ: କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀ ସନ୍ଥ ଗୋପାଲନଙ୍କ ସ୍ୱେଚ୍ଛାକୃତ ଅବସର ନେବା ନିଷ୍ପତ୍ତି ବିଷୟରେ ଗୁରୁବାର କଂଗ୍ରେସ ଭବନଠାରେ ଗଣମାଧ୍ୟମକୁ ବିବୃତ୍ତି ଦେଇଛନ୍ତି । ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଡ଼ ଦେବାଶିଷ ପଟ୍ଟନାୟକ କହିଛନ୍ତି ଯେ, ଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ବିରୋଧରେ ଏସଆଇଆର ସଂଶୋଧନ ପ୍ରକ୍ରିୟା ଜାଲିଆତିକୁ ନେଇ ଦେଶସାରା ଆନ୍ଦୋଳନ ସୃଷ୍ଟି ହୋଇଥିବା ବେଳେ ଓଡିଶା ନିର୍ବାଚନ ଅଧିକାରୀଙ୍କ ସ୍ୱେଚ୍ଛାକୃତ ଅବସର ଅପିଲ ସନ୍ଦେହ ଘେରକୁ ଆସିଛି । ଏହା ସ୍ୱଷ୍ଟ ହେଉଛି ଯେ ସନ୍ଥ ଗୋପାଲନଙ୍କ ଉପରେ ବେଆଇନ କାମ କରିବା ପାଇଁ ଚାପ ସୃଷ୍ଟି ହୋଇଛି ଯାହା ତାଙ୍କ ନୈତିକତା ବାହାରେ । ତେଣୁ ସେ ଅବସର ନେବାପାଇଁ ବାଧ ହୋଇଛନ୍ତି । ପୂର୍ବରୁ ଭୁବନେଶ୍ୱର ଡିସିପି ମଧ ସେ୍ୱଚ୍ଛାକୃତ ଚାକିରି ତ୍ୟାଗ କରିଛନ୍ତି । ଭବିଷ୍ୟତରେ ସଚ୍ଚୋଟ, ନିର୍ଭୀକ ଓ କର୍ତ୍ତବ୍ୟପରାୟଣ ସବୁ ଅଫିସର ଗୋଟି ଗୋଟି ହୋଇ ଚାକିରି ଛାଡ଼ିବେ । ସନ୍ଥ ଗୋପାଲନ ଏଭଳି ଏକ ସମୟରେ କାହିଁକି ସ୍ୱେଚ୍ଛାକୃତ ଅବସର ଘୋଷଣା କରିଛନ୍ତି ତାହା ନିଶ୍ଚୟ ଏସଆଇରକୁ ନେଇ ପ୍ରବଳ ଚାପ ହୋଇଥିବ ବୋଲି ଡ଼ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଧୀରେ ଧୀରେ କର୍ତ୍ତବ୍ୟପରାୟଣ ଅଫିସର ଶାସନରୁ ଦୁରେଇ ଯିବା ରାଜ୍ୟ ସରକାରଙ୍କ ଅଯୋଗ୍ୟତାକୁ ଦର୍ଶାଉଛି ଏବଂ ଏତଦ୍ୱାରା ରାଜ୍ୟର ବିକାଶ ଉପରେ ଗୁରୁତର ବାଧା ସୃଷ୍ଟି ହେଉଛି ।

# ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ 'ଶରତ ସ୍ମୃତି' ନୃତ୍ୟ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ପଦ୍ମଶ୍ରୀ ଗୁରୁ ଗୀତା ମହାଲିକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରୋତ୍ସାହିତ ସାଂସ୍କୃତିକ ଅନୁଷ୍ଠାନ 'ଗୀତା'ସ୍ ଉପାସନା' ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରର ଷ୍ଟେଇନ୍ ଅଡିଟୋରିୟମ୍‌ରେ ୩୦ ସେପ୍ଟେମ୍ବର ୨୦୨୬ରେ 'ଶରତ ସ୍ମୃତି' ନୃତ୍ୟ ଉତ୍ସବ ଆୟୋଜିତ ହୋଇଥିଲା। ଭାରତର ଜଣେ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ଗୁରୁ ଗୀତା ମହାଲିକଙ୍କୁ ପଦ୍ମଶ୍ରୀ ସମ୍ମାନ, କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଓ ଓଡ଼ିଶା ରାଜ୍ୟ ଏକାଡେମୀ ପୁରସ୍କାର ସମେତ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ 'ଗୀତା'ସ୍ ଉପାସନା' ପକ୍ଷରୁ ଓଡ଼ିଶୀ ନୃତ୍ୟଶୈଳୀରେ ପ୍ରସ୍ତୁତ 'ଅଗ୍ନି' ନାମକ ଏକ ଗୀତିନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। ଗୁରୁ ଗୀତା ମହାଲିକ ଓ ତାଙ୍କ ନୃତ୍ୟଦଳର କଳାକାରମାନଙ୍କ ଚମତ୍କାର ପରିବେଷଣ



ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ସଂସ୍କୃତି ମନ୍ତ୍ରଣାଳୟ ଓ ପର୍ଯ୍ୟଟନ ମନ୍ତ୍ରଣାଳୟର ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇଣ୍ଡିଆ ହାବିଟାଟ୍ ସେଣ୍ଟର ଓ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗ କରିଥିଲେ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୦୧
ତିଥି : ଷଷ୍ଠୀ
୦୨ ଅକ୍ଟୋବର ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୬+୪, ମୂଲ୍ୟ- ଟ.୫.୦୦

# ସମୟ

SAMAYA

30th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

## ମହାନଦୀ ଜଳ ବିବାଦ ବୈଠକ

# ସମାଧାନର ନିକଟତର ହୋଇଛୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୧୦ (ସବ୍ୟୁ) : ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ବିବାଦର ଆପୋଷ ସମାଧାନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏବେ ଉଭୟ ରାଜ୍ୟ ସମାଧାନର ନିକଟତର ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି । ଆଜି ନୂଆଦିଲ୍ଲୀରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ



ଶାହଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲଙ୍କ ସମେତ ଉଭୟ ରାଜ୍ୟର ମୁଖ୍ୟ ସଚିବ ଓ ବୈଷୟିକ କମିଟି ସଦସ୍ୟମାନଙ୍କର ଏକ ବୈଠକ ହୋଇଥିଲା । ୧ ଘଣ୍ଟା ଧରି ପ୍ରାୟତଃ ଏହି ବୈଠକ ଚାଲିଥିଲା ।

ବୈଠକ ପରେ (୯ ପୃଷ୍ଠାରେ)

# ଫ୍ଲାଏଦୁବାଇ ବିମାନରେ ଭାରତୀୟ କ୍ୟାପ୍ଟେନ୍‌କୁ କୁରାଢ଼ିରେ ଆକ୍ରମଣ !

ନୂଆଦିଲ୍ଲୀ, ୦୧।୧୦ : ଇସ୍ରାଏଲ୍ ଅଭିମୁଖେ ଯାଉଥିବା ଫ୍ଲାଏଦୁବାଇ ବିମାନରେ ଆକାଶମାର୍ଗରେ ଆତଙ୍କବାଦୀ ଆକ୍ରମଣ ଉଦ୍ୟମ ଅଭିଯୋଗକୁ ନେଇ ନୂଆ ତଥ୍ୟ ସାମ୍ନାକୁ ଆସିଛି । ବିମାନର ଓମାନୀ ସହ-ପାଇଲଟ୍ ଭାରତୀୟ କ୍ୟାପ୍ଟେନ୍ ସ୍ମିତ ମଛରଙ୍କୁ ଛୁରି ନୁହେଁ, ବରଂ ବିମାନରେ ଜରୁରୀକାଳୀନ ସୁରକ୍ଷା ପାଇଁ ରଖାଯାଇଥିବା 'କ୍ରାସ୍ ଆକ୍ସ' ବା ଅଗ୍ନିଶମ କୁରାଢ଼ିରେ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି ।

ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତ ସହ-ପାଇଲଟ୍ ବାହାରୁ କୌଣସି ଅସ୍ତ୍ର ଆଣିନଥିଲେ । ବିମାନର କକ୍‌ପିଟ୍‌ରେ ରଖାଯାଇଥିବା କ୍ରାସ୍ ଆକ୍ସ ବ୍ୟବହାର କରି ସେ ତାଙ୍କ ସହକର୍ମୀଙ୍କୁ ଆକ୍ରମଣ କରିଥାଇପାରନ୍ତି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟ ଏହି ଆକ୍ରମଣରେ କ୍ରାସ୍ ଆକ୍ସ ବ୍ୟବହାର ହୋଇଥିବା କହିଛନ୍ତି ।

ଦୁବାଇରୁ ଉଡ଼ାଣର ପ୍ରାୟ ଅଢ଼େଇ ଘଣ୍ଟା ପରେ ବିମାନରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । ଫ୍ଲାଇଟ୍ ଟ୍ରାକିଂ ସଂସ୍ଥା ଫ୍ଲାଇଟ୍‌ରାଡାର୍ ୨୪ ଅନୁଯାୟୀ, ବିମାନଟି ପ୍ରାୟ ଏକ ମିନିଟ୍ ମଧ୍ୟରେ ୩୩ ହଜାର ଫୁଟ୍ ଉଚ୍ଚତାରୁ ୧୭ ହଜାର ଫୁଟ୍‌କୁ ଖସି ଆସିଥିଲା । ଏହାପରେ ଜୋର୍ଡାନ ସୀମା ନିକଟରେ ଅନିୟମିତ ଭାବେ ଘୂରିବା ପରେ ପ୍ରାୟ (୯ ପୃଷ୍ଠାରେ)

# ଅକ୍ଟୋବରରେ ପୁଣି ବାତ୍ୟା!

ଭୁବନେଶ୍ୱର, ୧।୧୦ (ସବ୍ୟୁ): ଅକ୍ଟୋବର ମାସ ଆସିଲେ ମନରେ ଛନକା ପଶେ । କାରଣ ଏହି ମାସରେ ତିନୋଟି ବାତ୍ୟା ହୋଇଛି । ତେବେ ଆଗାମୀ ଦୁଇ ଦିନରେ ଚଳିତ ବର୍ଷ ମୌସୁମୀ ଫେରିଯିବ । ଅକ୍ଟୋବର ୧୫ ବେଳକୁ ଏକ ଲଘୁଚାପ ସୃଷ୍ଟି ହୋଇ ଅଧିକ ଘନୀଭୂତ ହୋଇ ଅବପାତ ରୂପ ନେବ ବୋଲି ଭାରତୀୟ ପାଣିପାଗ ବିଭାଗ ବିସ୍ତାରିତ ଆକଳନରେ ଦର୍ଶାଇଛି । ଏବେ ଏହା ଅଧିକ ଘନୀଭୂତ ହେବ କି ନାହିଁ ତାହା ସ୍ପଷ୍ଟ ହୋଇଥିବା ବେଳେ ଅକେଫାବରରେ ବାତ୍ୟା ଭୟ ଘାରିଛି ।

ଚଳିତ ବର୍ଷ ମୌସୁମୀ ଋତୁରେ ଜୁନ୍ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ରାଜ୍ୟରେ ୧୪୮୪.୩ ମିମି ବର୍ଷା ରେକର୍ଡ ହୋଇଛି । ଯାହାକି ସ୍ୱାଭାବିକ ବର୍ଷା୧୧୫୦.୨ ମିମି (୯ ପୃଷ୍ଠାରେ)







ଆମ ସରକାର ଚାଷୀ ଭାଇ ଭଉଣୀମାନଙ୍କ
କଲ୍ୟାଣ ଓ ବିକାଶ ନିମନ୍ତେ ପ୍ରତିବଦ୍ଧ
୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ
୧ ଲକ୍ଷରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାତ୍ର ୨% ସୁଧରେ ଋଣ
ଚାଷୀଙ୍କୁ ରାଜ୍ୟ ସରକାରଙ୍କର
ଫସଲ ଋଣ ଯୋଜନାର ସହାୟତା
ଓଡ଼ିଶା ସରକାର
ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବାଲେଶ୍ୱର


TRANSRAIL
Power T&D
Substation
Civil Constructions
Railways
Pole & Lighting
TRANSRAIL LIGHTING LIMITED


URBAN BANK
KENDRAPARA
Best Urban Bank Of Odisha
Enjoy The Reduced Rate of Interest
QR CODE SCANNER AVAILABLE
HOUSING LOAN
CAR LOAN
GOLD LOAN
LOAN AGAINST POSTAL CERTIFICATE
CASH CREDIT
LOAN AGAINST PROPERTY
BHAGABAT PRASAD SWAROJGAR YOJANA
BUSINESS LOAN
Bhagyalaxmi Panda
CEO
Guru Prasad Mohanty
PRESIDENT


With best compliments from :-
BALASORE SCHOOL OF ENGINEERING
RANIPATNA, BALASORE - 756001
28 Years Old Diploma Institute in Odisha
SRINIX COLLEGE OF ENGINEERING


ଗାନ୍ଧୀ ଜୟନ୍ତୀ,ଶାରଦୀୟ ଦୁର୍ଗା
ପୂଜା ଓ ଦୈନିକ ଖବର କାଗଜ
ସମୟର ୩୦ ତମ ସ୍ୱନକ୍ଷତ୍ର
ଦିବସ ଅବସରରେ ବାଲେଶ୍ୱର
ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା ।
ସ୍ୱରୂପ ଦାସ
ପୂର୍ବତନ ବିଧାୟକ
ଶ୍ରୀମତୀ ମିତା ପଟ୍ଟନାୟକ
୫ନଂ ୱାର୍ଡ କାଉନସିଲ,
ବାଲେଶ୍ୱର


HOTEL JHADESWAR
06782 - 295053, 260853
8018608503 / 8018606776
Station Square, Balasore
JHADESWAR SWEETS
7852940043 / 8260919117
Fakir Mohan Golai, O.T. Road,Balasore
No Onion, No Garlic


ସମୟର ୩୦ତମ ସ୍ୱନକ୍ଷତ୍ର ଦିବସ ଓ
ଗାନ୍ଧିଜୟନ୍ତୀ ଅବସରରେ ବାଲେଶ୍ୱର ଜିଲ୍ଲାର
ଭାଇ, ଭଉଣୀ ଏବଂ ଶିଶୁମାନଙ୍କୁ ହାର୍ଦ୍ଦିକ
ଅଭିନନ୍ଦନ ଓ ଶୁଭେଚ୍ଛା ।
ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ
ବିଶିଷ୍ଟ ସମାଜସେବୀ
ରେମୁଣା, ବାଲେଶ୍ୱର


ISO 9001:2015 CERTIFIED
Visit us at www.hariplaast.com
Hari Plaast
STRONG & SAFE
PVC, CPVC, HDPE, PLB DUCT, MDPE(GAS) PIPES & FITTINGS
HARI UDYOG PVT LTD.
O.T. Road, Balasore-756001, Odisha
Phone: 06782-260963, 264555, +917894435283


Supporting
Public Health Engineering
since, last 50 years
Ori-Plast
LIFE LINES... NOT JUST PIPE LINES
PVC ASTM D1785
uPVC IS 4985
HDPE IS 4984
cPVC IS 15778
White Push Pipes ASTM D1785
Water Tank
SWR IS 13592


BISWA BHARATI SCIENCE RESIDENTIAL
HIGHER SECONDARY SCHOOL
ADMISSION OPEN
RESULT 2026
ବିଶ୍ୱଭାରତୀ ଯୁକ୍ତ ଦୁଇ ବିଜ୍ଞାନ ଆବାସିକ ମହାବିଦ୍ୟାଳୟ ସଫଳତାର ଶୀର୍ଷରେ
SUSHANTA KUMAR JENA
Bonth, Bdk.
10th Mark - 432
+2 Mark - 541
DHARITREE PANIGRAHI
Agarpada, Bdk.
10th Mark - 435
+2 Mark - 536
100% Result
88 1st. Division out of 115
TOTAL STUDENTS APPEARED IN THE EXAM 115 ALL THE STUDENTS PASSED
ABOVE - 500
12 STUDENTS
Mob:- 9937066993, 9861466681,
9937324156, Ph.: (06782) 296621


Emami GROUP
Emami PAPER MILLS
We follow the 3Rs
REDUCE
RECYCLE
REUSE
WE ARE
THE BEST
AFTER NATURE
Manufacturers of
International Quality Packaging Boards
(FDA & FSC) Certified
Superior Quality Writing Printing Paper
High Quality White and Pink Newsprint
Emami MaxoFold HB
Emami EcoStrong
Emami MaxoFold
Emami GlamKot
Emami Solitaire
Emami Regal
Emami Crystal White
Emami Grand Print Copier
Emami Standard Newsprint
Emami Pink Newsprint
Emami Paper Mills Limited
ISO 9001:ISO 14001: ISO 45001 Certified Company
www.emamipaper.com
Registered Office:
Emami Tower,
687 Anandapur, E.M.Bypass,
Kolkata - 700107, West Bengal
Unit Balasore:
Vill: Balgopalpur,
P.O: Rasulpur,
Dist: Balasore - 756020, Odisha
Email : balasore@emamipaper.com



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଞ୍ଚାୟତ ସଚେତନତା ଅଭିଯାନ

୨ ଅକ୍ଟୋବରରୁ ୧୪ ନଭେମ୍ବର ୨୦୨୬



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଞ୍ଚାୟତ ଆମ ସଂକଳ୍ପ

### ଆମର ଦାୟିତ୍ୱ

- ଶିଶୁ ଓ କିଶୋର/କିଶୋରୀ ଆମ ଦେଶର ସମ୍ପଦ
- ଶିଶୁ ଶ୍ରମକୁ ପ୍ରୋତ୍ସାହନ ବା ସମର୍ଥନ ଦିଅନ୍ତୁ ନାହିଁ
- ଶିଶୁମାନଙ୍କୁ ବିଦ୍ୟାଳୟ ପଠାଇ ଶିକ୍ଷା ଅଧିକାର ସୁନିଶ୍ଚିତ କରନ୍ତୁ
- ଶିଶୁ ଅଧିକାର ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରନ୍ତୁ

### ଆଇନରେ ଥିବା ଦଣ୍ଡ ବିଧାନ

- ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ
- ୧୪ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୮ ବର୍ଷ ବୟସ ପର୍ଯ୍ୟନ୍ତ କିଶୋର/କିଶୋରୀଙ୍କୁ ବିପଦସଙ୍କୁଳ କାମରେ ନିୟୋଜନ ନିଷେଧ
- ଏଭଳି କାମରେ ନିୟୋଜିତ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଯାଏଁ ଜରିମାନା ସହିତ ଜେଲଦଣ୍ଡ ମଧ୍ୟ ହୋଇପାରେ
- ଏଭଳି ଭୁଲ୍‌ର ପୁନରାବୃତ୍ତି ହେଲେ ୩ ବର୍ଷ ଯାଏଁ ଜେଲଦଣ୍ଡ ସହିତ ଜରିମାନା ଦେବାକୁ ପଡ଼ିପାରେ

କୌଣସି ଶିଶୁ ଶ୍ରମିକ ଘଟଣା ଆପଣଙ୍କ ନଜରକୁ ଆସିଲେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ନିଶ୍ଚୟ ଜଣାନ୍ତୁ

ନିଃଶୁଳ୍କ ଶ୍ରମିକ ସହାୟତା ନମ୍ବର ୧୮୦୦-୩୪୫-୬୭୦୩

ନିଃଶୁଳ୍କ ଶିଶୁ ସହାୟତା ହେଲ୍ପଲାଇନ୍ ୧୦୯୮

ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଶିଶୁ ଅଧିକାରକୁ ସୁନିଶ୍ଚିତ କରିବା, ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେବା

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

OIPR: 17001/17002/2/26-27/0007 17001/17/2627



TATA STEEL
#WeAlsoMakeTomorrow

TATA

## FORGING ODISHA'S FUTURE WITH SUSTAINABLE STEELMAKING

Tata Steel's steelmaking facilities at Kalinganagar and Meramandali have both received the coveted Responsible Steel™ certification. A significant milestone in our journey, this recognition underscores our commitment to the planet. Responsible Steel™ is the global standard for sustainability in the steel industry.

This is an acknowledgement of our efforts to proactively address sustainability objectives and create a better tomorrow.



Tata Steel Kalinganagar



Tata Steel Meramandali

Responsible Steel™ standards & certification





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ବୁଲା ପ୍ରାଣୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

## ଆନିମଲ୍ ହେଲ୍ପଲାଇନ୍ ନମ୍ବର 1962 (ଟୋଲ୍ ଫ୍ରି)

- ଦୁର୍ଘଟଣାରେ ଆହତ ପ୍ରାଣୀମାନଙ୍କ ପାଇଁ ତୁରନ୍ତ ସେବା
- ୨୪x୭ କଟକ, ଭୁବନେଶ୍ୱର ଏବଂ ବ୍ରହ୍ମପୁରରେ ୨୪ x ୭ ସେବା
- ରାଜ୍ୟର ୨୦ଟି ପୌରାଞ୍ଚଳରେ ସକାଳ ୬ଟାରୁ ରାତି ୧୦ଟା ଯାଏଁ ମିଳୁଛି ସେବା
- ଗ୍ରାମାଞ୍ଚଳରେ ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା ୟୁନିଟ୍ ଦ୍ୱାରା ସେବା ପ୍ରଦାନ

ଅସୁସ୍ଥ କିମ୍ବା ଦୁର୍ଘଟଣାରେ ଆହତ ବୁଲା ପ୍ରାଣୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଆନିମଲ୍ ହେଲ୍ପଲାଇନ୍ ନମ୍ବର '1962'ରେ ଯୋଗାଯୋଗ କରନ୍ତୁ।

ଆସନ୍ତୁ ସମସ୍ତେ ସଚେତନ ହେବା, ଅସହାୟ ପ୍ରାଣୀଙ୍କୁ ସୁରକ୍ଷା ଦେବା

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

OIPR: 6001/6042/2/26-27/0001 6001/120/2627



विद्युत मंत्रालय
MINISTRY OF POWER





ଭାରତ ଶକ୍ତି ସଂରକ୍ଷଣର ଅନନ୍ୟ ଓ ଅଭିନବ ପଦ୍ଧତି ଆପଣାଇଛି, ଯାହା ନିରନ୍ତର ବିକାଶକୁ ଆଗକୁ ବଢ଼ାଇବା ସହ ନାଗରିକମାନଙ୍କୁ ମଧ୍ୟ ଲାଭାନ୍ୱିତ କରୁଛି ।

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

## ଶକ୍ତି ସଂରକ୍ଷଣ ଉପରେ - ୨୦୨୬

ବିଷୟବସ୍ତୁ

ବିଦ୍ୟାଳୟ ଓ ଘରେ ଶକ୍ତି ସଞ୍ଚୟ କରନ୍ତୁ

ଶକ୍ତି ସଂରକ୍ଷଣ ହିଁ ଶକ୍ତି ସୁରକ୍ଷାର ମୂଳ ଚାବିକାଠି

ଗ୍ରୁପ୍ ଏ: ୫ମ, ୬ଷ୍ଠ ଓ ୭ମ ଶ୍ରେଣୀ

ଗ୍ରୁପ୍ ବି: ୮ମ, ୯ମ ଓ ୧୦ମ ଶ୍ରେଣୀ

### ଚିତ୍ରାଙ୍କନ ପୁରସ୍କାର ମୂଲ୍ୟ

| ପୁରସ୍କାର ବର୍ଗ | ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ସ୍ତରୀୟ ପୁରସ୍କାର | | | ପୁରସ୍କାର ବର୍ଗ | ଜାତୀୟ ସ୍ତରୀୟ ପୁରସ୍କାର | | |
|---|---|---|---|---|---|---|---|
| | ପୁରସ୍କାର ସଂଖ୍ୟା | ଗ୍ରୁପ୍ ଏ | ଗ୍ରୁପ୍ ବି | | ପୁରସ୍କାର ସଂଖ୍ୟା | ଗ୍ରୁପ୍ ଏ | ଗ୍ରୁପ୍ ବି |
| ପ୍ରଥମ ପୁରସ୍କାର/ ସ୍ୱର୍ଣ୍ଣ ପଦକ | ୦୧ ଟି | ଟ. ୫୦,୦୦୦/- | ଟ. ୫୦,୦୦୦/- | ପ୍ରଥମ ପୁରସ୍କାର/ ସ୍ୱର୍ଣ୍ଣ ପଦକ | ୦୧ ଟି | ଟ. ୧,୦୦,୦୦୦/- | ଟ. ୧,୦୦,୦୦୦/- |
| ଦ୍ୱିତୀୟ ପୁରସ୍କାର/ ରୌପ୍ୟ ପଦକ | ୦୧ ଟି | ଟ. ୩୦,୦୦୦/- | ଟ. ୩୦,୦୦୦/- | ଦ୍ୱିତୀୟ ପୁରସ୍କାର/ ରୌପ୍ୟ ପଦକ | ୦୧ ଟି | ଟ. ୫୦,୦୦୦/- | ଟ. ୫୦,୦୦୦/- |
| ତୃତୀୟ ପୁରସ୍କାର/ ବ୍ରୋଞ୍ଜ ପଦକ | ୦୧ ଟି | ଟ. ୨୦,୦୦୦/- | ଟ. ୨୦,୦୦୦/- | ତୃତୀୟ ପୁରସ୍କାର/ ବ୍ରୋଞ୍ଜ ପଦକ | ୦୧ ଟି | ଟ. ୩୦,୦୦୦/- | ଟ. ୩୦,୦୦୦/- |
| ପ୍ରଶଂସନୀୟ ପୁରସ୍କାର | ୧୦ ଟି | ଟ. ୭,୫୦୦/- | ଟ. ୭,୫୦୦/- | ପ୍ରଶଂସନୀୟ ପୁରସ୍କାର | ୧୦ ଟି | ଟ. ୧୫,୦୦୦/- | ଟ. ୧୫,୦୦୦/- |

ଜାତୀୟ ସ୍ତରର ବିଜେତାମାନେ ଲାପଟପ୍/ଟାବଲେଟ୍ ଏବଂ ଭାରତ ମଧ୍ୟରେ ଏକ ଶିକ୍ଷଣୀୟ ଭ୍ରମଣର ସୁଯୋଗ ମଧ୍ୟ ପାଇବେ ।

ଚିତ୍ରାଙ୍କନ ଜମା କରିବାର ଶେଷ ତାରିଖ: ୧୫ ଅକ୍ଟୋବର ୨୦୨୬

CBC 34106/13/0011/2627

# ଡିଭାଇନ୍‌ରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବାରିପଦା, (ସବ୍ୟୁ) : ବାରିପଦାସ୍ଥିତ ଡିଭାଇନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସେପ୍ଟେମ୍ବର ୩୦ତାରିଖରେ ଅନୁଷ୍ଠାନ ପରିସରରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ଛାତ୍ରଛାତ୍ରୀଙ୍କୁ ଈଶ୍ୱରବିଶ୍ୱାସୀ, ପରିଶ୍ରମୀ ଓ ସଚ୍ଚୋଟ ହୋଇ ଜୀବନରେ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ବୈଷୟିକ ଓ ବିଜ୍ଞାନ ଶିକ୍ଷାର ଆବଶ୍ୟକତା ସହ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ପରିଷଦ ଉତ୍ତର ମଣ୍ଡଳର ଉପସଚିବ ରାଜେଶ କୁମାର ପ୍ରଧାନ, ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ବରିଷ୍ଠ ପଦାର୍ଥ ବିଜ୍ଞାନ ଅଧ୍ୟାପକ ମନୋଜ ରଞ୍ଜନ ଦାଶ ଓ ଜିଲ୍ଲା ଶିକ୍ଷା ମଣ୍ଡଳର ବରିଷ୍ଠ ଅଧିକାରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଜ ଉପରେ ବିଶ୍ୱାସ ରଖି କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡ଼େଇ ଓ ନିର୍ଦ୍ଦେଶକ ଇଂ. ଗୌରବ ବୁଗୁଡ଼େଇ ମଧ୍ୟ ଛାତ୍ରଛାତ୍ରୀଙ୍କୁ ନିଜ କ୍ଷେତ୍ରରେ ଦକ୍ଷତା ହାସଲ ସହ ବୈଷୟିକ ଶିକ୍ଷାକୁ ଗୁରୁତ୍ୱ ଦେବାକୁ କହିଥିଲେ। ଡିଭାଇନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିବ୍ୟଶଙ୍କର ପାଲ ଓ ଡିଭାଇନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ. ଅଭିନ୍ନ କୁମାର ଦାସ ଉପସ୍ଥିତ ଥିଲେ। ଉତ୍ସବରେ ଡିପ୍ଲୋମା ଇଲେକ୍ଟ୍ରିକାଲ ବିଭାଗର ପ୍ରିୟା ମଣ୍ଡଳଙ୍କୁ ମିସ୍ ଫ୍ରେଶର ଓ ମେକାନିକାଲ ବିଭାଗର ସବ୍ୟସାଚୀ ମିଶ୍ରଙ୍କୁ ମିଷ୍ଟର ଫ୍ରେଶର ଚୟନ କରାଯାଇଥିଲା। ଯୁକ୍ତ ଦୁଇ ବିଜ୍ଞାନରେ ପ୍ରିୟଙ୍କା ରାଉତ ମିସ୍ ଫ୍ରେଶର ଏବଂ ଭବାନୀ ଶଙ୍କର ମହାନ୍ତ ମିଷ୍ଟର ଫ୍ରେଶର ହୋଇଥିଲେ। ଏହାସହ ବିଶ୍ୱକର୍ମା ପୂଜାକୁ ବିଷୟବସ୍ତୁ କରି ରିଲ୍ସ ପ୍ରତିଯୋଗିତା ହୋଇଥିଲା। ଏଥିରେ ଦୀପକ କୁମାର ପାତ୍ର ପ୍ରଥମ, ଚିନ୍ମୟ ସେନ ଦ୍ୱିତୀୟ ଏବଂ ବିର୍ଜୁ ତାମୁଡ଼ିଆ ଓ ସହିଲ କୁମାର ଦାସ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ସହଯୋଗରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ ସହ ଉତ୍ସବ ଶେଷ ହୋଇଥିଲା।

# ଯୌନ ଶୋଷଣ ସହ ପ୍ରତାରଣା, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଯୌନ ଶୋଷଣ, ଧମକ ଦେଇ ଟଙ୍କା ଦାବି ଏବଂ ଅନ୍ତରଙ୍ଗ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଧମକ ଦେବା ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ଓଏସଆରଟିସି ଡ୍ରାଇଭରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା। ଦିଗପହଣ୍ଡି ଥାନା ସିଦ୍ଧେଶ୍ୱର ଗ୍ରାମର ଲତପସ ସେଠୀ (୩୬)। ସେ ବ୍ରହ୍ମପୁର ଓଏସଆରଟିସି ବସରେ ଡ୍ରାଇଭର ଭାବେ କାର୍ଯ୍ୟରତ । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ ଫୋନ୍ ସହ ସିମ୍, ଘଟଣା ବେଳେ ସେ ବ୍ୟବହାର ପିନ୍ଧିଥିବା ପୋଷାକ, ଆଧାରକାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ଅନ୍ୟାନ୍ୟ ସମ୍ପୃକ୍ତ ଦଲିଲ ଜବତ କରିଛି। ଉଭୟ ପିଡ଼ିତା ଓ ଅଭିଯୁକ୍ତଙ୍କ ଏମକେସିଜି ମେଡିକାଲରେ ଡାକ୍ତରୀ ମଇନା କରାଯାଇଛି। କେସ୍ ନମ୍ବର ୭୩୯/୨୬ ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ ଓଏସଆରଟିସିରେ କମ୍ପ୍ୟୁଟର ଅପରେଟର ଭାବେ ୩୦ ବର୍ଷୀୟା ଜଣେ ମହିଳା କାମ କରନ୍ତି। ୨୦୨୩ ମସିହାରେ ବିବାହର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଉକ୍ତ ମହିଳାଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ପରେ ଗତ ପ୍ରାୟ ଏକ ବର୍ଷ ଧରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଏହି ସମୟରେ ଅଭିଯୁକ୍ତ ଗୁପ୍ତ ଭାବେ ମହିଳାଙ୍କ ଅନ୍ତରଙ୍ଗ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ମହିଳା ଜଣକ ବିବାହ ପାଇଁ ଜୋର ଦେବାରୁ ଅଭିଯୁକ୍ତ ବିବାହ କରିବାକୁ ମନା କରିବା ସହ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏହାକୁ ଡିଲିଟ୍ କରିବା ପାଇଁ ସେ ୫ ଲକ୍ଷ ଟଙ୍କା ଦାବି କରିଥିବା ସହ ତାଙ୍କୁ ପ୍ରତାରଣା ନେଇ ମହିଳା ଜଣଙ୍କ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗରର ଛାତ୍ର
# କ୍ଷେତ୍ରସ୍ତରୀୟ ଗଣିତ ପ୍ରଶ୍ନମଞ୍ଚରେ ପ୍ରଥମ, ସର୍ବଭାରତୀୟସ୍ତରକୁ ମନୋନୀତ



ବ୍ରହ୍ମପୁର, (ସବ୍ୟୁ) : ଦୁଇଦିନ ଧରି ଉତ୍ତର ବଙ୍ଗର ରାୟଗଞ୍ଜଠାରେ କ୍ଷେତ୍ରସ୍ତରୀୟ ଗଣିତ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥୁଲ । ଯେଉଁଥିରେ ଭାରତର ଓଡ଼ିଶା, ଉତ୍ତରବଙ୍ଗ, ଦକ୍ଷିଣବଙ୍ଗ, ଆଣ୍ଡାମନ୍ ଓ ସିକ୍କିମ୍ ଭଳି ପାଞ୍ଚୋଟି ରାଜ୍ୟର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେଥିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠନଗରର ଅଷ୍ଟମ ଶ୍ରେଣୀର ଛାତ୍ର ଶ୍ରୀମାନ୍ ଶୁଭ୍ରାଂଶୁ ପାଣିଗ୍ରାହୀ, ଶ୍ରୀମାନ୍ ଆଶିଷ ପାଣିଗ୍ରାହୀ ଏବଂ ଶ୍ରୀମାନ୍ କେ. ଆଦିତ୍ୟ ରାଓ ଗଣିତ ପ୍ରଶ୍ନମଞ୍ଚ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିବା ସହ ସର୍ବଭାରତୀୟ ସ୍ତରକୁ ମନୋନୀତ ହୋଇଛନ୍ତି । ଏହି ଛାତ୍ରମାନେ ପୂର୍ବରୁ ସଙ୍କୁଳ, ବିଭାଗ, ସମ୍ଭାଗ ଏବଂ ପ୍ରାନ୍ତରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସର୍ବଭାରତୀୟ ସ୍ତରର ପ୍ରତିଯୋଗିତା ଆଗାମୀ ନଭେମ୍ବର ମାସ ୨୧ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ଧନବା ଠାରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସମେତ ପ୍ରଧାନାଚାର୍ଯ୍ୟ ଏସ୍ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ଶୈକ୍ଷିକ ପ୍ରଶାସକ ଶ୍ରୀମାନ୍ ଉମଧବ ମହାନ୍ତି ତଥା ପରିଚାଳନା ସମିତି ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ ଓ ସମସ୍ତ ସଦସ୍ୟ ସଦସ୍ୟା ଏବଂ ଉପଦେଷ୍ଟା ମଣ୍ଡଳୀ କୃତି ଛାତ୍ରମାନଙ୍କ ସମେତ ସହଯୋଗୀ ଆଚାର୍ଯ୍ୟ ପ୍ରସନ୍ନ ସାହୁ ଏବଂ ଏମ୍.ଅରୁଣ ପାତ୍ରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ପୁଷ୍ପଗୁଚ୍ଛ ଅର୍ପଣ କରିଛନ୍ତି ।

# ଦୁଇ ବାଇକ୍ ମୁହାଁମୁହିଁ, ୩ ଗୁରୁତର

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ଖୋଳଖାଳି ଛକ ଓ ପେଟ୍ରୋଲ ପମ୍ପ ମଝି ରାସ୍ତାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଆରୋହୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ଆହତମାନେ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଜିରାବାଡି ଗ୍ରାମର ଜିତେନ୍ଦ୍ର ସାଠୁଆ (୪୦) ଓ ଗୋପାଳ ସେଠୀ (୨୭) ଏବଂ ବୁଗୁଡା ଥାନା ଅନ୍ତର୍ଗତ ପଙ୍କଲବାଡି ଗ୍ରାମର ଚନ୍ଦନ ଦାସ(୪୨) ଓ ପାଏଲ ନାଇକ (୧୩)। ଗୁରୁବାର ସଂଧ୍ୟାରେ ଚନ୍ଦନ ଓ ପାଏଲ ବାଇକ୍(ନଂ ଓଡି–୩୨କେ ୪୭୭୯) ଯୋଗେ ବୁଗୁଡାରୁ ଗାଁକୁ ଫେରୁଥିଲେ ଏବଂ ଜିତେନ୍ଦ୍ର ଓ ଗୋପାଳ ମଧ୍ୟ ବାଇକ୍ (ନଂ ଓଡି–୨୫ବି ୯୩୯୫) ଯୋଗେ ବୁଗୁଡାକୁ ଆଡକୁ ଆସୁଥିଲେ। ତେବେ ପେଟ୍ରୋଲ ପମ୍ପ ପରେ ଖୋଳଖାଳି ଛକ ପୂର୍ବରୁ ରାଜ୍ୟ ରାଜପଥରେ ଉଭୟ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଗୋପାଳ ଓ ଚନ୍ଦନର ଡାହାଣ ଗୋଡରେ ଗଭୀର ଆଘାତ ଲାଗିଥିବା ବେଳେ ପାଏଲଙ୍କ ଅଣ୍ଟାରେ ଆଘାତ ଲାଗିଥିଲା ଏବଂ ଜିତେନ୍ଦ୍ରଙ୍କ ଡାହାଣ ପାଦ ଓ ଆଣ୍ଠୁରେ ଆଘାତ ଲାଗିଥିଲା। ଆହତ ଚାରି ଜଣଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୋପାଳ, ଚନ୍ଦନ ଓ ପାଏଲଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ପୋଲିସ ମେଡିକାଲ ଏବଂ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଦୁଇଟିକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ଶିଶୁ ଶ୍ରମମୁକ୍ତ ଗ୍ରାମପଞ୍ଚାୟତ ପାଇଁ ୪୪ ଦିନିଆ ଅଭିଯାନ

ବାରିପଦା, (ସବ୍ୟୁ) : ଶିଶୁ ଶ୍ରମ ପ୍ରଥାର ନିରାକରଣ ସହ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ଓ ସୁରକ୍ଷା ସହ ଯୋଡ଼ିବା ଲକ୍ଷ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ୪୪ଦିନିଆ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଅଭିଯାନ ଆରମ୍ଭ ହେବ। ଆସନ୍ତା ୨ଅକ୍ଟୋବରରୁ ୧୪ନଭେମ୍ବର ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଜିଲ୍ଲାର ୪୦୪ଟି ଗ୍ରାମ ପଞ୍ଚାୟତକୁ ସାମିଲ କରାଯାଇଥିବାବେଳେ ୨୦୨୯ ସୁଦ୍ଧା ନିଜ ଅଞ୍ଚଳକୁ ଶିଶୁ ଶ୍ରମମୁକ୍ତ କରିବା ପାଇଁ ପଞ୍ଚାୟତଗୁଡ଼ିକ ସାମୂହିକ ସଂକଳ୍ପ ନେବେ। ଏହି ଅବସରରେ ପଦଯାତ୍ରା, ସଚେତନତା ସଭା, ସଂକଳ୍ପ ଗ୍ରହଣ ଓ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ହେବ। ଅଭିଯାନରେ ଶିଶୁ ଶ୍ରମିକଙ୍କ ଚିହ୍ନଟ ଓ ଉଦ୍ଧାର ସହ ଉଦ୍ଧାର ହୋଇଥିବା ଶିଶୁଙ୍କ ଶିକ୍ଷା, ପୁନର୍ବାସ ଓ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ଏଥିରେ ପଞ୍ଚାୟତ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ, ଅଭିଭାବକ, ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ଲୋକଙ୍କୁ ସାମିଲ କରାଯିବ। ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ନିରଞ୍ଜନ ନାୟକ ପ୍ରେସ ବିବୃତି ମାଧ୍ୟମରେ ଅଭିଯାନର ରୂପରେଖ ସମ୍ପର୍କରେ ସୂଚନା ଦେଇ ଏହାକୁ ସଫଳ କରିବା ସହ ଶିଶୁ ଶ୍ରମମୁକ୍ତ ମୟୂରଭଞ୍ଜ ଗଠନରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ମା'ଅମ୍ବିକା ପୀଠରେ ବନ୍ୟା କ୍ଷୟ କ୍ଷତି, ପୁନଃନିର୍ମାଣ ଦାବି



ବାରିପଦା, (ସବ୍ୟୁ) : ସମ୍ପ୍ରତି ବନ୍ୟା ଓ ପାହାଡ଼ିଆ ପାଣିର ପ୍ରଖର ସ୍ରୋତରେ କ୍ଷତିଗ୍ରସ୍ତ ମୟୂରଭଞ୍ଜର ପ୍ରାଚୀନ ମାଅମ୍ବିକା ଶକ୍ତିପୀଠ ଓ ସଂଲଗ୍ନ ଭିତ୍ତିଭୂମିର ତୁରନ୍ତ ପୁନରୁଦ୍ଧାର ଓ ପୁନଃନିର୍ମାଣ ପାଇଁ ଦାବି ହୋଇଛି। ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନଙ୍କ ସମେତ ବିଭିନ୍ନ ନେତୃବୃନ୍ଦ ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରାଥମିକ ଆକଳନ ଅନୁଯାୟୀ ବନ୍ୟାଜଳ ଯୋଗୁଁ ପୀଠ ଓ ଏହାର ଆଖପାଖ ଭିତ୍ତିଭୂମିର ପ୍ରାୟ ୫କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ଦାବି କରାଯାଇଛି। ପାହାଡ଼ିଆ ପାଣିର ପ୍ରଖର ସ୍ରୋତରେ ପାଚେରୀ, ପାହାଡ଼ ସୁରକ୍ଷା ବ୍ୟବସ୍ଥା ଓ ଲୁହା ବାଡ଼ ସହ ପ୍ରାୟ ୨କୋଟି ଟଙ୍କା ଅଟକଳରେ ନିର୍ମିତ କଲଭର୍ଟ ଏବଂ ପ୍ରାୟ ୩କୋଟି ଟଙ୍କା ଅଟକଳର ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଛି। ଫଳରେ ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଆଗାମୀ ପର୍ଯ୍ୟଟନ ଋତୁରେ ପୀଠକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିବାର ଥିବାରୁ ଭଗ୍ନ ଭିତ୍ତିଭୂମି ଯୋଗୁଁ ସୁରକ୍ଷା ନେଇ ଚିନ୍ତା ପ୍ରକାଶ ପାଇଛି। ତେଣୁ ତୁରନ୍ତ ବୈଷୟିକ ଟିମ୍ ଦ୍ୱାରା କ୍ଷୟକ୍ଷତିର ସରଜମିନ ଆକଳନ କରି ଆବଶ୍ୟକ ଅର୍ଥ ମଞ୍ଜୁର ସହ ପୀଠ, ରାସ୍ତା, କଲଭର୍ଟ, ପାଚେରୀ ଓ ସୁରକ୍ଷା ବାଡ଼ର ମରାମତି ଓ ପୁନଃନିର୍ମାଣ କରିବାକୁ ଦାବି ହୋଇଛି। ଏଥିସହ ଭବିଷ୍ୟତରେ ପାହାଡ଼ିଆ ପାଣି ଯୋଗୁଁ ଏଭଳି କ୍ଷୟକ୍ଷତି ରୋକିବା ପାଇଁ ଉପଯୁକ୍ତ ଡ୍ରେନେଜ୍, ରିଟେନିଂ ୱାଲ୍, ପାହାଡ଼ ସୁରକ୍ଷା ଓ ବନ୍ୟାଜଳ ନିଷ୍କାସନ ନେଇ ସ୍ଥାୟୀ ବୈଷୟିକ ଯୋଜନା ପ୍ରସ୍ତୁତ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଏହି ଅବସରରେ ପୂର୍ବତନ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଯୁବ ନେତା ସତ୍ୟରଞ୍ଜନ ପଟ୍ଟନାୟକ, ସୁନୀଲ ନାୟକ, ଛାତ୍ର ସଭାପତି ଆଭାସ ଦେ ଓ ଦୈପାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ମୁଣ୍ଡରେ ହାତୀପଲ, ଲୋକେ ଆତଙ୍କିତ



କାମାକ୍ଷାନଗର,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ବାଲିଗୋରଡ଼ ରଗଡାରେ ୫ଟିକିଆ ହାତୀପଲକୁ ଦେଖି ଗ୍ରାମବାସୀମାନେ ସକାଳୁ ସକାଳୁ ଆତଙ୍କିତ ହୋଇପଡ଼ିଛନ୍ତି ।ଚାଷ ସମୟରେ ହାତୀପଲ ଗାଁ ନିକଟରେ ପହଞ୍ଚିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି । ହାତୀଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି ।କାମାକ୍ଷାନଗର ବ୍ଲକ ବାଲିଗୋରଡ଼ ଗାଁ ତଳରଗଡା ଅଞ୍ଚଳରେ ୫ଟିକିଆ ହାତୀପଲ ସକାଳୁ ଘୂରି ବୁଲୁଥିବା ଦେଖିବାକୁ ମିଳିଛି ।ବର୍ତ୍ତମାନ ଚାଷ କାର୍ଯ୍ୟ ଚାଲିଥିବା ବେଳେ ହାତୀପଲ ଗାଁ ନିକଟକୁ ଆସିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି । ଧାନ ଫସଲର କ୍ଷୟକ୍ଷତି ନେଇ ଚାଷୀମାନେ ଆଶଙ୍କାରେ ରହିଛନ୍ତି ।ହାତୀପଲ ଦେଖାଯିବା ପରେ ରଗଡା ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ହାତୀଙ୍କ ନିକଟକୁ ନଯିବାକୁ ଏବଂ ସତର୍କ ରହିବାକୁ ଲୋକଙ୍କୁ ବନବିଭାଗ ତରଫରୁ ସଚେତନ କରାଯାଉଛି ।

# ହିନ୍ଦୋଳ ତହସିଲରେ ମନୋମୁଖୀ କାର୍ଯ୍ୟ
# ଅନଶନ ଓ ଧାରଣାରେ ବସିଲେ ଆଇନଜୀବୀ

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ତହସିଲ ଅଫିସରେ ମନମୁଖୀ କାଯ୍ୟକଳାପ ଅଭିଯୋଗ ନେଇ ହିନ୍ଦୋଳ ଓକିଲ ସଙ୍ଘ ପକ୍ଷରୁ ଆନ୍ଦୋଳନ ଓ ଅନଶନ କରାଯାଇଛି। ଖବରରୁ ପ୍ରକାଶ ହିନ୍ଦୋଳ ତହସିଲ ଅଫିସରେ ସବୁବେଳେ ମନମୁଖୀ କାର୍ଯ୍ୟ ସହିତ ଜନସାଧାରଣଙ୍କର କୌଣସି କାର୍ଯ୍ୟ ସଠିକ ଭାବରେ ନହେବା, ଅତ୍ୟଧିକ ଅର୍ଥ ସଂଗ୍ରହ ସହିତ ଦଲାଲ ମାନେ ରାଜ କରୁଥିବା ନେଇ ଆଗରୁ ଅଭିଯୋଗ ହୋଇଆସୁଥିଲା। ତେବେ ତହସିଲ ଅଫିସ ଭିତରେ ମନମୁଖୀ କାର୍ଯ୍ୟକଳାପ ହେଉଥିବା ଅଭିଯୋଗ ନେଇ ଆଜି ହିନ୍ଦୋଳ ଓକିଲ ସଙ୍ଘର ସଭାପତି ସୁଶୀଲ ଗଡ଼ନାୟକଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟମାନେ ତହସିଲ ଅଫିସ ସାମ୍ନାରେ ଶାନ୍ତିପୂର୍ଣ୍ଣ ଭାବରେ ଆଜି ଆନ୍ଦୋଳନ କରିବାସହ ଅନଶନରେ ବସିଥିଲେ। ତେବେ ସମସ୍ୟାର ସମାଧାନର ସୂତ୍ର ବାହାର କରିବାପାଇଁ ହିନ୍ଦୋଳ ତହସିଲଦାର ଦିଲୀପ ସେଠି ଆଇନଜୀବୀ ମାନଙ୍କ ସହିତ ବୈଠକ କରି ଆଲୋଚନା କରିବାସହ ସମସ୍ୟାର ସମାଧାନ ପାଇଁ ନିର୍ଭର ପ୍ରତିଶୃତି ଦେବାରୁ ଓକିଲ ସଙ୍ଘ ଧାରଣା ଓ ଅନଶନରୁ ଓହରିଥିଲେ। ତେବେ ଏହି ଘଟଣାକୁ ନେଇ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର କାରଣ ପାଲଟିଥିବା ବେଳେ ଆଗକୁ ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ କେତେପରିମାଣରେ ହେଉଛି ତାହା ପ୍ରତିଶୃତି ପାଳନ କରିବା ପରେ ଜଣାପଡିବ ବୋଲି ଆଇନଜିବୀମାନେ କହିଛନ୍ତି।

# ରାଜପଥ ମରାମତି କାର୍ଯ୍ୟ କଲେ
# ତାଳଚେର ନଗରପାଳ ଓ କାଉନସିଲର

ତାଳଚେର ,(ସବ୍ୟୁ) : ତାଳଚେର ସହର ଦେଇ ଯାଇଥିବା ଏନ ଏଚ ଆଇ ଜାତୀୟ ରାଜପଥ ମୁଖ୍ୟ ଟ୍ରାଫିକ ଛକ ସମେତ ଏହାର ଆଖ ପାଖ ଅଞ୍ଚଳଟି ଦୀର୍ଘ ଦିନ ବ୍ୟାପୀ ବର୍ଷା ଜଳ ସାଙ୍ଗକୁ ନର୍ଦ୍ଦମା ପାଣି ସମେତ ଖାଲ ଖମାଣ ହୋଇ ଏକ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଥିଲା । ଏ ନେଇ ଏନ ଏଚ ଆଇ କର୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ଏଥି ପ୍ରତି କେହି ହେଲେ ସାମାନ୍ୟତମ ଦୃଷ୍ଟି ଦେଇ ନଥିଲେ ଫଳରେ ଏହି ଛକ ଅଞ୍ଚଳ ଦେଇ ଯାତାୟତ କରିବା ଆଦୌ ସମ୍ଭବ ହୋଇନଥିଲା । ପରିଶେଷରେ ଆଜି ସକାଳେ ତାଳଚେର ନଗରପାଳ ପବିତ୍ର ଭୁଟିଆଙ୍କ ସମେତ କେତେକ କାଉନସିଲର ମାନଙ୍କ ଉଦ୍ୟମ ଓ ଉପସ୍ଥିତିରେ ଏକ ଜେସିବି ମେସିନ ସହାୟତାରେ ଏହି ଛକ ନିକଟରେ ରହିଥିବା ଏକାଧିକ ଖାଲ ଖମାଣ ଗୁଡ଼ିକୁ ସମତଳ କରିବା ସହ ଜମାହୋଇ ରହିଥିବା ବର୍ଷା ଜଳକୁ ନିଷ୍କାସନ କାର୍ଯ୍ୟ କରାଯାଇ ସେହି ଟ୍ରାଫିକ ଛକ ଅଞ୍ଚଳଟିକୁ ସମତଳ ଓ ପରିଷ୍କାର ପରିଛନ କରିଥିବା ଘଟଣା ନିଶ୍ଚିତ ଭାବେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି।

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଗୋଡ଼ିବନ୍ଧ, (ସବ୍ୟୁ): ଅନୁଗୁଳ ଜିଲ୍ଲା ସମଲ ଥାନା ଅନ୍ତର୍ଗତ କୁଲେଇ ଗ୍ରାମର ଶ୍ରୀ ତୀର୍ଥବାସୀ ସାମଲ ସରକାରୀ ଚାକିରିରୁ ଅବସର ନେଇଛନ୍ତି। ଶ୍ରୀ ସାମଲ କୃଷି ବିଭାଗରେ ସଚୋଟତାର ତା ୨୦. ୦୯. ୯୬ରୁ ତା ୩୦. ୦୯. ୨୬ରିଖ ପର୍ଯ୍ୟନ୍ତ ୩୦ବର୍ଷ କାଳ ଚାକିରୀ ଜୀବନ କଟେଇ ଥିବାରୁ ତାଙ୍କୁ ଜିଲ୍ଲା କୃଷି ବିଭାଗରେ କାର୍ଯ୍ୟରତ କର୍ମଚାରୀ ସଂଘ ଏହି ବିଦାୟକାଳିନ ସମ୍ବର୍ଦ୍ଧନା ସଭାରେ ଆୟୋଜନା କରିଥିଲେ। ଶ୍ରୀ ସାମଲଙ୍କୁ ଏହି ବିଦାୟକାଳୀନ ସଭାରେ ଆଠମଲ୍ଲିକ ଗୋଷ୍ଠି କୃଷି ଅଧିକାରୀ ଜଗନ୍ନାଥ ବାରିକ, ସହାୟକ କୃଷି ଅଧିକାରୀଣୀ ଶ୍ରୀମତି ନୁମା ମହାପାତ୍ର ଉପସ୍ଥିତ ରହି କୃଷି ଅଧିଦର୍ଶକ ଶ୍ରୀ ସାମଲଙ୍କୁ ବିଦାୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହ କର୍ମଚାରୀ ସୁଶାନ୍ତ ତାରାଇ,ସଞ୍ଜୁବାଲା ପ୍ରଧାନ, ବସନ୍ତ ଦେହୁରୀ, ଗୋବିନ୍ଦ ସାହୁ,ପଦ୍ମିନୀ ଷଢଙ୍ଗୀ, ସୁନୀଲ ମହାଲି, ସୁନୀଲ ପ୍ରଧାନ, ଜ୍ୟୋତିର୍ମୟୀ ପ୍ରଧାନ, ତନ୍ମୟ ସାହୁ, ବିଚିତ୍ରା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମପ୍ରାଣା କୁମୁଦିନୀ ନନ୍ଦଙ୍କ ପରଲୋକ



ଅନୁଗୋଳ / ତାଳଚେର, (ସବ୍ୟୁ) :ତାଳଚେର ବ୍ଲକ ଅନ୍ତର୍ଗତ ତାଳବେଡା ଗ୍ରାମର ସ୍ୱର୍ଗତ ଲୋକନାଥ ନନ୍ଦଙ୍କ ଧର୍ମପତ୍ନୀ କୁମୁଦିନୀ ନନ୍ଦଙ୍କ ୮୪ ବର୍ଷ ବୟସରେ ହୃଦଘାତ ଜନିତ ପରଲୋକ ହୋଇଯାଇଛି। ବିଳମ୍ବିତ ରାତ୍ରିରେ କୁମୁଦିନୀ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ଖବର ପରେ ତାଙ୍କ ସେଣ୍ଟ୍ରାଲ କଲୋନୀସ୍ଥିତ ବାସଭାବନକୁ ତାଳବେଡା ଗ୍ରାମ, ତାଳଚେର ଓ ଅନୁଗୋଳ ସହରର ବହୁ ଲୋକ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ମୃତ୍ୟୁ ସମୟରେ ତାଙ୍କ ବଡ଼ ପୁଅ ସାମ୍ବାଦିକ ଚତୁର୍ଭୁଜ ନନ୍ଦ, ସାନ ପୁଅ ପ୍ରଦୀପ ନନ୍ଦ, ବୋହୁ, ଝିଅ ଜ୍ୱାଇଁ, ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। କୁମୁଦିନୀଙ୍କ ମରଶରୀରକୁ ଅନୁଗୋଳସ୍ଥିତ କରଡାଗାଡ଼ିଆ ଶ୍ମଶାନ ଠାରେ ଶେଷକୃତ୍ୟ ସଂପର୍ଣ୍ଣ କରାଯାଇଥିଲା। ତାଙ୍କର ପରଲୋକରେ ତାଳବେଡା ଗ୍ରାମ, ତାଳଚେର ଓ ଅନୁଗୋଳରେ ଶୋକର ଛାୟା ଖେଳିଯାଇଥିଲା। ସ୍ୱର୍ଗତା କୁମୁଦିନୀ ଜଣେ ଧର୍ମପ୍ରାଣାୟା, ମିଷ୍ଟଭାଷୀ, ସମାଜସେବୀ, ମେଳାପୀ, ପରୋପକାରୀ, ଭାଗବତ ରୁଚି ରଖିଥିବା ମହିଳା ଭାବେ ପରିଚିତ ଥିଲେ। ସ୍ୱର୍ଗତା କୁମୁଦିନୀ ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଦ୍ୱାରିକା ପ୍ରସାଦ ନନ୍ଦଙ୍କ ନିଜର ନିଜ ଖୁଡି ଥିଲେ।

# ପାଳିତ ହେଲା ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ସହର ଗୁଡିଆନାଳି କଲ୍ୟାଣ ମଣ୍ଡପ ଠାରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନର ସହ ବଞ୍ଚିବାକୁ ଦେବା ସହିତ ତାଙ୍କର ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ସମସ୍ତ ବରିଷ୍ଠ ନାଗରିକଙ୍କୁ ସ୍ୱାଗତ ଜଣାଇବା ସହ ଆଜି ଜିଲ୍ଲା ତଥା ସମସ୍ତ ଉପଖଣ୍ଡ ଓ ବ୍ଲକ ସ୍ତରରେ ଏହି ଦିବସ ପାଳନ କରାଯାଇ ସେମାନଙ୍କ ସାମାଜିକ, ଆର୍ଥିକ, ସ୍ୱାସ୍ଥ୍ୟଗତ ଓ ଆଇନ୍ ଗତ ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ବୋଲି ପ୍ରକାଶ କରିଥିଲେ । ପ୍ରାତଃ ସମୟରେ ଢେଙ୍କାନାଳ ଉପଜିଲ୍ଲାପାଳ ପଦ୍ମଚରଣ ସାହୁଙ୍କ ଦ୍ୱାରା ଯୋଗ ଶିବିର ଉଦ୍ଘାଟିତ ହୋଇଥିଲା । ବରିଷ୍ଠ ନାଗରିକମାନେ ଆର୍ଟ ଅଫ୍ ଲିଭିଙ୍ଗ ଫାଉଣ୍ଡେସନ ତତ୍ତ୍ୱାବଧାନରେ ଯୋଗଭ୍ୟାସ କରିଥିଲେ । ପୂର୍ବାହ୍ନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ବରିଷ୍ଠ ନାଗରିକମାନଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା । ଆୟୋଜିତ ସମାବେଶରେ ବିଭିନ୍ନ ସ୍କୁଲ ଓ କଲେଜ ସ୍ତରୀୟ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ମେଡାଲ ପ୍ରଦାନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ବରିଷ୍ଠ ନାଗରିକମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ସମାବେଶରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ, ସପନ କୁମାର ମହାନ୍ତି, ସାଇବର ସୁରକ୍ଷା ଇନ୍ସପେକ୍ଟର ଶଶୀ ଭୂଷଣ ବେହେରା, ଡିଏସ୍‌ପି ସାଇବର ସେଲ୍ ପ୍ରିୟ ରଞ୍ଜନ ନାୟକ, ଡିଇଜିଏମ୍ ନଚିକେତା ସାହୁଙ୍କ ସମେତ ଜିଲ୍ଲାର ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

# ରକ୍ତଦାନ ଶିବିର : ୫୧ ୟୁନିଟ୍ ସଂଗୃହୀତ



ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଜାମୁଡୋଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ରକ୍ତଦାତା ଦିବସ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ଥାନା ର ଆଇ ଆଇ ସି ପି ସତ୍ୱରୂପ କିଷାନ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ସଂମ୍ମାନିତ ଅତିଥି ଭାବରେ ସରପଞ୍ଚ ପ୍ରଭାକର ପ୍ରଧାନ, ଏସ ଆଇ ସୁଶ୍ରୀ ଆୟୁଷୀ, ଏ ଏସ ଆଇ ମନୋଜ କୁମାର ସାହୁ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ ୫୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଡାକ୍ତର କୁମାର ସୌରଭ ସବ୍ୟସାଚୀ ବେଉରା ରକ୍ତଦାତା ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନର୍ସିଙ୍ଗ ଅଫିସର ସ୍ନିଗ୍ଧାରାଣୀ ସିଂ, ରବୀନ୍ଦ୍ର ନାଥ ମହାନ୍ତି, ରାକେଶ କୁମାର ଦତ୍ତ, ସୁଶାନ୍ତ ପ୍ରଧାନ, ମୁକେଶ ଦେହୁରୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ମୋଟିଭେଟର ବିନୟ କୁମାର ପଟ୍ଟନାୟକ, ରାଧା ମୋହନ ତ୍ରିପାଠୀ ଉପସ୍ଥିତ ଥିଲେ । ବଜରଙ୍ଗ ।ଲୀ ଯୁବକ ସଙ୍ଘ ତରଫରୁ ଜ୍ଞାନ ରଞ୍ଜନ ଜେନା, ଶ୍ରୀବତ୍ସ ପ୍ରଧାନ, ଅମୀୟ ପ୍ରଧାନ ସୁଗ୍ରୀବ ପ୍ରଧାନ, କେଶବ ଚନ୍ଦ୍ର ପ୍ରଧାନ, ଲମ୍ବୋଦର ପ୍ରଧାନ, ଅନିଲ ପ୍ରଧାନ, ପ୍ରଦୀପ ପ୍ରଧାନ, ବିନୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ ।

# ପୋଲ ତଳକୁ ଓଲଟିଲା ପିକ୍‌ଅପ୍ , ଜଣେ ଗୁରୁତର

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ବନମାଳୀପୁର ନାଳକୁ ଏକ ପିକଅପ ଭ୍ୟାନ ଭାରଶାମ୍ୟ ହରାଇ ଓଲଟି ପଡି ଦୁର୍ଘଟଣା ଗ୍ରସ୍ତ ହୋଇଛି । ଫଳରେ ଏହି ଦୁର୍ଘଟଣାରେ ଭ୍ୟାନରେ ଥିବା ଚାଳକ ଗୁରୁତର ଆହତ ହୋଇଛନ୍ତି । ଘଟଣା ରୁ ଜଣା ପଡିଛି ଏକ ପିକଅପ ଭ୍ୟାନ ନମ୍ବର ଓ ୦୨ ଡିଓ ୫୦୬୭ ଠାକୁରଗଡ ରୁ ବନମାଳୀପୁର ଅଭିମୁଖେ ବୁଧବାର ରାତି ରେ ଯାଉଥିବା ବେଳେ ଭାରଶାମ୍ୟ ହରାଇ ପୋଲ ତଳକୁ ଓଲଟି ପଡିଥିଲା । ଖବର ପାଇଁ ଠାକୁରଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଜବତ କରି ଏକ ମାମଲା ରୁଜୁ କରିଛି ।

# ରୁଙ୍ଗଟା କମ୍ପାନୀର ସିଏ ସ ଆର ବିଭାଗର ପାନୀୟ ଜଳ ଯୋଗାଣ



କୋଇଡା ,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ଅନ୍ତର୍ଗତ ରୁଙ୍ଗଟା କମ୍ପାନୀର ସିଏସଆର ବିଭାଗ ତରଫରୁ ସ୍ଥାନୀୟ ଗ୍ରାମ ଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆ ଯାଇଛି । କୋଇଡା ବ୍ଲକର ବିଭିନ୍ନ ଗ୍ରାମରେରେ ରୁଙ୍ଗଟା କମ୍ପାନୀର ସି.ଏସ. ଆର. ଟିମ ସର୍ବେକ୍ଷଣ କରିଥିଲେ । ଯେଉ ଅଞ୍ଚଳରେ ପାନୀୟ ଜଳ ପାଇ ପାରୁ ନାହାନ୍ତି ସେହି ଇଲାକାରେ ବୋରେଓ୍ୱେଲ ଖନନ କରାଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । ବିଶେଷକରି ବଡ ଇନ୍ଦୁପୁର ଗ୍ରାମରେ ଥିବା ମୁଣ୍ଡାବସ୍ତିରେ ନୂତନ ବୋରେଓ୍ୱେଲ ଖନନ କରାଯାଇ ଦୁଇ ଶହରୁ ଉର୍ଦ୍ଧ୍ୱ ଆଦିବାସୀ ଲୋକଙ୍କୁ ପାଣି ଟ୍ୟାପ ମାଧ୍ୟମରେ ବିଶୁଦ୍ଧ ଜଳ ଯୋଗାଇ ଦିଆଯାଇଥିଲା । ସେହିପରି କୋଇଡା ଅଞ୍ଚଳର ଭଞ୍ଜପାଲି ଗ୍ରାମରେ ମରେ ପାନୀୟ ଜଳର ଘୋର ଅସୁବିଧା ଥିଲା ଏହାକୁ ଦୃଷ୍ଟିରେ ରଖି ରୁଙ୍ଗଟା କମ୍ପାନୀ ତରଫରୁ ସେହି ଗାଁ ରେ ଏକ ସୋଲାର ପାଓ୍ୱାର ଚାଳିତ ବୋରେଓ୍ୱେଲ ଖନନ କରାଯାଇ ଶତାଧିକ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । କୋଇଡା ଅଞ୍ଚଳର ଆରୀୟନ ବସ୍ତି ଏବଂ ଗୋପପୁର ସାହି ଦୁଇଗୋଟି ସୋଲାର ପାଓ୍ୱାର ଚାଳିତ ବୋରଓ୍ୱେଲ ଖନନ କରାଯାଇ ଚାରି ଶହରୁ ଅଧିକ ବସ୍ତିବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । ସେହିପରି ସର୍ଗିଗଡ ଗାଁ ରେ ଥିବା ଦେହୁରୀ ସାହି ଏବଂ ଗୋପାଳ ସାହି ରେ ଦୁଇଗୋଟି ସୋଲାର ପାଓ୍ୱାର ବୋରଓ୍ୱେଲ କରାଯାଇ ପାଞ୍ଚ ଶହ ଗ୍ରାମବାସୀଙ୍କ ସହ ସର୍ଗିଗଡ଼ ସ୍କୁଲ ରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । ଏତଦବ୍ୟୀତ ରାଣୀସାଳ , ସନୁଆ ଗାଁ ର ଭାଲିଆ ଡ଼ିହି ବସ୍ତି, ତିନ୍ତୋ , ଟେହେରେଇ ଗାଁ ରେ ଗୋଟିଏ ଲେଖାଏଁ ବୋରିଓ୍ୱେଲ ଖନନ ସରିଛି ଏହାକୁ ଖୁବ ଶୀଘ୍ର କାର୍ଯକ୍ଷମ କରାଯିବ । ସେହିପରି ଟେହେରେଇ ଗ୍ରାମ ରେ ଥିବା ଖ୍ରୀଷ୍ଟିଆନ ବସ୍ତି ରେ ନୂତନ ପାଣି ପାଇପ ସଂଯୋଗ କରାଯାଇ ଏବଂ ଟ୍ୟାପ ମାଧ୍ୟମରେ ଏକଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । ପାନୀୟ ଜଳ ପାଇଁ କୌଣସି ଲୋକ ବଞ୍ଚିତ ନ ହୁଅନ୍ତୁ ସେଥିପ୍ରତି ରୁଙ୍ଗଟା କମ୍ପାନୀ ସଚେତନ ରହିଛି । ବିଗତ ବର୍ଷରେ ମଧ ରୁଙ୍ଗଟା କମ୍ପାନୀ ସହର,ଗାଁ, ବସ୍ତି ଓ ସାହି ରେ ଅନେକ ଗୁଡ଼ିଏ ଜଳ ପ୍ରକଳ୍ପ କରିସାରିଛି । ଏହିପରି ଜନ କଲ୍ୟାଣୀ କାର୍ଯ୍ୟକ୍ରମ ଆଗକୁ ମଧ ଜାରି ରହିବା ବୋଲି କମ୍ପାନୀ ପକ୍ଷରୁ ଜଣାଯାଇଛି । ଏହିପରୀ ପାନୀୟ ଜଳ ପ୍ରକଳ୍ପ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ହୋଇଥିବାରୁ ଜନସାଧାରଣରେ ପ୍ରଶଂସା କରାଯାଇଛି ।

# ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ର ନିଲମ୍ବିତ

ଭାଦ୍ରକ,(ସବ୍ୟୁ) : ଚାନ୍ଦବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ) ସଞ୍ଜୀବ ମହାପାତ୍ରଙ୍କୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ନାମା ମୂଳେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ଦର୍ଶାଯାଇଛି । ନିଲମ୍ବନ ସମୟରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ଚାନ୍ଦବାଲିରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏହାକୁ ନେଇ ବିରୋଧୀ ଦଳ ନୀରବ ରହିଥିବା ବେଳେ ଶାସକ ବିଜେପିରେ ଦ୍ୱିମତ ପ୍ରକାଶ ପାଇଛି । କେତେକ ଏହାକୁ ସ୍ୱାଗତ କରିଥିବା ବେଳେ ଆଉ କେତେକ ଏହାକୁ ବିରୋଧ କରିଛନ୍ତି ।ସୂଚନା ଯୋଗ୍ୟ ଚାନ୍ଦବାଲିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେବାର ୯ ମାସ ପରେ ତାଙ୍କୁ ବଦଳି କରି ଦିଆଯାଇଥିଲା ।ହେଲେ ବିଭିନ୍ନ ଆଡୁ ଚାପ ପଡ଼ିବା ପରେ ୨୦୨୫ ଡିସେମ୍ବର ମାସରେ ତାଙ୍କ ବଦଳି ବିଭାଗ ବାତିଲ କରିଥିଲା ।ଚଳିତ ବର୍ଷ ଜୁଲାଇ ମାସରେ ପ୍ରଥମେ ବନ୍ୟା ଆସି ଚାନ୍ଦବାଲି ବ୍ଲକର ଅଧିକାଂଶ ଅଞ୍ଚଳକୁ ବୁଡ଼ାଇ ଦେଇଥିବା ବେଳେ ବି ଡି ଓ ସଞ୍ଜୀବ ମହାପାତ୍ରଙ୍କ ରିଲିଫ ଓ ଥଇଥାନ କାର୍ଯ୍ୟକୁ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସାମାଜିକ ଗଣମାଧ୍ୟମରେ ପ୍ରଶଂସା କରିଥିଲେ ।ହେଲେ ଏହାର କିଛି ଦିନ ପରେ ତାଙ୍କୁ ରିଲିଫ ଦାୟିତ୍ୱରୁ ହଟାଇ ଦିଆଯାଇ ତହସିଲଦାରଙ୍କୁ ରିଲିଫ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏବେ ପୁଣି କାର୍ଯ୍ୟରୁ ନିଲମ୍ବନ ପଛରେ କିଏ ତାକୁ ନେଇ ଏବେ ଚର୍ଚ୍ଚା । କୌତୁହଳ କଥା ବିଭାଗ ତରଫରୁ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିଯୁକ୍ତି ମିଳି ନାହିଁ । ତେଣୁ ଆଗାମୀ ଦିନରେ ଏହା କି ରୂପ ନେଉଛି ତାହା ଉପରେ ନଜର ।ଏଠାରେ ସୂଚନା ଯୋଗ୍ୟ ଲୋକଙ୍କ ବିଡିଓ ଭାବେ ସେ ଜନାଦୃତ ଥିଲେ ।

## ସର୍ପାଘାତରେ ମହିଳା ମୃତ

ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଥାନା ଦହିକୋଟି ପଞ୍ଚାୟତ ଅଧୀନ ସାରିଆ ଉପକ= ରାମଚନ୍ଦ୍ରପୁର ଗ୍ରାମର ଜଣେ ମହିଳାଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି । ମୃତ ମହିଳା ଜଣକ ହେଉଛନ୍ତି ସାରିଆ -ରାମଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ଦୁଖିଆ ମାଝୀଙ୍କ ସ୍ତ୍ରୀ ସିନଗୋ ମାଝୀ(୫୬) । ସିନଗୋ ଗତ ସୋମବାର ଦିନ କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡ଼ରେ ଦଂଶନ କରିଦେଇଥିଲା । ତାଙ୍କୁ ସଙ୍ଗେ ସଙ୍ଗେ ବେତନଟୀ ଓ ସେଠାରୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ ସୁଦ୍ଧା ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ବଡଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ଗୁରୁବାର ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇବା ସହିତ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି ।

# ବିଜୁ ପକ୍କା ଘରୁ ବିପୁଳ ପରିମାଣର ମଦ ଜବତ

ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଆମ୍ବଗଡ଼ିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ବିଜୁ ପକ୍କା ଘରୁ ବିପୁଳ ପରିମାଣର ଦେଶୀ ମଦ ଜବତ କଲା ବୈଶିଙ୍ଗା ପୁଲିସ । ଆମ୍ବଗଡ଼ିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦେଶୀ ମଦ ବିକ୍ରି ବଢିଚାଲୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୈଶିଙ୍ଗା ଥାନାଧିକାରୀ ବାବା ଶଙ୍କର ସରାଫ ସଦଳବଳ ଆମ୍ବ ଗଡ଼ିଆ ଗ୍ରାମର ଭାଲିଆପଦା ଗ୍ରାମର ଗୌର ସିଂଙ୍କ ପୁଅ ରବୀନ୍ଦ୍ର ସିଂ ଙ୍କ ଘରେ ବୁଧବାର ଭୋର ସମୟରେ ଚଢାଉ କରିଥିଲେ । ସେ ପୂର୍ବରୁ ନିଜର ବିଜୁ ପକ୍କା ଘରେ ଗଚ୍ଛିତ କରି ରଖିଥିବା ୫୦୦ ଲି ଦେଶୀ ମଦ କୁ ଜବତ କରିଥିଲେ । ଘଟଣାସ୍ଥଳରୁ ରବୀନ୍ଦ୍ର ଫେରାର ମାରିଥିଲେ । ଏନେଇ ବୈଶିଙ୍ଗା ପୁଲିସ ୫୦୭/୨୬ର ଏକ ମାମଲା ରୁଜୁ କରି ସମସ୍ତ ମଦ ଜବତ କରିଥିବା ବେଳେ ଖୁବ ଶୀଘ୍ର ଏଥିରେ ସମ୍ପୃକ୍ତ ଥିବା ରବୀନ୍ଦ୍ର କୁ ଗିରଫ କରାଯିବ ବୋଲି ପୁଲିସ ପ୍ରକାଶ କରିଛି । ସେହିପରି ବୁଧବାର ଅପରାହ୍ନରେ ସେହି ଗ୍ରାମର ହରେକୃଷ୍ଣ ମହାନ୍ତଙ୍କ ନିକଟରୁ ୨୦ ଲି ଦେଶୀ ମଦ ଜବତ କରାଯାଇଛି । ଏ ନେଇ ୫୧୧/୨୬ର ଏକ ମାମଲା ରୁଜୁ କରାଯାଇ ହରେକୃଷ୍ଣ କୁ ଗିରଫ କରାଯାଇଥିବା ଜଣାଯାଇଛି ।

# ବିଦେଶୀ ମଦ ଜବତ : ଜଣେ ଗିରଫ

କୁଳିଅଣା ,(ସବ୍ୟୁ) : କୁଳିଅଣା ଅବକାରୀ ଅଧିକାରୀ ଦିବ୍ୟଜ୍ୟୋତି ସତ୍ୟପ୍ରକାଶଙ୍କ ନେତୃତ୍ୱରେ ଓସନଯୋଡା ଛକରେ ଗୁରୁବାର ଅପରାହ୍ନ ରେ ଏକ ଅମିନି ଗାଡି ଓଡି ୦୨ ଏକେ ୯୦୫୩ କୁ ଅଟକାଇ ତଲାସି ନେବାରୁ ଗାଡି ଭିତରେ ୧୩ ଲିଟର ବିୟୋର ଓ ୪.୩୨୦ ଲିଟର ବିଦେଶୀ ମଦ ଜବତ କରି ଗାଡି ସହ କୁଳିଅଣା ଅବକାରୀ ଅଫିସ ନେଇ ଆସିଥିଲେ । ଏ ସଂକ୍ରାନ୍ତ ରେ ଏକ ମାମଲା ରୁଜୁ କରି ଦୋଷୀ ରାଜେନ୍ଦ୍ର ଦଣ୍ଡପାଟ, ( ୪୬ ) କୁ କୋର୍ଟ ଚାଲାଣ କରିଥିଲେ । ଏହି ଜବତ ସମୟରେ ଏ ଏସ ଆଇ ତପନ କୁମାର ସାହୁ, କନେଷ୍ଟବଳ ମମତା ବାରିକ, ଅରୁଣ ତରେଇ, ଲକ୍ଷଣ ନାଥ ଉପସ୍ଥିତ ଥିଲେ । କେଉଁ ସ୍ଥାନରୁ ମଦ ଆସିଥିଲା ଏବଂ କେଉଁ ସ୍ଥାନକୁ ଯାଉଥିଲା ସେ ବିଷୟରେ ଅବକାରୀ ଅଧିକାରୀ ତଦନ୍ତ ଜାରି ରଖିଛନ୍ତି । ଜବତ ବିଦେଶୀ ମଦର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି ଅବକାରୀ ଓ.ଆଇ. ସି ପ୍ରକଶ କରିଛନ୍ତି

# ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ : ଭୋକରେ ଘରକୁ ଫେରିଲେ ଛାତ୍ରଛାତ୍ରୀ

## ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ ପରେ ଅଡୁଆରେ ପ୍ରଧାନ ଶିକ୍ଷକ

ଦୋବଲ, (ସବ୍ୟୁ) ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆଳରେ ସ୍କୁଲରେ ବନ୍ଦ ରହିଲା ମଧ୍ୟାହ୍ନ ଭୋଜନ । ଫଳରେ ପ୍ରାୟ ୩୦ ରୁ ୩୫ ଜଣ କୋମଳମତି ଛାତ୍ରଛାତ୍ରୀ ଭୋକିଲା ପେଟରେ ଘରକୁ ଫେରିବା ଘଟଣା ନେଇ ଗଣମାଧ୍ୟମ ଖବର କାଗଜରେ ପ୍ରକାଶ ପାଇଥିଲା ।ପରେ ଏନେଇ କୌଣଷି କାର୍ଯ୍ୟାନୁଷ୍ଠାନ ନହେବାରୁ ଟିଟର ଯୋଗେ ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ, ଗଣ ଶିକ୍ଷା ବିଭାଗ ଓଡ଼ିଶା ଜଣେ ସାମାଜିକ କର୍ମୀ ଅଭିଯୋଗ କରିଥିଲେ । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଅଭିଯୋଗ କୁ ଗୁରୁତର ସହ ନେଇ ତା ୧୯/୯/୨୫ ରେଜିଷ୍ଟ୍ରେସନ ନଂ ଅର୍ଜେଣ୍ଟ ୪୧୦୫୬୮ ଅପରାହ୍ନରେ ଭଦ୍ରକ ଜିଲ୍ଲାପାଳଙ୍କୁ ତୁରନ୍ତ ତଦନ୍ତ କରିବାକୁ ନେଇ ନିର୍ଦ୍ଦେଶ ଦିଆଯାଇଥିଲା । ଗତ ୨୨/୯/୨୫ ରେ ଭଦ୍ରକ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାଇତ୍ୱ ହସ୍ତାନ୍ତର କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଧାମନଗର ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟ ସୁନ୍ଦର ପରିଡ଼ା ଗତ ବୁଧବାର ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ । ମଧ୍ୟାହ୍ନ ଭୋଜନରେ କୌଣଷି ଅନିୟମିତତା ହୋଇନାହିଁ ଏବଂ ସଭାପରେ ମଧ୍ୟାହ୍ନ ଭୋଜନ ପିଲାଙ୍କୁ ଦିଆଯାଇଥିଲା ବୋଲି ଏକ ଲିଖିତ ଆକାରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀ ଦେବା ସହ ଏହାର ସତ୍ୟାସତ୍ୟ ନେଇ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତକରି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପଠେଇବେ ବୋଲି ଏବିଇଓ ଶ୍ରୀ ପରିଡ଼ା କହିଛନ୍ତି । ଧାମନଗର ବ୍ଲକ ରାଧାବଲ୍ଲଭପୁର ସ୍ଥିତ ଜାଗୁଳାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁକାନ୍ତ ନାୟକଙ୍କ ଅନ୍ୟତ୍ର ବଦଳି ନେଇ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମିଳିତ ସହଯୋଗରେ ଗତ ୧୮/୯/୨୫ ରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲା । ତେବେ ଉକ୍ତ ଦିନ ବିଦ୍ୟାଳୟରେ ସରକାରୀ ଛୁଟି ନଥିଲେ ମଧ ଶିକ୍ଷକମାନେ ସମ୍ବର୍ଦ୍ଧନା ସଭାରେ ବ୍ୟସ୍ତ ଥିବାରୁ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇନଥିଲା । ଖାଦ୍ୟ ନପାଇ ଛାତ୍ରଛାତ୍ରୀମାନେ ଭୋକିଲା ପେଟରେ ଘରକୁ ଫେରିଥିଲେ । ଏହି ଖବର ପ୍ରଘଟ ହେବା ପରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

## କାର୍‌ରେ ଗୋ ଚାଲାଣ, ୩ ଗିରଫ

ଆଗରପଡ଼ା,(ସବ୍ୟୁ) :ଓ୍ୱାଗନର କାର୍ରେ ଗୋ-ଚାଲାଣ ବେଳେ ମାଡ଼ି ବସିଲା ଆଗରପଡ଼ା ପୋଲିସ । ଘଟଣାସ୍ଥଳରୁ ୩ ଜଣ ଗୋ-ଚାଲାଣକାରୀଙ୍କୁ ଗିରଫ କରାଯିବା ସହ ଗୋଟିଏ ଓ୍ୱାଗନର୍ କାର୍ ଓ ୨ଟି ଗୋରୁକୁ ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ, ଗୁରୁବାର ଭୋର ସମୟରେ ଆଗରପଡ଼ା ଥାନା ଅନ୍ତର୍ଗତ ବାଙ୍କତିରା ଗ୍ରାମରୁ ଏକ ଓ୍ୱାଗନର୍ କାରରେ ଅତି ଅମାନୁଷିକ ଭାବେ ୨ଟି ଗୋରୁକୁ ବୋଝେଇ କରି ଚାଲାଣ ପାଇଁ ଯୋଜନା ଚାଲିଥିଲା । କୌଣସି ସୂତ୍ରରୁ ଖବର ପାଇ ଆଗରପଡ଼ା ଥାନାଧିକାରୀ ରାଜେଶ କୁମାର ସେଠୀ ଉକ୍ତ ସ୍ଥାନରେ ପହଁଞ୍ଚି ଅତର୍କିତ ଚଢ଼ାଉ କରିଥିଲେ । ଘଟଣାସ୍ଥଳରୁ ୩ ଜଣ ଚାଲାଣକାରୀଙ୍କୁ ଗିରଫ କରିବା ସହ ଚାଲାଣରେ ବ୍ୟବହୃତ ୱାଗନର୍ କାର୍କୁ ଜବତ କରିଥିଲେ । ଏଥିସହ ଉଦ୍ଧାର ହୋଇଥିବା ଗୋରୁ ଦୁଇଟିକୁ ଗୋଶାଳାକୁ ପଠାଯାଇଛି । ଏହି ଚୋରା ଚାଲାଣ ପଛରେ କୌଣସି ବଡ଼ ରାକେଟ ସକ୍ରିୟ ଅଛି କି ନାହିଁ, ସେ ନେଇ ପୋଲିସ ଅଭିଯୁକ୍ତମାନଙ୍କୁ ଅଧିକ ପଚରାଉଚୁରା ଜାରି ରଖିଛି । ଏହି ସଂପର୍କରେ ଥାନା କେସ ନଂ ୨୧୫/୨୬ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରୀ ରଖିଛି ।

# ଦିନରେ ଫେରି , ରାତିରେ ଚୋରି ଧରାପଡ଼ିଲା ଫେରିବାଲା

ଭଦ୍ରକ, (ସବ୍ୟୁ) : ଦିନରେ ଗାଁ ଗାଁ ବୁଲି ଫେରି ବ୍ୟବସାୟ,ଆଉ ରାତିରେ ଚୋରି କରୁଥିବା ଅଭିଯୋଗ । ଏଭଳି ଅଭିଯୋଗକୁ ନେଇ ଚାନ୍ଦବାଲିରେ ଚର୍ଚ୍ଚା ଜୋର ଧରିଛି । ମନ୍ଦିରରୁ ପିତଳ ମୂର୍ତ୍ତି ଚୋରି କରି ନେଇଯାଉଥିବାବେଳେ ଜଣେ ଫେରିବାଲାଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିବା ଅଭିଯୋଗ ହୋଇଛି । ତେବେ ଏହା ପୂର୍ବରୁ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିବା ମଧ ଜଣାପଡ଼ିଛି । ,ଚାନ୍ଦବାଲି ଥାନା ଅଧୀନ ଚାନ୍ଦବାଲି ଏନ୍‌ଏସି ଶଗଡ଼ିଆ ନିକଟରେ ଥିବା ହନୁମାନ ମନ୍ଦିରରେ ବୁଧବାର ରାତି ପ୍ରାୟ ୯ଟା ରେ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି । ଜଣେ ଫେରିବାଲା ମନ୍ଦିର ପରିସରରୁ ପିତଳ ମୂର୍ତ୍ତି ନେଇ ଯାଉଥିବାବେଳେ ଜଣେ ଯୁବକ ତାଙ୍କୁ ଦେଖିଥିଲେ । ଯୁବକ ଜଣକ ତୁରନ୍ତ ତାଙ୍କୁ ଅଟକାଇବା ସହ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ । କିଛି ସମୟ ମଧ୍ୟରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା । ପରେ ଲୋକେ ଅଭିଯୁକ୍ତ ଫେରିବାଲାଙ୍କୁ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ଖବରପାଇ ଚାନ୍ଦବାଲି ପୋଲିସ ଘଟଣାସ୍ଥଳରେ ପହଂଚି ଅଭିଯୁକ୍ତଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରି ଥାନାକୁ ନେଇଥିଲା । ତାଙ୍କ ନିକଟରୁ ଚୋରି ହୋଇଥିବା ପିତଳ ମୂର୍ତ୍ତି ମିଳିଥିବା ନେଇ ମଧ ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ଅନ୍ୟପକ୍ଷରେ,ଚାନ୍ଦବାଲି ବଡ଼ବଜାର ଅଂଚଳରେ ବାହାର ଜିଲ୍ଲା ଓ ରାଜ୍ୟର କିଛି ଲୋକ ଘର ଭଡ଼ା ନେଇ ଫେରି ବ୍ୟବସାୟ କରୁଥିବା ଜଣାପଡ଼ିଛି । ତେବେ ସେମାନଙ୍କ ମଧ୍ୟରୁ କେହି ଚୋରି କିମ୍ବା ଅନ୍ୟ ଅପରାଧରେ ସମ୍ପୃକ୍ତ କି ନାହିଁ,ତାହା ପୋଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ



କେନ୍ଦୁଝର ,(ଜିପ୍ର) : କେନ୍ଦୁଝର ଅଡିଟୋରିୟମ ଠାରେ ଗୁରୁବାର ଦିନ ବିଭିନ୍ନ କାର୍ଯ୍ୟକ୍ରମ ସହ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପରବର୍ତ୍ତୀ କାଳରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଓ ଚିକିତ୍ସା ଶିବିର, ସେମାନଙ୍କ ଅଧିକାର, କଲ୍ୟାଣ ଏବଂ ସଓ୍ୱାସ୍ଥ୍ୟରକ୍ଷା ଉପରେ ଆଲୋକପାତ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା ।ଏହି ଉତ୍ସବର ଅଂଶବିଶେଷ ସ୍ୱରୂପ, ବୟସ୍କମାନଙ୍କ ପ୍ରତି ସଚେତନତା ଏବଂ ସମ୍ବେଦନଶୀଳତା ବୃଦ୍ଧି କରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ସମୟରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ଏବଂ ଅଧିକ ଯନିଶୀଳ ସମାଜ ଗଠନ ଦିଗରେ ସାମୂହିକ ଦାୟିତ୍ୱର ପ୍ରତୀକ ସ୍ୱରୂପ ବନାଯୋଡି ବୃଦ୍ଧାଶ୍ରମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥିଲା ।ଏହି ଦିବସ ପାଳନ ଅବସରରେ ପ୍ରାୟ ୧୬୪ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋସ୍ନାମୟୀ ପ୍ରଧାନ, ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କ ସହ ଆଲୋଚନା କରିଥିଲେ ।

## ନୀଳଗିରି ଏନ୍‌ଏସିରେ ଦୋକାନ ଗୃହ ବଣ୍ଟନରେ ଅନିୟମିତତା

# ଦୋକାନ ଗୃହ ଦେବାକୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ

ନୀଳଗିରି ,(ସବ୍ୟୁ): -ନୀଳଗିରି ଏନ୍‌ଏସି ପକ୍ଷରୁ କେ.ସି ହାଇସ୍କୁଲ ଗୋପବନ୍ଧୁ ହଷ୍ଟେଲ ନିକଟରେ ଦୋକାନ ଗୃହ ନିର୍ମାଣ କରାଯାଇଛି । ମାତ୍ର ରାସ୍ତା ପ୍ରଶସ୍ତି କରଣ ପାଇଁ ସମସ୍ତ ଦୋକାନୀ ମାନଙ୍କୁ ଉଚ୍ଛେଦ ପାଇଁ ଏନ୍‌ଏସି ପକ୍ଷରୁ ସୂଚନା ଜାରି କରାଯାଇଥିଲା । ନୂତନ ଦୋକାନ ଗୃହ ନିର୍ମାଣ ହେବା ପରେ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଘର ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ । ପରେ ସମସ୍ତ ଦୋକାନ ଘର ଗୁଡିକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା। ତା ମଧ୍ୟରେ ବରିସାହି ଗ୍ରାମର ବୃନ୍ଦାବନ ବିଶ୍ୱାଳଙ୍କ ପୁଅ ଶିବ ଶଙ୍କର ବିଶ୍ୱାଳଙ୍କର ଏକ ସେଲୁନ୍ ଦୋକାନମଧ ଭଙ୍ଗା ଯାଇଥିଲା । ତାଙ୍କ ଦୋକାନର ସମସ୍ତ କାଗଜ ପତ୍ର ମଧ ଥିଲା । ମାତ୍ର ଶିବ ଶଙ୍କର ବିଶ୍ୱାଳଙ୍କୁ ଦୋକାନ ଗୃହ ବଣ୍ଟନ ଲିଷ୍ଟରେ ନାମ ନଥିବା ବେଳେ ଶେଷରେ ସେ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଥିଲେ । ସମସ୍ତ ଦସ୍ତାବିଜ୍‌କୁ ପାଥେୟ କରି ଉଚ୍ଚ ନ୍ୟାୟାଳୟ ଆଦେଶ ମୂଳେ ପୂର୍ବରୁ ଯୋଉଠି ଦୋକାନ ଘର ଥିଲା, ସେହି ଠାରେ ଦେବା ପାଇଁ ଗତ ୨୪/୯/୨୬ତାରିଖରେ ନିର୍ଦ୍ଦେଶ ଜାରି କରିଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଅର୍ଡରର ନକଲ କପି ନିଜେ ହିତାଧିକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିବା ବେଳେ ରିସିଭ କପି ଦିଆ ଯାଇନଥିବାରୁ ପୋଷ୍ଟାଲରେ ପ୍ରଦାନ କରିଥିଲେ ବୋଲି ଶିବ ଶଙ୍କର ବିଶ୍ୱାଳ ପ୍ରକାଶ କରିଛନ୍ତି । ଶ୍ରୀ ବିଶ୍ୱାଳଙ୍କର ସର୍ଭେ ଲିଷ୍ଟରେ ୨୨୧ନମ୍ବର ଥିବାର ଦେଖିବବାକୁ ମିଳିଛି ।

# କନ୍ଧମାଳ ଜିଲ୍ଲାରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ "ସୋଲାର ରଥ'ର ଶୁଭାରମ୍ଭ

ଫୁଲବାଣୀ, (ସବ୍ୟୁ) : ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତିର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ, ମାସବ୍ୟାପୀ "ସେବା ସେତୁ ଅଭିଯାନ' ଅଧୀନରେ କନ୍ଧମାଳ ଜିଲ୍ଲାର ଫୁଲବାଣୀଠାରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ) ପକ୍ଷରୁ "ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି । "ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା' ସମ୍ପର୍କରେ ସଚେତନତା ବୃଦ୍ଧି କରିବା ସହ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ଏବଂ ସୌର ଶକ୍ତି ଆପଣାଇବା ଦିଗରେ ଉପଭୋକ୍ତାଙ୍କୁ ଉତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ବେଦଭୂଷଣ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, କନ୍ଧମାଳ ଏବଂ ଅମିତ କୁମାର ଗର୍ଗ , ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲଙ୍କ ସମେତ ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ଉପସ୍ଥିତିରେ ମିଳିତ ଭାବେ ପତାକା ଦେଖାଇ "ସୋଲାର ରଥ'ର ଶୁଭାରମ୍ଭ ହୋଇଛି । "ସୋଲାର ରଥ' କନ୍ଧମାଳ ଜିଲ୍ଲାର ସମସ୍ତ ୧୨ଟି ବ୍ଲକ୍-ବାଲିଗୁଡ଼ା, ଚକାପାଦ, ଦାରିଙ୍ଗବାଡ଼ି, ଜି. ଉଦୟଗିରି, କେ. ନୂଆଗାଁ, ଖଜୁରୀପଡ଼ା, କୋଟଗଡ଼, ଫିରିଙ୍ଗିଆ, ଫୁଲବାଣୀ, ରାଇକିଆ, ଟିକାବାଲି ଏବଂ ତୁମୁଡ଼ିବନ୍ଧ-ପରିକ୍ରମା କରିବ । ଏହି ଅବସରରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, ସୋଲାର ରଥ ମାଧ୍ୟମରେ କନ୍ଧମାଳର ବିଭିନ୍ନ ଅଞ୍ଚଳର ଉପଭୋକ୍ତା ଓ ସମୁଦାୟଙ୍କ ନିକଟରେ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନର ବାର୍ତ୍ତା ପହଞ୍ଚାଯାଉଛି । ଏହି ପଦକ୍ଷେପ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନା ସମ୍ପର୍କିତ ସୂଚନାକୁ ସରଳ ଭାବେ ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା, ସେମାନଙ୍କ ପ୍ରଶ୍ନର ସମାଧାନ କରିବା ଏବଂ ଅଧିକରୁ ଅଧିକ ପରିବାରକୁ ସୌର ଶକ୍ତିର ଲାଭ ବିଷୟରେ ଜାଣିବାକୁ ଉତ୍ସାହିତ କରିବା ଆମର ଲକ୍ଷ୍ୟ । "ସୋଲାର ରଥ', ଆଇଇସି ସାମଗ୍ରୀ, ରେଡିଓ ଜିଙ୍ଗଲ୍ ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କ ସହ ସିଧାସଳଖ ଯୋଡ଼ି ହୋଇ ସୌର ପ୍ୟାନେଲ୍ ଲଗାଇବାର ଲାଭ, ପ୍ରକ୍ରିୟା ଓ ଉପଲବ୍ଧ ସୁବିଧା ବିଷୟରେ ସଚେତନ କରାଯିବ ଏବଂ ଅଧିକରୁ ଅଧିକ ପରିବାରକୁ ସୌର ଶକ୍ତି ଆପଣାଇବା ପାଇଁ ଉତ୍ସାହିତ କରାଯିବ ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ "ଆଇଟି ଅନ୍ ହ୍ୱିଲ୍ସ' କାର୍ଯ୍ୟକ୍ରମ

# ୧୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଖାପାଖି ୮୦୦ ଛାତ୍ରଛାତ୍ରୀ ହେବେ ଉପକୃତ



ଛତ୍ରପୁର, (ସବ୍ୟୁ): ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ ଶିକ୍ଷା ସହ ଯୋଡ଼ିବା ଲକ୍ଷ୍ୟରେ ଗୋପାଳପୁର ବନ୍ଦରର ସିଏସ୍‌ଆର୍ କାର୍ଯକ୍ରମ ମାଧ୍ୟମରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ "ପ୍ରୋଜେକଟ ଉତ୍ଥାନ୍' ଅନ୍ତର୍ଗତ "ଆଇଟି ଅନ୍ ହ୍ୱିଲ୍ସ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଚମାଖଣ୍ଡି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏବଂ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ପ୍ରଭାତୀ ମହାପାତ୍ର ଏବଂ ଚମାଖଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ମୋବାଇଲ୍ କମ୍ପ୍ୟୁଟର ଲାବୋରେଟୋରିରେ ମୋଟ ୩୦ଟି ଲାପଟପ୍ ରହିବ ଏବଂ ପ୍ରତିଦିନ ଦୁଇଟି ବିଦ୍ୟାଳୟ ପରିଦର୍ଶନ କରିବଛ ଜଣେ ପ୍ରଶିକ୍ଷିତ ପ୍ରଶିକ୍ଷକଙ୍କ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟରର ବ୍ୟବହାରିକ ଶିକ୍ଷା ଦିଆଯିବ । ଫଳରେ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ହାତପାଖରେ ଡିଜିଟାଲ୍ ଉପକରଣ ବ୍ୟବହାରର ଅଭିଜ୍ଞତା ହାସଲ କରିପାରିବେ । ପ୍ରଥମ ପର୍ଯ୍ୟାୟରେ ଗୋପାଳପୁର ବନ୍ଦରର ପାଶ୍ୱର୍ବର୍ତ୍ତୀ ଅଞ୍ଚଳର ପାଞ୍ଚଟି ପଞ୍ଚାୟତ ଅଧୀନରେ ଥିବା ୧୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ଷ୍ଠରୁ ୮ମ ଶ୍ରେଣୀର ପାଖାପାଖି ୮୦୦ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରୁ ଉପକୃତ ହେବେ । "ଆଇଟି ଅନ୍ ହ୍ୱିଲ୍ସ' ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଆଧାରରେ ପର୍ଯ୍ୟାୟକ୍ରମେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବ । ଏଥିରେ କମ୍ପ୍ୟୁଟରର ମୌଳିକ ଜ୍ଞାନ ସହିତ ଏମ୍‌ଏସ୍ ଓ୍ୱାର୍ଡ, ଏମ୍‌ଏସ୍ ଏକ୍ସେଲ୍ ଓ ଏମ୍‌ଏସ୍ ପାଓ୍ୱାର ପଏଣ୍ଟର ବ୍ୟବହାର ଏବଂ ଡିଜିଟାଲ୍ ପ୍ରଯୁକ୍ତିର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ଶିକ୍ଷା ଦିଆଯିବ । ପାଠ୍ୟକ୍ରମରେ ଉଭୟ ତଥ୍ୟାତ୍ମକ ଓ ବ୍ୟବହାରିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀ କମ୍ପ୍ୟୁଟର ଓ ଡିଜିଟାଲ୍ ଉପକରଣ ବ୍ୟବହାରରେ ଦକ୍ଷ ହେବା ସହ ଶିକ୍ଷା ଓ ଦୈନନ୍ଦିନ ଜୀବନରେ ପ୍ରଯୁକ୍ତିର ସଠିକ୍ ବ୍ୟବହାର କରିପାରିବେ । ଆଦାନୀ ଫାଉଣ୍ଡେସନର "ଆଇଟି ଅନ୍ ହ୍ୱିଲ୍ସ' ଏକ ଡିଜିଟାଲ୍ ସାକ୍ଷରତା କାର୍ଯ୍ୟକ୍ରମ । ବିଶେଷକରି ଗ୍ରାମାଞ୍ଚଳ ଓ ସୁବିଧାରୁ ବଞ୍ଚିତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ନିକଟରେ କମ୍ପ୍ୟୁଟର ଶିକ୍ଷା ପହଞ୍ଚାଇବା ଏହାର ଲକ୍ଷ୍ୟ । ବିଦ୍ୟାଳୟ ଦ୍ୱାରକୁ ଡିଜିଟାଲ୍ ଶିକ୍ଷା ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ଡିଜିଟାଲ୍ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଭବିଷ୍ୟତର ପ୍ରଯୁକ୍ତି ନିର୍ଭର ଶିକ୍ଷା ଓ ଜୀବନ ପାଇଁ ପ୍ରସ୍ତୁତ କରିବ ।

## ପାର୍ବଣ ପୂର୍ବରୁ ସହରର ବିପର୍ଯ୍ୟସ୍ତ ବ୍ୟବସ୍ଥା ସୁଧାରିବାକୁ

# ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଓଜେସି



କଟକ, (ସ୍ୱପ୍ର): ଆଗାମୀ ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା ଓ ଐତିହାସିକ ବାଲିଯାତ୍ରା ଭଳି ମହାପାର୍ବଣ ପାଇଁ ଭାଇଚାରାର ସହର କଟକ ପ୍ରସ୍ତୁତ ହେଉଥିବା ବେଳେ ପ୍ରଶାସନର ଚରମ ଉଦାସୀନତା ଯୋଗୁଁ ନାଗରିକଙ୍କ ଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏହି ପରିପ୍ରେକ୍ଷୀରେ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ, ଅଚଳ ଆଲୋକ ଓ ପରିମଳ ସମସ୍ୟାର ଯୁଦ୍ଧକାଳୀନ ସମାଧାନ ଦାବି କରି ଆଜି "ଓଡ଼ିଶା ଜନତା କଂଗ୍ରେସ, କଟକ ସହର ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ସଭାପତି ଶ୍ରୀମତୀ ବେହେରା କହିଛନ୍ତି ଯେ, କଟକ ଏକ ଐତିହ୍ୟସମ୍ପନ୍ନ ସହର ହୋଇଥିବା ସେ%୦ ଆଜି ପ୍ରଶାସନିକ ଅବହେଳା ଯୋଗୁଁ ଏଠାକାର ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ । ପାର୍ବଣ ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବା ବେଳେ ପ୍ରଶାସନ ଏବେ ବି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି । ଯଦି ତୁରନ୍ତ ଏହିସବୁ ସମସ୍ୟାର ସମାଧାନ କରାନଯାଏ, ତେବେ ଦଳ ରାଜରାସ୍ତାକୁ ଓହ୍ଲାଇବା ସହ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସେ ଦୃଢ଼ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଓଜେସି ନେତା ନିକୁଞ୍ଜ ପସାୟତ, କିଶୋର କୁମାର କର, ଶରତ ଚନ୍ଦ୍ର ଶେଠୀ, ସୁଷମା ଦାସ, ସେକ ସମିମଉଲ୍ଲା, କାଞ୍ଚନ ଦାସ, ସୁରଜିତ ସାହ, ଶୋନୁ ସ୍ୱାଇଁ, ସ୍ୱାଗତିକା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ଜାଓ୍ୱା, ଯେଜଦି ଓ ବିଏସ୍‌ଏ ମଡେଲରେ ନୂଆ ଅପଡେଟ

ଯୋଡା,(ସବ୍ୟୁ) ପାର୍ବଣ ଋତୁକୁ ଦୃଷ୍ଟିରେ ରଖି କ୍ଲାସିକ୍ ଲିଜେଣ୍ଡସ୍ ପକ୍ଷରୁ ଜାଓ୍ୱା, ଯେଜଦି ଓ ବିଏସ୍‌ଏର ସମସ୍ତ ମଡେଲରେ ନୂଆ ଅପଡେଟ ଓ ପରିବର୍ତ୍ତନ ଅଣାଯାଇଛି । ଏଥିରେ ଜାଓ୍ୱା ୪୨ର ନବୀକରଣ, ଯେଜଦିର ତିନୋଟି ନୂଆ ରୂପ ଏବଂ ବିଏସ୍‌ଏର ନୂତନ ମଡେଲ୍ ସାମିଲ ରହିଛି । ଏହି ପରିବର୍ତ୍ତନ ମାଧ୍ୟମରେ ତିନୋଟି ବ୍ରାଣ୍ଡର ଐତିହ୍ୟ ଓ ସ୍ୱତନ୍ତ୍ର ପରିଚୟକୁ ବଜାୟ ରଖିବା ସହ ଚାଳକଙ୍କୁ ଉନ୍ନତ ଯାତ୍ରା ଅନୁଭୂତି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି । କମ୍ପାନୀର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି ଯେ, ଏହି ଅପଡେଟଗୁଡ଼ିକ ତିନୋଟି ବ୍ରାଣ୍ଡକୁ ନୂଆ ପିଢ଼ିର ବାଇକ୍ ପ୍ରେମୀଙ୍କ ସହ ଯୋଡ଼ିବାରେ ସହାୟକ ହେବ ।

## ସମ୍ପାଦକୀୟ

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଦୁର୍ନୀତିର ଗନ୍ଧ

ଭାରତ ସରକାର ସବୁଦିନିଆ ଗ୍ରାମ୍ୟ ସଡ଼କ ସଂଯୋଗ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (PMGASY) ଆରମ୍ଭ କରିଥିଲେ । ଆମ ରାଜ୍ୟ ଓଡ଼ିଶାରେ ଏହି ଯୋଜନା ୨୦୧୯–୨୪ ଅବଧି ମଧ୍ୟରେ ସଂପନ୍ନ ହୋଇ ଥାଆନ୍ତା । ମାତ୍ର ଏହି କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୋଇଥିବା କଥା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (CAG) ରିପୋର୍ଟରେ ଦର୍ଶାଯାଇଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନେ ହୋଇଥାଏ ।

ଜଣାଯାଇଛି ଯେ ଏହି ଯୋଜନାର ତୃତୀୟ ନମ୍ବରକୁ ଅନୁମୋଦନ ମିଳିଥିବା ସତ୍ତ୍ୱେ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପାଇଁ ଉଦ୍ଦିଷ୍ଟ ସୀମା ଗତ ବର୍ଷ ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ୨୦ ଲକ୍ଷ ୭୧ ହଜାର ଜନସଂଖ୍ୟାବିଶିଷ୍ଟ ୨,୪୨୮ଟି ଜନବସତି (ଗ୍ରାମ)କୁ ସଡ଼କ ପଥଦ୍ୱାରା ସଂଯୋଗ କରି ପାରି ନଥିଲା । ଏଥିପାଇଁ ଡିପିଆର (ବିସ୍ତୃତ ପ୍ରକଳ୍ପ ରିପୋର୍ଟ) ଗ୍ରାମ୍ୟ ଉନ୍ନୟନ ବିଭାଗ କରି ପାରି ନଥିଲା । ପୁଣି ଏହି ବିସ୍ତୃତ ରିପୋର୍ଟ ପ୍ରସ୍ତୁତି ସମୟରେ ଠିକାଦାରମାନଙ୍କ ଲାଭ ସମେତ ଅତିରିକ୍ତ ଖର୍ଚ୍ଚକୁ ଅତ୍ୟଧିକ (Excess) ଦର୍ଶାଇବା । ଫଳରେ ଠିକାଦାରମାନେ ୩୨ କୋଟି ୩୭ ଲକ୍ଷ ଟଙ୍କାର ଅନୁଚିତ ଲାଭ ପାଇଥିଲେ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି । ତେବେ ଏହି ଅର୍ଥକୁ ଠିକାଦାରମାନେ ଉପରିସ୍ଥ ଅଧିକାରୀ ଓ ନିମ୍ନ କର୍ମଚାରୀମାନଙ୍କୁ ଭାଗବାଣ୍ଟି ଦେଇଥିବେ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ ବୋଲି ମନେ ହୋଇଥାଏ ।

କେବଳ ଏତିକି ନୁହେଁ, ଏହି ଅଡିଟ ରିପୋର୍ଟରୁ ମଧ୍ୟ ଧରା ପଡ଼ିଛି ଯେ ଠିକାଦାରମାନଙ୍କୁ କାମ ଦେବା ପୂର୍ବରୁ ଜମିର ଉପଲବ୍ଧି ଓ ଜଙ୍ଗଲ ଅନୁମତିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ସୁନିଶ୍ଚିତ ନ କରିବା ଯୋଗୁଁ ଏହି ଯୋଜନାରେ ୪୮ କୋଟି ୫୨ ଲକ୍ଷ ଟଙ୍କାର ଖର୍ଚ୍ଚ ଅପବ୍ୟୟ ହୋଇଥିବା ଧରାପଡ଼ିଛି ।

**ଆଲୁ ଖୋଲୁ ଖୋଲୁ ମହାଦେବ ବାହାରିବା ପରି ଆହୁରି ମଧ୍ୟ ଜଣାଯାଇଛି ଯେ ଯୋଗ୍ୟତା ନଥିବା ଠିକାଦାରଙ୍କୁ କାମ ଦିଆଯାଇଥିଲା ଏବଂ ୪୦ କୋଟି ୫୫ ଲକ୍ଷ ଟଙ୍କାର ପୂର୍ବ ନିର୍ଦ୍ଧାରିତ କ୍ଷତିପୂରଣକୁ ଆଦାୟ କରା ଯାଇ ନଥିଲା କି ନିୟମିତ ଭାବେ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇ ନଥିବାରୁ ୨୩ କୋଟି ୨ ଲକ୍ଷ ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା । ପୁଣି ତୃଟିପୂର୍ଣ୍ଣ ରାସ୍ତାଗୁଡ଼ିକର ମରାମତି କରା ନଯିବାରୁ ୧୫ କୋଟି ୧୯ ଲକ୍ଷ ଟଙ୍କାର ଅଯଥା ବ୍ୟୟ ହୋଇଥିଲା ଏବଂ ରାସ୍ତାଗାଡ଼ିକର ମାନ ମଧ୍ୟ ଠିକ୍ ଭାବେ ନଥିଲା । ଯଦି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏପରି ଦୁର୍ନୀତିର ଗନ୍ଧ ପ୍ରକାଶ ପାଏ, ତାହେଲେ ସ୍ୱାଧୀନତାର ଅଶୀ ବର୍ଷରେ ଦେଶର ଉନ୍ନତି କିପରି ହେବ ଏବଂ ୨୦୪୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନର ବିକଶିତ ଭାରତ ସତରେ କ'ଣ ଅସମ୍ପୂର୍ଣ୍ଣ ରହିଯିବ ?**

ଆହୁରି ମଧ୍ୟ ଅଭିଯୋଗ ହୋଇଛି ଯେ ଅନାବଶ୍ୟକ ପରିବହନ ଦୂରତା ଭାର ଅନ୍ତର୍ଭୁକ୍ତ କରିବାରୁ ପ୍ରକଳ୍ପର ଅଟକଳ ୨୧ କୋଟି ୬୬ ଲକ୍ଷକୁ ବୃଦ୍ଧି ପାଇଥିଲା । ଏ ସବୁ କରାଯାଇଥିବା ଯୋଗୁଁ ଦୁର୍ବଳ ବା କୋହଳ ଚୁକ୍ତି ନିୟମରେ ଏହି ପ୍ରକଳ୍ପକୁ ପରିଚାଳନା କରାଯିବାରୁ, ପ୍ରକଳ୍ପ ଅଧାରେ ବନ୍ଦ ହୋଇ ଯାଇଥିଲା । ଫଳରେ ବିକାଶ ପ୍ରକ୍ରିୟାର ଅତ୍ୟନ୍ତ ମନ୍ଥର ଗତି ଥିଲା ବୋଲି ଏହି ଅଡିଟ ରିପୋର୍ଟରେ ଦର୍ଶାଯାଇ ତଦ୍ଦ୍ୱାରା, ଏହି ପ୍ରକଳ୍ପରେ ୩୨ କୋଟି ୨୭ ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ କରାଯାଇଥିଲା ବୋଲି ଦୋଷାରୋପ କରାଯାଇଛି ।

ଆଲୁ ଖୋଲୁ ଖୋଲୁ ମହାଦେବ ବାହାରିବା ପରି ଆହୁରି ମଧ୍ୟ ଜଣାଯାଇଛି ଯେ ଯୋଗ୍ୟତା ନଥିବା ଠିକାଦାରଙ୍କୁ କାମ ଦିଆଯାଇଥିଲା ଏବଂ ୪୦ କୋଟି ୫୫ ଲକ୍ଷ ଟଙ୍କାର ପୂର୍ବ ନିର୍ଦ୍ଧାରିତ କ୍ଷତିପୂରଣକୁ ଆଦାୟ କରା ଯାଇ ନଥିଲା କି ନିୟମିତ ଭାବେ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇ ନଥିବାରୁ ୨୩ କୋଟି ୨ ଲକ୍ଷ ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା । ପୁଣି ତୃଟିପୂର୍ଣ୍ଣ ରାସ୍ତାଗୁଡ଼ିକର ମରାମତି କରା ନଯିବାରୁ ୧୫ କୋଟି ୧୯ ଲକ୍ଷ ଟଙ୍କାର ଅଯଥା ବ୍ୟୟ ହୋଇଥିଲା ଏବଂ ରାସ୍ତାଗୁଡ଼ିକର ମାନ ମଧ୍ୟ ଠିକ୍ ଭାବେ ନଥିଲା ।

ଯଦି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏପରି ଦୁର୍ନୀତିର ଗନ୍ଧ ପ୍ରକାଶ ପାଏ, ତାହେଲେ ସ୍ୱାଧୀନତାର ଅଶୀ ବର୍ଷରେ ଦେଶର ଉନ୍ନତି କିପରି ହେବ ଏବଂ ୨୦୪୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନର ବିକଶିତ ଭାରତ ସତରେ କ'ଣ ଅସମ୍ପୂର୍ଣ୍ଣ ରହିଯିବ ?

---

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

---

# ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ –ରଣନୈତିକ ଶକ୍ତିର ମୂଳଦୁଆ

## (Critical Minerals -The Foundation of Strategic Power)



ଡକ୍ଟର ଚିତ୍ତରଂଜନ ମିଶ୍ର

କ୍ରିଟିକାଲ୍ ମିନେରାଲ୍‌ସ ବା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡିକ ସମ୍ବଳ ନୀତିର ସୀମା ସରହଦକୁ ଡେଇଁ ସଂପ୍ରତି ଶିଳ୍ପଗତ କୌଶଳ ଏବଂ ଜାତୀୟ ସୁରକ୍ଷାର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟି ଯାଇଛି । ଲିଥିୟମ, କୋବାଲ୍ଟ, ନିକେଲ୍, ଗ୍ରାଫାଇଟ୍, କପର୍ ଏବଂ ବିରଳ ମୃତ୍ତିକା ମୌଳିକବସ୍ତୁଗୁଡିକ ବୈଦ୍ୟୁତିକ ଯାନ, ଷ୍ଟୋରେଜ୍, ଅଣପାରମ୍ପରିକ ଶକ୍ତି, ସେମିକଣ୍ଡକ୍ଟର୍ସ, ଦେଶରକ୍ଷା ଏବଂ ଆଡଭାନ୍ସଡ ମାନୁଫ୍ୟାକଚରିଂର ମୂଳଦୁଆ ପାଲଟିଯାଇଛି । ଯେହେତୁ ଦିନପରେ ଦିନ କାର୍ବନୀକରଣ ଏବଂ ଡିଜିଟାଲାଇଜେସନ୍ ବା କମ୍ପ୍ୟୁଟର ଏବଂ ଇଣ୍ଟରନେଟ ପ୍ରଯୁକ୍ତିବିଦ୍ୟାର ଗତି ତ୍ୱରାନ୍ୱିତ ହେଉଛି, ଖଣିଜ ସୁରକ୍ଷା ଏବେ ସେତିକି ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି, ଯେମିତି କି ଦିନେ ଅଶୋଧିତ ତୈଳ ଥିଲା । ବିଶ୍ୱସ୍ତରୀୟ ଯୋଗାଣ ଚିତ୍ର କେନ୍ଦ୍ରୀଭୂତ ଅଟେ । କପର, ଲିଥିୟମ୍, ନିକେଲ୍, କୋବାଲ୍ଟ, ଗ୍ରାଫାଇଟ୍ ଏବଂ ବିରଳ ମୃତ୍ତିକା ମୌଳିକବସ୍ତୁ ପାଇଁ ବିଶ୍ୱର ତିନୋଟି ପ୍ରମୁଖ ବିଶୋଧନକାରୀ ରାଷ୍ଟ୍ରର ହାରାହାରି ବଜାରରେ ଅଂଶଧନ ପରିମାଣ ୨୦୨୦ ମସିହାରେ ୮୨ ପ୍ରତିଶତ ଥିଲାବେଳେ ୨୦୨୪ରେ ତାହା ୮୬ ପ୍ରତିଶତକୁ ବୃଦ୍ଧି ଘଟିଛି । ବର୍ଦ୍ଧିତ ଯୋଗାଣ କେବଳ କିଛି ନିର୍ଦ୍ଦିଷ୍ଟ କେନ୍ଦ୍ର ବା ପଏଣ୍ଟ ସହ ଜଡିତ ଯେପରିକି – ନିକେଲ୍ ପାଇଁ ଇଣ୍ଡୋନେସିଆ ଏବଂ କୋବାଲ୍ଟ, ଗ୍ରାଫାଇଟ୍ ଏବଂ ବିରଳ ମୃତ୍ତିକା ମୌଳିକବସ୍ତୁ ପାଇଁ ଚୀନ । ୨୦ଟି ଷ୍ଟ୍ରାଟେଜିକ୍ ମିନେରାଲ୍ସ ବା ସାମରିକ ତଥା ଜାତୀୟ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ମଧ୍ୟରୁ ଚୀନ ୧୯ଟି ଖଣିଜ ପଦାର୍ଥର ପ୍ରମୁଖ ବିଶୋଧନକାରୀ ରାଷ୍ଟ୍ର ଅଟେ ଏବଂ ହାରାହାରି ବଜାର ଅଂଶଧନ ୭୦ପ୍ରତିଶତର ଅଧିକାରୀ ହୋଇଅଛି ଏବଂ ଖଣିଜ ପଦାର୍ଥକୁ କେବଳ ବାଣିଜ୍ୟିକ ନୁହେଁ ବରଂ ଏକ ଭୂ-ରାଜନୈତିକ ରୂପରେଖ ପ୍ରଦାନ କରିଛି । ଅର୍ଥାତ୍, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡିକ କେବଳ କିଣାବିକା ବା ଲାଭ-କ୍ଷତିର ମାଧ୍ୟମ ହୋଇ ଆଉ ରହି ନାହିଁ, ବରଂ ଏହାକୁ ବିଭିନ୍ନ ଦେଶମାନେ ନିଜର ରାଜନୈତିକ କ୍ଷମତା, ସୁରକ୍ଷା, ଏବଂ ବିଶ୍ୱସ୍ତରରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଏକ ରଣନୀତିକ ହତିଆର ଭାବେ ବ୍ୟବହାର କରୁଛନ୍ତି ।

**ଭୂ-ରାଜନୈତିକ ବିପଦ:-**

ସ୍ୱଚ୍ଛ ଶକ୍ତିର ରୂପାନ୍ତରଣ କିମ୍ବା ପରିବର୍ତ୍ତନ ପାଇଁ ଆଜିର ଉତ୍ପାଦନ ବ୍ୟବସ୍ଥା ତୁଳନାରେ ବହୁ ଅଧିକ ପରିମାଣର ଖଣିଜ ପଦାର୍ଥ ଆବଶ୍ୟକ ହେବ । ୨୦୩୫ ମସିହା ସୁଦ୍ଧା ତମ୍ବା (କପର୍)ର ଆବଶ୍ୟକତା ତୁଳନାରେ ୩୦ ପ୍ରତିଶତ କମ୍ ଯୋଗାଣ ବା ଅଭାବ ହେବ ବୋଲି ବର୍ତ୍ତମାନର ଖଣି ପ୍ରକଳ୍ପଗୁଡିକର ସ୍ଥିତି ସୂଚାଉଛି । ଲିଥିୟମ୍‌ର ଯୋଗାଣ ନିକଟ ଭବିଷ୍ୟତରେ ଭଲ ରହିବ ବୋଲି ଜଣାପଡୁଛି, କିନ୍ତୁ ବର୍ଦ୍ଧିତ ଚାହିଦା ଯୋଗୁଁ ୨୦୩୦ ଦଶକ ସୁଦ୍ଧା ବଜାରରେ ଏହାର ଅଭାବ ପରିଲକ୍ଷିତ ହେବ ବୋଲି ଆଶା କରାଯାଉଛି । ପବନ ଶକ୍ତି, ଇଲେକ୍ଟ୍ରାନିକ୍ସ ଓ ଚୁମ୍ବକର ବ୍ୟବହାର ବୃଦ୍ଧି ପାଇବା ସହିତ ବିରଳ ମୃତ୍ତିକା ଉପାଦାନର ଚାହିଦା ଦ୍ରୁତ ଗତିରେ ବଢିବ ।

ଭୂ-ରାଜନୈତିକ ବିପଦ ବା ଆନ୍ତର୍ଜାତିକ ରାଜନୀତିକ ଜଟିଳତା ଏହି ଚାପଗୁଡିକୁ ଆହୁରି ବଢାଇ ଦେଉଛି । ଚୀନ ଦ୍ୱାରା ୨୦୨୫ ମସିହାରେ ଘୋଷିତ 'ରେୟାର ଆର୍ଥ ଏକ୍ସପୋର୍ଟ କଣ୍ଟ୍ରୋଲ' (ବିରଳ ମୃତ୍ତିକା ରପ୍ତାନି ନିୟନ୍ତ୍ରଣ) ଶକ୍ତି, ଅଟୋମୋବାଇଲ, ପ୍ରତିରକ୍ଷା, ମହାକାଶ, କୃତ୍ରିମ ପ୍ରଜ୍ଞା ଏବଂ ସେମିକଣ୍ଡକ୍ଟର ଭଳି ପ୍ରମୁଖ କ୍ଷେତ୍ରଗୁଡିକ ପାଇଁ ଗଭୀର ଚିନ୍ତା ସୃଷ୍ଟି କରିଛି । ମୁଖ୍ୟ ଅର୍ଥ ବ୍ୟବସ୍ଥାଗୁଡିକ ଶୀଘ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ୟୁରୋପୀୟ ୟୁନିୟନର 'କ୍ରିଟିକାଲ ର' ମ୍ୟାରେରିଆଲ୍ସ ଆକ୍ଟ' ଅନୁଯାୟୀ ୨୦୩୦ସୁଦ୍ଧା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ସୁରକ୍ଷିତ ହେବା ପାଇଁ ଏହି ମାନଦଣ୍ଡଗୁଡିକ ସ୍ଥିର କରାଯାଇଛି । ସେଗୁଡିକ ହେଲା -(୧) ୧୦ ପ୍ରତିଶତ ଆଭ୍ୟନ୍ତରୀଣ ଉତ୍ତୋଳନ:- ୟୁରୋପ ନିଜ ଭୂମିରୁ ଏହାର ବାର୍ଷିକ ଆବଶ୍ୟକତାର ସର୍ବନିମ୍ନ ୧୦ ପ୍ରତିଶତ ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ ଖନନ ବା ଉତ୍ତୋଳନ କରିବ (୨) ୪୦ ପ୍ରତିଶତ ପ୍ରକ୍ରିୟାକରଣ:- ସେହି ଖଣିଜ ପଦାର୍ଥଗୁଡିକର ସର୍ବନିମ୍ନ ୪୦ ପ୍ରତିଶତ ପ୍ରକ୍ରିୟାକରଣ ବା ଶୁଦ୍ଧିକରଣ (ରିଫାଇନିଂ) କେବଳ ୟୁରୋପୀୟ ଅଞ୍ଚଳ ଭିତରେ କରାଯିବ । (୩) ୨୫ ପ୍ରତିଶତ ପୁନଃଚକ୍ରଣ:- ବ୍ୟବହୃତ ସାମଗ୍ରୀରୁ ସର୍ବନିମ୍ନ ୨୫ ପ୍ରତିଶତ ଖଣିଜ ପଦାର୍ଥ ପୁନଃଚକ୍ରଣ ମାଧ୍ୟମରେ ପୁନଃପ୍ରାପ୍ତ କରାଯିବ ଏବଂ (୪) ଗୋଟିଏ ଦେଶ ଉପରେ ସର୍ବାଧିକ ୬୫ପ୍ରତିଶତ ନିର୍ଭରଶୀଳତା:-ୟୁରୋପ ତା'ର ବାର୍ଷିକ ଆବଶ୍ୟକତା ପାଇଁ କୌଣସି ଗୋଟିଏ ବାହ୍ୟ ଦେଶ ଉପରେ ୬୫ପ୍ରତିଶତରୁ ଅଧିକ ନିର୍ଭର କରିବ ନାହିଁ, ଯାହାଦ୍ୱାରା କୌଣସି ଏକକ ଦେଶର ଏକାଧିକାର ବା ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା କମିବ । ଯୁକ୍ତରାଷ୍ଟ୍ର ଆମେରିକା ଭାଗିଦାରୀ ବା ପାର୍ଟନରସିପ୍ ମାଧ୍ୟମରେ ଏହାର ଯୋଗାଣ ଶୃଙ୍ଖଳା (ସପ୍ଲାଇଚେନ)କୁ ବିବିଧ କରୁଛି । ଆମେରିକା ନିଜର ଦରକାରୀ ଜିନିଷ ପାଇଁ କେବଳ ଗୋଟିଏ ବା ଦୁଇଟି ଦେଶ ଉପରେ ନିର୍ଭର ନକରି, ଅନ୍ୟ ବନ୍ଧୁରାଷ୍ଟ୍ରମାନଙ୍କ ସହ ହାତ ମିଳାଇ ବେପାର ବୃଦ୍ଧି କରୁଛି, ଯାହାଦ୍ୱାରା ଭବିଷ୍ୟତରେ କୌଣସି ସଙ୍କଟ ଦେଖାଗଲେ ମଧ୍ୟ ବାଣିଜ୍ୟ ବ୍ୟାହତ ହେବନାହିଁ ।

ଭାରତର ସ୍ୱଚ୍ଛଶକ୍ତି ଏବଂ ଉତ୍ପାଦନ ଆକାଂକ୍ଷା ହେଉଛି ଖଣିଜ-ନିର୍ଭରଶୀଳ । ଅର୍ଥାତ୍ ଭାରତ ସ୍ୱଚ୍ଛ ଶକ୍ତି ଏବଂ ମାନୁଫ୍ୟାକଚରିଂ କ୍ଷେତ୍ରରେ ଯେଉଁ ଉନ୍ନତି କରିବାକୁ ଚାହୁଁଛି ତାହା ପାଇଁ ବହୁତ ଅଧିକ ମାତ୍ରାରେ ଖଣିଜ ସଂପଦର ଆବଶ୍ୟକତା ରହିଛି, ଏକ ନେଟ ଜିରୋ (ଶୂନ୍ୟ ଅଙ୍ଗାରକ ନିର୍ଗମନ) ପରିସ୍ଥିତିରେ, ଗୁରୁତ୍ୱପୂର୍ଣ୍ଣ ଶକ୍ତି ରୂପାନ୍ତରଣ ଖଣିଜ ପଦାର୍ଥର ସାମଗ୍ରିକ ଚାହିଦା ୨୦୭୦ ସୁଦ୍ଧା ପ୍ରାୟ ୧୬୯ ମିଲିୟନ ଟନରେ ପହଞ୍ଚିପାରେ, ଯାହା ବର୍ତ୍ତମାନର ନୀତି ପଥ ତୁଳନାରେ ପ୍ରାୟ ୫୧ ପ୍ରତିଶତ ଅଧିକ । ବିଦ୍ୟୁତ ଶକ୍ତି ପ୍ରଣାଳୀ (ପାୱାର ସିଷ୍ଟମ) ସହିତ ତମ୍ବାର ଚାହିଦା ବଢିବ ଏବଂ ପବନଶକ୍ତି (ଉଇଣ୍ଡ ଏନର୍ଜି) ଓ ଉନ୍ନତ ବିନିର୍ମାଣ (ଆଡଭାନ୍ସଡ ମାନୁଫ୍ୟାକଚରିଂ)ସହିତ ବିରଳ ମୃତ୍ତିକା ଧାତୁର ଚାହିଦା ମଧ୍ୟ ବୃଦ୍ଧି ପାଇବ ।

**୨୦୨୩ ମସିହା ପରଠାରୁ ଭାରତର ନୀତିଗତ ପଦକ୍ଷେପ ଏକ ପରିବର୍ତ୍ତନର ସଂକେତ ଦେଉଛି । ସରକାର ୩୦ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଚିହ୍ନଟ କରିଛନ୍ତି, ଆଇନଗତ ବ୍ୟବସ୍ଥାକୁ ଦୃଢ କରିଛନ୍ତି ଏବଂ ଖଣିଜ ଯୋଗାଣ ଶୃଙ୍ଖଳାକୁ ସୁଦୃଢ କରିବା ପାଇଁ ' ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ'ର ଶୁଭାରମ୍ଭ କରିଛନ୍ତି । ଏହି ମିଶନର ଲକ୍ଷ୍ୟ ହେଉଛି ୨୦୩୦-୩୧ ସୁଦ୍ଧା ଭାରତର ୧୨୦୦ଟି ଘରୋଇ ଖଣି ଅନ୍ୱେଷଣ ପ୍ରକଳ୍ପ କରିବା, ଅତିକମ୍‌ରେ ୧୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉତ୍ପାଦନ କରିବା ଏବଂ ଭାରତୀୟ କମ୍ପାନୀଗୁଡିକ ଦ୍ୱାରା ବିଦେଶରେ ୫୦ଟି ଖଣି ସଂପତ୍ତି ହାତକୁ ନେବା ।**

ଭାରତର ଯଥେଷ୍ଟ ଆଭ୍ୟନ୍ତରୀଣ କ୍ଷମତା ରହିଛି ଏବଂ ଭାରତ ପାଖରେ ୪୪.୯ ନିୟୁତ ଟନର କୋବାଲ୍ଟ, ୧୬୩.୯ ନିୟୁତ ଟନର ତମ୍ବା, ୨୧୧.୬ ନିୟୁତ ଟନର ଗ୍ରାଫାଇଟ୍ ଏବଂ ୧୮୯ ନିୟୁତ ଟନର ନିକେଲ୍ ମଧ୍ୟ ଗଚ୍ଛିତ ଅଛି ଏବଂ ତତ୍‌ସହ ବିରଳ ମୃତ୍ତିକା ଅକ୍ସାଇଡ ଥିବା ମୋନାଜାଇଟ୍ ଖଣିଜ ସଂପଦ ମଧ୍ୟ ପ୍ରଚୁର ପରିମାଣରେ ଉପଲବ୍ଧ ଅଛି । ଏକବିଂଶ ଶତାବ୍ଦୀର ମଧ୍ୟ ଭାଗ(୨୦୫୦)ସୁଦ୍ଧା ରିସାଇକ୍ଲିଂ (ପୁନରୁଦ୍ଧାର ବା ପୁନର୍ବ୍ୟବହାର) ମାଧ୍ୟମରେ ତମ୍ବା ଏବଂ ଗ୍ରାଫାଇଟ ଚାହିଦାର ପ୍ରାୟ ଏକ-ଚତୁର୍ଥାଂଶ (୨୫ଭାଗ) ପୂରଣ କରାଯାଇ ପାରିବ । ତଥାପି ମହଜୁଦ ଭଣ୍ଡାର ଯୋଗାଣ ସୁରକ୍ଷା ନିଶ୍ଚିତ କରିପାରି ନାହିଁ । ଭାରତ ଲିଥିୟମ, କୋବାଲ୍ଟ ଏବଂ ନିକେଲ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ସଂପୂର୍ଣ୍ଣରୂପେ ଆମଦାନୀ ଉପରେ ନିର୍ଭର କରିଥାଏ ।

**ଅନ୍ୟପକ୍ଷରେ, ଗ୍ରାଫାଇଟ ଏବଂ ଏହାର ପ୍ରକ୍ରିୟାକରଣ ଉପରେ ଚୀନର ଏକଚାଟିଆ ପ୍ରଭାବ ରହିଛି । ଯେହେତୁ ଦେଶରେ ଏହି ସବୁ ସାମଗ୍ରୀର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି, ଭାରତର ଏହି ଅଧିକ ନିର୍ଭରଶୀଳତା ଭବିଷ୍ୟତରେ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି କରୁଛି । ଗୁରୁତର ବ୍ୟବଧାନ ବା ମୁଖ୍ୟ ଅଭାବ ହେଲା ପ୍ରକ୍ରିୟାକରଣ ଓ ବିଶୋଧନ । ଭାରତର ଆଭିମୁଖ୍ୟ (ବା ସ୍ଥିତି), ୟୁରୋପୀୟ ସଂଘ, ଆମେରିକା ଏବଂ ଅଷ୍ଟ୍ରେଲିଆ ଠାରୁ ଭିନ୍ନ ଯେଉଁମାନେ କି ବିଭିନ୍ନ ନିର୍ଦ୍ଦେଶନାମା, ସହଭାଗିତା ଏବଂ ପ୍ରକ୍ରିୟାକରଣ ନିବେଶ ମାଧ୍ୟମରେ ଏକ ସମନ୍ୱିତ ଯୋଗାଣ ଶୃଙ୍ଖଳା (ସପ୍ଲାଇ ଚେନ୍) ଗଠନ କରୁଛନ୍ତି । ଭାରତ ଏବେ ମଧ୍ୟ ନିଜର ମୌଳିକ ସାମର୍ଥ୍ୟ କିମ୍ବା ଦକ୍ଷତା ବିକଶିତ କରୁଛି । ଯଦିଓ ଅନେକ ଖଣିଜ ପଦାର୍ଥ ଘରୋଇ ଭାବରେ ପ୍ରକ୍ରିୟାକରଣ କରାଯାଉଛି, ତଥାପି କାର୍ଯ୍ୟକ୍ଷମତା ଏବଂ ଉଚ୍ଚ ଗୁଣବତ୍ତା ସଂପନ୍ନ ବା ସଂପୂର୍ଣ୍ଣ ବିଶୁଦ୍ଧ ସାମଗ୍ରୀ ଉତ୍ପାଦନ କରିବା ସୀମିତ ରହିଛି । ଭାରତ ପାଖରେ ବିପୁଳ ପରିମାଣର ଖଣିଜ ପଦାର୍ଥ ଉତ୍ପାଦନର ଅଭିଜ୍ଞତା ଅଛି, କିନ୍ତୁ ଉଚ୍ଚ-ଶୁଦ୍ଧତା ବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ଖଣିଜ ଉତ୍ପାଦ ପାଇଁ ଭାରତ ଏବେ ବି ଆମଦାନୀ ଉପରେ ନିର୍ଭର କରିଥାଏ ।**

ଚୀନ ୨୦୨୪ ମସିହା ସୁଦ୍ଧା ବିରଳ ମୃତ୍ତିକା ଉପାଦାନ ଏବଂ ଗ୍ରାଫାଇଟ ପ୍ରକ୍ରିୟାକରଣର ୯୦ ପ୍ରତିଶତରୁ ଅଧିକ, କୋବାଲ୍ଟ ପ୍ରାୟ ୭୫ ପ୍ରତିଶତ ଏବଂ ଲିଥିୟମ ରସାୟନର ୭୦ ପ୍ରତିଶତ ନିଜ ଅଧିନରେ ରଖିଛି । ଅର୍ଥାତ୍ ଆଧୁନିକ ପ୍ରଯୁକ୍ତିବଦ୍ୟା, ବୈଦ୍ୟୁତିକ ଯାନ ଏବଂ ବ୍ୟାଟେରୀ ତିଆରି ପାଇଁ ଆବଶ୍ୟକ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡିକୁ ଶୁଦ୍ଧ କରିବା ଏବଂ ବ୍ୟବହାର ଉପଯୋଗୀ କରିବା କାରଖାନା କ୍ଷେତ୍ରରେ ଚୀନ ଏକଛତ୍ରବାଦ ସୃଷ୍ଟି କରିଛି । ଅନ୍ୟ ଦେଶମାନେ କଞ୍ଚାମାଲ ଖଣିରୁ ବାହାର କଲେ ମଧ୍ୟ ଏହାକୁ ପ୍ରକ୍ରିୟାକରଣ ବା ପରିଷ୍କାର କରିବା ପାଇଁ ବହୁପରିମାଣରେ ଚୀନ ଉପରେ ନିର୍ଭର କରିଥାଆନ୍ତି । ବିଶ୍ୱ ଯୋଗାଣ ଶୃଙ୍ଖଳାର ପୁନର୍ବିନ୍ୟାସରେ ସାର୍ଥକ ଭାବେ ଭାଗ ନେବା ପାଇଁ ଭାରତକୁ ମଧ୍ୟମସ୍ତରୀୟ କ୍ଷମତା ନିର୍ମାଣ କରିବାକୁ ହେବ । ବର୍ତ୍ତମାନ ସାରା ବିଶ୍ୱରେ କମ୍ପାନୀଗୁଡିକ କେବଳ ଗୋଟିଏ ଦେଶ (ଯେପରିକି ଚୀନ) ଉପରେ ନିର୍ଭର ନକରି ନିଜର କଞ୍ଚାମାଲ ଏବଂ ସାମଗ୍ରୀ ଉତ୍ପାଦନର କେନ୍ଦ୍ରଗୁଡିକୁ ଅନ୍ୟଦେଶକୁ ବଦଳାଉଛନ୍ତି । ଯେ କୌଣସି ଶିଳ୍ପର ତିନୋଟି ସ୍ତର ଥାଏ ଅପଷ୍ଟ୍ରିମ୍ (କଞ୍ଚାମାଲ ସଂଗ୍ରହ), ମିଡଷ୍ଟ୍ରିମ୍ (କଞ୍ଚାମାଲକୁ ପ୍ରକ୍ରିୟାକରଣ ବା ରିଫାଇନ୍ କରିବା ଏବଂ ପରିବହନ) ଏବଂ ଡାଉନଷ୍ଟ୍ରିମ୍ (ଶେଷ ସାମଗ୍ରୀ ପ୍ରସ୍ତୁତ କରି ଗ୍ରାହକଙ୍କୁ ବିକ୍ରୀ କରିବା) । ଏଠାରେ 'ମିଡଷ୍ଟ୍ରିମ କ୍ଷମତା'ର ଅର୍ଥ ହେଉଛି କଞ୍ଚାମାଲକୁ ବ୍ୟବହାର ଉପଯୋଗୀ କରିବା ପାଇଁ ପ୍ରକ୍ରିୟାକରଣ କାରଖାନା ଏବଂ ଭିତ୍ତିଭୂମି ପ୍ରସ୍ତୁତ କରିବା ।

**ସଂରଚନାଗତ ପ୍ରତିବନ୍ଧକ:-**

ଏକାଧିକ ପ୍ରତିବନ୍ଧକ ପ୍ରଗତିରେ ବାଧକ ସାଜିଥାଏ । ଖଣିଜ ପଦାର୍ଥର ଅନ୍ୱେଷଣ ଏ ପର୍ଯ୍ୟନ୍ତ ସୀମିତ ରହିଛି, ନିୟାମକ ମଞ୍ଜୁରୀ (ସରକାରୀ ଅନୁମତି) ମିଳିବାରେ ଅଧିକ ସମୟ ଲାଗିପାରେ, ବେସରକାରୀ ସହଭାଗିତା ସୀମିତ ଅଟେ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ପ୍ରକଳ୍ପର ଅର୍ଥନୀତି ଆହ୍ୱାନପୂର୍ଣ୍ଣ ଅଟେ । ପ୍ରକ୍ରିୟାକରଣ ଏକ ବଡ ପ୍ରତିବନ୍ଧକ ଅଟେ । ଭାରତରେ କେତେକ ଉଚ୍ଚ ଶୁଦ୍ଧତାବିଶିଷ୍ଟ ଇନ୍‌ପୁଟ ସୁବିଧାର ଅଭାବ ରହିଛି, ଯେଉଁଠାରେ କି ତମ୍ବା ଏବଂ ଗ୍ରାଫାଇଟ୍ କ୍ଷେତ୍ରରେ ତରଳାଇବା, ବିଶୋଧନ ଏବଂ ବ୍ୟାପକ ସ୍ତରରେ ଉତ୍ପାଦନ କରିବାରେ ପ୍ରତିବନ୍ଧକ ରହିଛି । ରିସାଇକ୍ଲିଂ (ପୁନର୍ବ୍ୟବହାର) ଏକ ଭୂମିକା ଗ୍ରହଣ କରିବ ସତ, କିନ୍ତୁ ଏହା ନିକଟ ଭବିଷ୍ୟତରେ ପ୍ରାଥମିକ ଯୋଗାଣର ବିକଳ୍ପ ହୋଇପାରିବ ନାହିଁ, କାରଣ କଞ୍ଚାମାଲ, ସଂଗ୍ରହ ଏବଂ ପ୍ରଯୁକ୍ତିବିଦ୍ୟା ଏବେ ମଧ୍ୟ ସୀମିତ ଅଛି ।

୨୦୨୩ ମସିହା ପରଠାରୁ ଭାରତର ନୀତିଗତ ପଦକ୍ଷେପ ଏକ ପରିବର୍ତ୍ତନର ସଂକେତ ଦେଉଛି । ସରକାର ୩୦ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଚିହ୍ନଟ କରିଛନ୍ତି, ଆଇନଗତ ବ୍ୟବସ୍ଥାକୁ ଦୃଢ କରିଛନ୍ତି ଏବଂ ଖଣିଜ ଯୋଗାଣ ଶୃଙ୍ଖଳାକୁ ସୁଦୃଢ କରିବା ପାଇଁ 'ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ'ର ଶୁଭାରମ୍ଭ କରିଛନ୍ତି । ଏହି ମିଶନର ଲକ୍ଷ୍ୟ ହେଉଛି ୨୦୩୦-୩୧ ସୁଦ୍ଧା ଭାରତର ୧୨୦୦ଟି ଘରୋଇ ଖଣି ଅନ୍ୱେଷଣ ପ୍ରକଳ୍ପ କରିବା, ଅତିକମ୍‌ରେ ୧୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉତ୍ପାଦନ କରିବା ଏବଂ ଭାରତୀୟ କମ୍ପାନୀଗୁଡିକ ଦ୍ୱାରା ବିଦେଶରେ ୫୦ଟି ଖଣି ସଂପତ୍ତି ହାତକୁ ନେବା । 'ଦି ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ' ଲିଥିୟମ ଅନ୍ୱେଷଣ ପାଇଁ ଆର୍ଜେଣ୍ଟିନାର କାଟାମାର୍କା ପ୍ରଦେଶରେ ୧୫,୭୦୩ ହେକ୍ଟର ଜମି ହାସଲ କରିଛି, ଅନ୍ୟପଟେ ୨୦୨୬-୨୭ ବଜେଟରେ ଓଡିଶା, କେରଳମ୍, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁରେ ବିରଳ ମୃତ୍ତିକା କରିଡର ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି । ନୂଆଦିଲ୍ଲୀଠାରେ ଭାରତ ଓ ଆମେରିକା ମଧ୍ୟରେ ୨୦୨୬ ମେ ୨୬ ତାରିଖରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ ବିରଳ ମୃତ୍ତିକା ଫ୍ରେମୱାର୍କକୁ ନେଇ ସଂପାଦିତ ହୋଇଥିବା ଚୁକ୍ତି ଦ୍ୱାରା ଦୁଇଦେଶ ପରସ୍ପର ସହ ଆଲୋଚନା କରିବା, ନିଜର ସଂପର୍କକୁ ଅଧିକ ମଜବୁତ କରିବା ଏବଂ ବିଶ୍ୱସ୍ତରରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଏକ ଅତିରିକ୍ତ, କୂଟନୈତିକ ମାଧ୍ୟମ ଲାଭ କରିଛନ୍ତି ।

**ଲକ୍ଷ୍ୟରୁ କାର୍ଯ୍ୟାନ୍ୱୟନ:-**

ପରବର୍ତ୍ତୀ ପର୍ଯ୍ୟାୟ ହେଉଛି କାର୍ଯ୍ୟାନ୍ୱୟନ ବା ନିଷ୍ପାଦନ । ପ୍ରକ୍ରିୟାକରଣ ଏବଂ ବିଶୋଧନକୁ ଏକ ଜାତୀୟ ଶିଳ୍ପ ପ୍ରାଥମିକତା ପ୍ରଦାନ କରାଯିବା ଉଚିତ, ଯାହାକୁ ଭିତ୍ତିଭୂମି ଏବଂ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ ଦ୍ୱାରା ସମର୍ଥନ ମିଳିବା ଆବଶ୍ୟକ । ବେସରକାରୀ ପୁଞ୍ଜି ପାଇଁ ନୂତନ ଭୂ-ତାତ୍ତ୍ୱିକ ତଥ୍ୟ, ପୂର୍ବାନୁମାନ ଯୋଗ୍ୟ ମଞ୍ଜୁରୀ ଏବଂ ବିପଦର ସହଭାଗିତା ଆବଶ୍ୟକ । ଅର୍ଥାତ୍ ମାଟି ତଳେ କେଉଁଠି କେତେ ପରିମାଣର ଖଣିଜ ପଦାର୍ଥ ବା ପ୍ରାକୃତିକ ସଂପଦ ଅଛି ସେ ବିଷୟରେ ଠିକ ଓ ଭଲ ରିପୋର୍ଟ ମିଳିବା ଦରକାର, ଯାହାଦ୍ୱାରା ନିବେଶକମାନେ ନିଶ୍ଚିତ ହୋଇପାରିବେ । ସରକାରୀ କାଗଜପତ୍ର କାମ ବା ଅନୁମତି କେତେଦିନରେ ଏବଂ କେଉଁ ନିୟମ ଆଧାରରେ ମିଳିବ, ତାହା ସ୍ପଷ୍ଟ ଜଣାଥିବା ଦରକାର । ଏଥିରେ କୌଣସି ଅନିଶ୍ଚିତତା ରହିବା ଉଚିତ ନୁହେଁ । ବ୍ୟବସାୟ ବା ପ୍ରୋଜେକ୍ଟରେ ଯଦି କିଛି କ୍ଷତି ବା ବିପଦ ଆସେ, ତେବେ ସେହି ବୋଝ କେବଳ କମ୍ପାନୀ ଉପରେ ନପଡି ସରକାର ଏବଂ ବେସରକାରୀ ସଂସ୍ଥା ଉଭୟ ମିଶି ବାଣ୍ଟିବା ଉଚିତ୍ ।

ଭାରତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ରଣନୀତିକ ମହଜୁଦ କାର୍ଯ୍ୟକ୍ଷମ କରିବା ଉଚିତ୍, ଶିଳ୍ପ ସହଭାଗିତା ମାଧ୍ୟମରେ ପ୍ରାୟୋଗିକ ଗବେଷଣା ଓ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଚିତ୍, ଘରୋଇ ଦକ୍ଷତା ବୃଦ୍ଧି କରିବା ଉଚିତ୍ ଏବଂ ବିଶ୍ୱସନୀୟ ଅଂଶୀଦାର ଓ ମଞ୍ଚ (ପ୍ଲାଟଫର୍ମ) ମାଧ୍ୟମରେ ବିଦେଶୀ ଯୋଗାଣରେ ମଧ୍ୟ ବିବିଧତା ଆଣିବା ଉଚିତ୍ । ଅର୍ଥାତ୍, ସଙ୍କଟ ସମୟ ପାଇଁ ଅତି ଜରୁରୀ ଥିବା ଖଣିଜ ପଦାର୍ଥଗୁଡିକୁ ସୁରକ୍ଷିତ ଭାବେ ଗଚ୍ଛିତ କରି ରଖିବା । ବିଭିନ୍ନ ଶିଳ୍ପ ଓ କମ୍ପାନୀଗୁଡିକ ସହ ମିଶି ନୂତନ ଜ୍ଞାନ କୌଶଳର ବ୍ୟବହାରିକ ଗବେଷଣାକୁ ଆଗକୁ ବଢାଇବା । ଦେଶ ଭିତରେ ଥିବା ଉତ୍ପାଦନ ଓ ପ୍ରକ୍ରିୟାକରଣ କ୍ଷମତାକୁ ବଡ ସ୍ତରରେ ବିକଶିତ କରିବା ଏବଂ କେବଳ ଗୋଟିଏ ଦେଶ ଉପରେ ନିର୍ଭର ନକରି, ବିଶ୍ୱସନୀୟ ବନ୍ଧୁ ଦେଶଗୁଡିକ ମାଧ୍ୟମରେ ବିଦେଶରୁ ଆସୁଥିବା କଞ୍ଚାମାଲର ଯୋଗାଣକୁ ବହୁମୁଖୀ କରିବା ଉପରେ ଆମକୁ ଧ୍ୟାନ ଦେବାକୁ ପଡିବ ।

ଭାରତ ଶକ୍ତି ରୂପାନ୍ତରଣ, ଇଲେକ୍‌ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ପ୍ରତିରକ୍ଷା ଉତ୍ପାଦନ ଏବଂ ଉନ୍ନତ ଶିଳ୍ପାୟନ –ଏହି ସବୁକ୍ଷେତ୍ରରେ ଏକ ସୁରକ୍ଷିତ ଖଣିଜ ନୀତି ଓ ଯୋଗାଣ ଉପରେ ନିର୍ଭର କରିଥାଏ । ଯଦିଓ ବ୍ୟକ୍ତିଗତ ବା ପୃଥୁଳ ପଦକ୍ଷେପଗୁଡିକ ଆବଶ୍ୟକ, ତଥାପି ସେଗୁଡିକ ଯଥେଷ୍ଟ ନୁହେଁ । ଏକ ବ୍ୟାପକ ରଣନୀତିରେ ଖଣିଜ –ନିର୍ଦ୍ଦିଷ୍ଟ ବିପଦ ସୀମା ନିର୍ଦ୍ଧାରଣ କରାଯିବା ଉଚିତ୍, ଯୋଗାଣ ଯୋଜନାରେ ପୁନଃଚକ୍ରଣକୁ ସାମିଲ କରାଯିବା ଉଚିତ୍, ମାପଯୋଗ୍ୟ ମାଇଲଖୁଣ୍ଟ ବା ଲକ୍ଷ୍ୟ ସ୍ଥିର କରାଯିବା ଉଚିତ ଏବଂ ତତ୍‌ସହ ଏକ ସମନ୍ୱିତ ପ୍ରାତିଷ୍ଠାନିକ ଢାଞ୍ଚା ମଧ୍ୟ ପ୍ରସ୍ତୁତ କରାଯିବା ଉଚିତ୍ । ବର୍ତ୍ତମାନର ପ୍ରାଥମିକତା ହେଉଛି ନିରନ୍ତର କାର୍ଯ୍ୟକାରିତା ମାଧ୍ୟମରେ ସମ୍ଭାବନାକୁ ସାମର୍ଥ୍ୟରେ ପରିଣତ କରିବା ଏବଂ ରଣନୀତିକ ଦୁର୍ବଳତାକୁ ହ୍ରାସ କରିବା ।

**ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର, ବି–୩, ଏଚ.ଆଇ.ଜି କଲୋନୀ, ବରମୁଣ୍ଡା ହାଉସିଂ ବୋର୍ଡ, ଭୁବନେଶ୍ୱର–୭୫୧୦୦୩, ମୋ–୯୩୩୮୨୦୪୯୯୩**
Email-crmishra49@yahoo.in

---

# ପଚାଶର ପ୍ରଭାବ



ଦେବଯାନୀ ସ୍ୱାଇଁ

କେଉଁଠି ଗୋଟେ ପଢ଼ିଥିଲି–ପଚାଶ ବର୍ଷ ବୟସଟା ଟିକେ ଦୁଷ୍ଟାମିଆ ହୋଇଥାଏ!

ସେତେବେଳେ କଥାଟାକୁ ବିଶେଷ ଗୁରୁତ୍ୱ ଦେଇନଥିଲି । କିନ୍ତୁ ଯେବେ ନିଜେ ପଚାଶର ଦ୍ୱାରଦେଶରେ ପହଞ୍ଚିଲି, ନିଜର ଅନୁଭୂତି, ଅଭିଜ୍ଞତା, ପରିପକ୍ୱତା, ସର୍ବୋପରି କିଛି ପରିମାଣରେ ଆର୍ଥିକ ସ୍ୱଚ୍ଛଳତାର ଅସରରୁ ମନ ଭିତରେ ସବୁବେଳେ କେମିତି ଗୋଟିଏ ଉତ୍ସୁକତା ଜାଗିଲା ।

ସତରେ କ'ଣ ପଚାଶ ବୟସର କିଛି ଅଲଗା ପ୍ରଭାବ ଅଛି?

ତା'ପରେ ଯେତେବେଳେ ନିଜ ସମବୟସୀ ବନ୍ଧୁମାନଙ୍କ ସହ କଥା ହୁଏ, ଅଜାଣତେ ଏହି ପ୍ରଶ୍ନଟା ସେମାନଙ୍କ ଆଗରେ ରଖିଦିଏ ।

କାହାର ଉତ୍ତର– ଏହାକୁ ଠିକ୍ ଭାବରେ ବୁଝାଇବା ଟିକେ କଷ୍ଟକର ।

କେହି କହନ୍ତି– ହଁ, କିଛି ଅଲଗା ଉତ୍ସାହ ଅନୁଭବ ହୁଏ ।

କେହି ପୁଣି କହନ୍ତି– ଏହି ବୟସରେ ମନ ଓ ଶରୀରରେ ଏକ ନୂଆପଣ ଅନୁଭବ ହୁଏ ।

ହେଲେ ମୋର ଜଣେ ପ୍ରିୟ ବନ୍ଧୁ ଯେଉଁ କଥାଟି କହିଲେ, ତାହା ମୋତେ ସବୁଠାରୁ ଅଧିକ ଚିନ୍ତାରେ ପକାଇ ଦେଲା ।

ସେ କହିଲେ– ପଚାଶ ହେଉଛି ସେହି ବୟସ ଯେଉଁଠି ମଣିଷ, ଜୀବନର ପ୍ରକୃତ ସ୍ୱାଦ ପାଇବାକୁ ଆରମ୍ଭ କରେ ।

କଥାଟା ଶୁଣି ମୋ ମନରେ ଆଉ ଗୋଟିଏ ପ୍ରଶ୍ନ ଉଠିଲା– ଜୀବନର 'ପ୍ରକୃତ ସ୍ୱାଦ' ବୋଲି କ'ଣ?

ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ କେତେ ଦାର୍ଶନିକ, ଚିନ୍ତକ ଓ ମନୀଷୀ, ଜୀବନର ଅର୍ଥ ଖୋଜି ଚାଲିଛନ୍ତି । ଜୀବନ କ'ଣ, ତାହାର ପ୍ରକୃତ ଉଦ୍ଦେଶ୍ୟ କ'ଣ–ଏହାର ଏକ ସନ୍ତୋଷଜନକ ଉତ୍ତର ଆଜି ମଧ୍ୟ କାହା ପାଖରେ ନାହିଁ । ତେବେ ପଚାଶ ବର୍ଷରେ ଆସି ଆମେ କିପରି ଜୀବନର ସେହି 'ଠିକ୍ ସ୍ୱାଦ'କୁ ପରଖିବା?

ନା'କି ପଚାଶ ହେଉଛି ସେହି ମୋଡ଼, ଯେଉଁଠି ଜୀବନକୁ ବଦଳାଇବା ଠାରୁ ଅଧିକ, ଜୀବନକୁ ବୁଝିବା, ଅନୁଭବ କରିବା ଓ ଉପଭୋଗ କରିବା ଆମେ ଶିଖିଥାଉ ଏବଂ ନିଜକୁ ନୂଆ ଭାବରେ ଆବିଷ୍କାର କରିବାର ଏହା ଏକ ସୁନ୍ଦର ଅଧ୍ୟାୟ ବୋଧହୁଏ !

ତେଣୁ ମୋର ସମସ୍ତ ପଚାଶିଆ ବନ୍ଧୁମାନଙ୍କୁ ଗୋଟିଏ ଛୋଟ ପ୍ରଶ୍ନ– ଆପଣଙ୍କ ପାଇଁ 'ପଚାଶ' କ'ଣ ?

କେବଳ ଏକ ବୟସର ସଂଖ୍ୟା, ନା'କି ଜୀବନକୁ ଦେଖିବାର ଏକ ନୂଆ ଦୃଷ୍ଟିକୋଣ ?

ଆସନ୍ତୁ, ନିଜ ନିଜ ଅନୁଭୂତି ଓ ମତାମତ ବାଣ୍ଟିବା । ହୁଏତ ଆମ ସମସ୍ତଙ୍କ ଅନୁଭବକୁ ମିଶାଇଲେ ପଚାଶର ପ୍ରକୃତ ସ୍ୱାଦ'ଟା ଟିକେ ଭଲ ଭାବରେ ଜାଣିହେବ !

ଦେବଯାନୀ ସ୍ୱାଇଁ
**ଗୋରେଗାଓଁ, ମୁମ୍ବାଇ**
**ମୋ–୯୯୩୦୫୯୦୬୬୧**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ସମାଧାନର...

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସୌହାର୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଆଲୋଚନା ସକରାତ୍ମକ ହେଉଛି । ଖୁବ ଶୀଘ୍ର ଏହାର ଚୂଡାନ୍ତ ରୂପରେଖ ପ୍ରକାଶ ପାଇବ । ଉଭୟ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମାଧାନର ପନ୍ଥା ବାହାରିବ । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଡବଲ ଇଞ୍ଜିନ ସରକାରରେ ଦେଶ ଓ ରାଜ୍ୟର ବିକାଶ ଯେପରି ତ୍ୱରାନ୍ୱିତ ହୋଇଛି, ରାଜ୍ୟମାନଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ପଥଉନ୍ମୁକ୍ତ ହୋଇଛି । ଏହି ସମାଧାନ ବାକି ସବୁ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ଡିସପ୍ୟୁଟ ରିଜୋଲ୍ୟୁସନ ହେବ ବୋଲି ମୋର ଆଶା । ମହାନଦୀ ଅମାର ଜୀବନରେଖା । ଓଡ଼ିଶାର କୋଟି କୋଟି ଲୋକଙ୍କର ଜୀବନ ଜୀବିକାର ପନ୍ଥା ହେଉଛି ମହାନଦୀ । ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଜଳବିଦ୍ୟୁତ ଉତ୍ପାଦନ, ପାନୀୟ ଜଳଯୋଗାଣ, ପର୍ଯ୍ୟାବରଣ ଆଦି ଅନେକ ବିଷୟରେ ବୈଠକରେ ଉପସ୍ଥାପନ କରିଛି । ଓଡ଼ିଶାକୁ କିପରି ପର୍ଯ୍ୟାପ୍ତ ପରିମାଣ ଜଳ ଉପଲବ୍ଧ ହେବ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଆମର ଡବଲ ଇଞ୍ଜିନ ସରକାର ଆସିବା ପରେ ଉଭୟ ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ମହାନଦୀ ସମସ୍ୟାର ସମାଧାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଆଇନଗତ ପ୍ରକ୍ରିୟା ସହ ପ୍ରଶାସନିକ ଓ ରାଜନୈତିକ ସମାଧାନର ପନ୍ଥାକୁ ବ୍ୟାପକ କରାଯାଇଛି । ୨୦୨୫ ଜୁଲାଇ ଓ ଅଗଷ୍ଟରୁ ୨ ରାଜ୍ୟର ମୁଖ୍ୟମନ୍ତ୍ରୀସ୍ତରୀୟ ଆଲୋଚନା ହୋଇଛି । ମୁଖ୍ୟ ସଚିବ ଓ ଜଳସମ୍ପଦ ସଚିବଙ୍କ ସ୍ତରରେ ମଧ ଏକାଧିକ ବୈଠକ ହୋଇଛି । ଗତ ଜୁଲାଇ ମାସରେ ଜଳଶକ୍ତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବୈଠକରେ ଅନୁଷ୍ଠିତ ହୋଇଛି । ଜୁଲାଇ ମାସ ବୈଠକର ନିଷ୍ପତ୍ତି ଅନୁଯାୟୀ ଉଭୟ ରାଜ୍ୟର ଆବଶ୍ୟକତା ସମ୍ପର୍କରେ କେନ୍ଦ୍ରୀୟ ଜଳ କମିଶନରଙ୍କୁ ବିଭିନ୍ନ ପ୍ରସଙ୍ଗ, ତଥ୍ୟ ଓ ସୂଚନା ପ୍ରଦାନ କରାଯାଇଛି । ୩ ମାସ ମଧ୍ୟରେ ସମାଧାନର ପନ୍ଥା ବାହାରିବ ବୋଲି ବୈଠକରେ ଆପତତ ସ୍ଥିର ହୋଇଥିଲା । ଏହା ମଧ୍ୟରେ ଦୁଇ ମାସ ବିତିଗଲାଣି ଏବଂ ଆଶାନୁରୂପକ ଅଗ୍ରଗତି ହୋଇଛି । ମହାନଦୀ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ନିଜେ ଦାୟିତ୍ୱ ନେଇ ସମାଧାନର ପନ୍ଥା ବାହାର କରିବା ପାଇଁ ଉଦ୍ୟମ କରୁଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀଣାଳୟ, ଜଳଶକ୍ତି ମନ୍ତ୍ରଣାଳୟ, କେନ୍ଦ୍ରୀୟ ଜଳଆୟୋଗ, ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟ ସଚିବ ଓ ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ଅକ୍ଟୋବରରେ...

ତୁଳନାରେ ୨୯ % ଅଧିକ । ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୧୯୦୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ସର୍ବାଧିକ ୮୯୬.୭ ମିମି ବର୍ଷା ହୋଇଛି । ସେହିପରି ମୌସୁମୀ ଋତୁରେ ୪୨ ଦିନରେ ୧୦ଟି ସିଷ୍ଟମ୍ ସହ ୧୦୫୭.୮ ମିମି ବର୍ଷା ରେକର୍ଡ ହୋଇଛି । ରାଜ୍ୟ ଉପରେ ଦୁଇଟି ଗଭୀର ଅବପାତ, ୩ ଟି ଅବପାତ, ୨ଟି ସ୍ୱଷ୍ଟ ଚିହ୍ନିତ ଅବପାତ ଓ ଗୋଟିଏ ଲଘୁଚାପ କ୍ଷେତ୍ର ପାଖାପାଖି ୪୨ ଦିନ ପ୍ରଭାବ ପକାଇଛି । ୧୯୦୧ ମସିହା ପରଠାରୁ ୧୨୬ ବର୍ଷର ଇତିହାସରେ ଚତୁର୍ଥ ସର୍ବାଧିକ ବର୍ଷା ଚଳିତ ବର୍ଷ ହୋଇଛି । ୧୯୬୧ ମସିହାରେ ମୌସୁମୀ ଋତୁରେ ୧୫୪୨.୧ମିମି ବର୍ଷା ହୋଇଥିବା ବେଳେ ୨୦୦୬ ରେ ୧୫୦୮.୮ ମିମି, ୧୯୫୭ରେ ୧୪୯୯.୫ ମିମି ବର୍ଷା, ୨୦୨୬ରେ ୧୪୮୪.୩ ମିମି ଏବଂ ୧୯୩୬ ମସିହାରେ ୧୪୬୯.୯ ମିମି ବର୍ଷା ରେକର୍ଡ କରାଯାଇଛି । ଦେଶରୁ ମୌସୁମୀ ଫେରିଥିବା ବେଳେ ଓଡିଶା ତଥା ରାଜ୍ୟରୁ ଆଗାମୀ ଦୁଇଦିନ ଭିତରେ ମୌସୁମୀ ଫେରିଯିବ । ମୌସୁମୀ ଫେରିବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ମୌସୁମୀ ଫେରିବା ପରେ ଅକ୍ଟୋବରରେ ବାତ୍ୟା ଭୟ ଏବେଠୁ ରହିଲାଣି । ୧୯୯୯ ମସିହା ଅକ୍ଟୋବର ୨୯ ରେ ମହାବାତ୍ୟା ହୋଇଥିବା ବେଳେ ୨୦୧୩ ଅକ୍ଟୋବରର ୧୧ ତାରିଖରେ ଫାଇଲିନ୍ ଏବଂ ୨୦୧୪ ଅକ୍ଟୋବର ୧୨ ରେ ହୁଡହୁଡ୍ ବାତ୍ୟା ରାଜ୍ୟରେ ହୋଇସାରିଛି ।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ବିସ୍ତାରିତ ଆକଳନରେ ଦର୍ଶାଇଛି ଯେ, ଅକ୍ଟୋବରର ୧୩ ବେଳକୁ ଆଣ୍ଡାମାନ ମହାସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ୧୫ ବେଳକୁ ଲଘୁଚାପ ସୃଷ୍ଟି ହୋଇ ଉତ୍ତର ବଙ୍ଗୋପସାଗରରୁ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଗତି କରିବାର ସମ୍ଭାବନା ଅଛି । ଏହା ଅଧିକ ଘନୀଭୂତ ହୋଇ ଅବପାତ ରୂପ ନେଇପାରେ । ତେବେ ଏହା ବାତ୍ୟା ରୂପ ନେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ଲଘୁଚାପ ସୃଷ୍ଟି ହେବା ପରେ ଏହାର ଗତି ଏବଂ ଦିଗ ସ୍ପଷ୍ଟ ହେବ । କିନ୍ତୁ ଅକ୍ଟୋବର ମାସରେ ଅବପାତ ହେଲେ ତାହା ବାତ୍ୟା ସମ୍ଭାବନାକୁ ଏଡାଇ ଦିଆଯାଇନପରେ ।

## ଫ୍ଲାଏଦୁବାଇ...

ଏକ ଘଣ୍ଟା ପରେ ସାଉଦି ଆରବର ତାବୁକ୍ ସହରରେ ଜରୁରୀ ଅବତରଣ କରିଥିଲା ।

ବିମାନର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ ସହ ଯୋଗାଯୋଗ ଶୁଣିଥିବା ଜଣେ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ସାଉଦି ଆରବ ଓ ଜୋର୍ଡାନ ପକ୍ଷରୁ ବିମାନଟିକୁ ଅନ୍ୟତ୍ର ଯିବାକୁ କୁହାଯାଇଥିଲା । ଶେଷରେ ଏହା ତାବୁକ୍‌ରେ ଅବତରଣ କରିଥିଲା । ସେହି ସମୟରେ ବିମାନ ଭିତରେ ଯାତ୍ରୀଙ୍କ ଚିତ୍କାର ଶୁଣାଯାଉଥିଲା । ପାଇଲଟ୍‌ଙ୍କ କଣ୍ଠସ୍ୱର ଥରୁଥିବା ବେଳେ ସେ 'ମେଡେ' ସଙ୍କେତ ଦେଇ ବିମାନ ଅପହରଣ ଉଦ୍ୟମ ହେଉଥିବା ଜଣାଇଥିଲେ । ଆକ୍ରମଣ ଅଭିଯୋଗରେ ସମ୍ପୃକ୍ତ ଓମାନୀ ସହ-ପାଇଲଟ୍‌ଙ୍କ ପରିଚୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଏଯାଏଁ ସ୍ପଷ୍ଟ ତଥ୍ୟ ମିଳିନାହିଁ । ତେବେ ତାଙ୍କୁ ଗିରଫ କରାଯାଇଥିବା ନେତାନ୍ୟାହୁ କହିଛନ୍ତି । ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍‌ସ କର୍ତ୍ତୃପକ୍ଷ ତଦନ୍ତ ଚାଲିଥିବା ସ୍ପଷ୍ଟ କରିଥିବା ବେଳେ ଅଧିକ ତଥ୍ୟ ପ୍ରକାଶ କରିନାହାନ୍ତି ।

ଅନ୍ୟପକ୍ଷରେ, ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ଇସ୍ରାଏଲ୍‌କୁ ଏବଂ ସେଠାରୁ ଫ୍ଲାଏଦୁବାଇର ବିମାନ ଚଳାଚଳ ବନ୍ଦ ରଖାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଇସ୍ରାଏଲ୍‌ରେ ସୁରକ୍ଷା ବିପଦ ନେଇ ପୂର୍ବରୁ ସତର୍କତା ଜାରି ହୋଇଥିବା ବେଳେ ଏହି ଘଟଣା ଘଟିଛି । ଅକ୍ଟୋବର ୭, ୨୦୨୩ରେ ହମାସ୍ ନେତୃତ୍ୱାଧୀନ ଆକ୍ରମଣର ବାର୍ଷିକୀ ପୂର୍ବରୁ ଦେଶରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ସତର୍କତା ରହିଛି । ଏହି ଆକ୍ରମଣ ପରେ ଗାଜା ଯୁଦ୍ଧ ଆରମ୍ଭ ହୋଇଥିଲା ।

## ସଡ଼କ ଦୁର୍ଘଟଣା ଦୁଇ ଗୁରୁତର

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା - ରୂପସା ଏମଡ଼ିଆର ୭୦ ରାସ୍ତାର କଦଳିଆ ଛକ ନିକଟସ୍ଥ ଭିଲା ପୋଲ ନିକଟରେ ଗୁରୁବାର ରାତି ପ୍ରାୟ ୯ଟାରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ଗୁରୁତର ହୋଇଛନ୍ତି । ଘଟଣାରୁ ପ୍ରକାଶ ଓଡି୧୧-ଏଏମ-୧୭୮୮ ନମ୍ବର ବିଶିଷ୍ଟ ଏକ ପଲସର ବାଇକ ଯୋଗେ ଦିଗାନଘର ଗ୍ରାମର ଦେବେନ ସିଂ ଙ୍କ ପୁଅ ଜଗନ ସିଂ (୨୮) ଏବଂ ପଣସିଆ ଗ୍ରାମର ଶକ୍ତି ସିଂ (୨୧) ବୈଶିଙ୍ଗାରୁ ନିଜ କାମ ସାରି ଘରକୁ ଫେରୁଥିଲେ । ଦ୍ରୁତ ଭାବେ ଗାଡ଼ିଟିକୁ ନେଇ ରାସ୍ତା ଉପରେ ଥିବା ବାଲି ବସ୍ତାରେ ବାଡେଇ ହୋଇ ରାସ୍ତା ଉପରେ ପଡ଼ିରହିଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ୧୦୮ ଯୋଗେ ବୈଶିଙ୍ଗା ଡାକ୍ତରଖାନାକୁ ନେଇଯାଇଥିଲେ ।


**ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପାଞ୍ଚପୀଢ଼, କରଞ୍ଜିଆ, ମୟୂରଭଞ୍ଜ**
OFFICE OF THE SUB COLLECTOR, PANCHPIR, KARANJIA, MAYURBHANJ
AT/PO: Karanjia, District - Mayurbhanj, PIN-757037,
E-mail: revenueofficer.kja@gmail.com
24001/482/2627
**ଟେଣ୍ଡର ଆହ୍ୱାନ ବିଜ୍ଞପ୍ତି**
ଏତଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଶୁକୁଳି ପଞ୍ଚାୟତ ସମିତି ଅଧୀନସ୍ଥ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଓ ଚାହିଦା କୁ ଦୃଷ୍ଟିରେ ରଖି, ମା କିଚକେଶ୍ୱରୀ ଠାକୁରାଣୀ ଖିଚିଂକୁ ଶ୍ରଦ୍ଧାଳୁ/ଭକ୍ତମାନେ ଦେଇ ଥିବା ସୁନା ଓ ରୁପା ଅଳଙ୍କାର ଉପ–କୋଷାଗାର କରଞ୍ଜିଆ ରେ ଗଚ୍ଛିତ ଅଳଙ୍କାରକୁ ବ୍ୟବହାର କରି ତାହାର ପ୍ରତିବଦଳରେ ଏକ ରୁପା ମେଢ଼ ଓ ଛତ୍ରୀ, ସୁନା ମୁକୁଟ, ହାର ଇତ୍ୟାଦି ରାହାସ ପୂର୍ଣ୍ଣିମା (ସୁନା ବେଶ) ପୂର୍ବରୁ ତିଆରି କରିବା ପାଇଁ ଟ୍ରଷ୍ଟ ତରଫରୁ ନିଷ୍ପତ୍ତି ନିଆଯାଇଅଛି ।
ଏଣୁ ଉପରଲିଖିତ ସୁନା ଅଳଙ୍କାର ଓ ମେଢ଼ ତିଆରି କରିବା ପାଇଁ ସରକାରୀ ପଞ୍ଜୀକୃତ ଦୋକାନୀ/କାରିଗର ତା.୦୭.୧୦.୨୦୨୬ ରିଖ ସନ୍ଧ୍ୟା ୫ ଘଟିକା ପୂର୍ବରୁ ଡାକ ମାଧ୍ୟମରେ, କୋରିୟର ଦ୍ୱାରା ବା ଉପ ଜିଲ୍ଲାପାଳ, ପାଞ୍ଚପୀଢ଼, କରଞ୍ଜିଆରେ ଉପସ୍ଥିତ ରହି ଜଇମୁଦ ଦିଆ ଟେଣ୍ଡର କାଗଜ ସହିତ ରୁପା ମେଢ଼, ଛତ୍ରୀ ତଥା ସୁନା ମୁକୁଟ, ହାରର ମଡେଲ ସହିତ ଗ୍ରାମ ପ୍ରତି ଗଢ଼ା ମଜୁରୀ ଦାଖଲ କରିବେ ଏବଂ ତାହା ସହିତ ତଳ ଲିଖିତ କାଗଜପତ୍ର ଦାଖଲ କରିବେ ।
(କ) ସରକାରୀ ପଞ୍ଜୀକୃତ ସାର୍ଟିଫିକେଟ ।
(ଖ) ଜିଏସ୍‌ଟି ନମ୍ବର ନକଲ ଏବଂ ପ୍ୟାନ କାର୍ଡର ନକଲ ।
(ଗ) ଫଟୋ ପରିଚୟ ପତ୍ର ।
ଉପରୋକ୍ତ ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ ।
Cont. No. 06796220032
OIPR : 24001/24134/1/26-27/0001 ସ୍ୱା/- ଉପ ଜିଲ୍ଲାପାଳ, ପାଞ୍ଚପୀଢ଼, କରଞ୍ଜିଆ



**ଓFFICE OF THE NIMAPADA NOTIFIED AREA COUNCIL**
At/Po/Ps: -Nimapada, Dist.; -Puri, Odisha, Pin-752106
e-mail: -nimapadanac@gmail.com.
Web:-www.nimaparanac.in,Phone No./ Fax:-(06758)250229
Notice No-6445 Date : 29.09.2026
13001/2018/2627
**ସର୍ବସାଧାରଣ ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି, ଇଲାକାର ଡେଲ୍‌ଟା ଛକ ଓ କୋର୍ଟ ଛକ, ୱାର୍ଡ –୧୧ର ଯଥାକ୍ରମେ ୧ (ଏକ) ଓ ୬ (ଛଅ) ଗୋଟି ନୂତନ ଭେଣ୍ଡିଙ୍ଗ ଗୃହ ଆବଣ୍ଟନ ପରିଷଦଙ୍କ ନିର୍ଦ୍ଧାରିତ ମାର୍ଗଦର୍ଶିକା ମୁତାବକ କରାଯିବ । ଆବେଦନକାରୀ ପରିଷଦ କାର୍ଯ୍ୟାଳୟ, ୧୦୦ (ଏକ ଶହ) ଟଙ୍କା ଦାଖଲ କରି ନିର୍ଦ୍ଧାରିତ ଫର୍ମରେ ତା.୦୧.୧୦.୨୦୨୬ ରିଖ ରୁ ୧୫.୧୦.୨୦୨୬ ରିଖ ମଧ୍ୟରେ (ସରକାରୀ କାର୍ଯ୍ୟ ଦିବସ ମଧ୍ୟରେ) ସର୍ତ୍ତାବଳୀ ଓ ଯୋଗ୍ୟତା ମୁତାବକ ଆବଶ୍ୟକୀୟ କାଗଜାତ ସଂଲଗ୍ନ କରି ଆବେଦନ କରିପାରିବେ । ଧାର୍ଯ୍ୟ ମିଆଦ ପୂର୍ବରୁ ଅଥବା ଧାର୍ଯ୍ୟ ମିଆଦ ପରେ ହସ୍ତଗତ ହୋଇଥିବା କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।
Nimapara NAC website (www.nimapara.nic.in) ରେ ଉପଲବ୍ଧ ।
ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
OIPR : 13001/13168/1/26-27/0004 ବିଜ୍ଞାପିତ ଅଞ୍ଚଳ ପରିଷଦ, ନିମାପଡ଼ା



**ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଅନୁଗୋଳ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ**
**ନିୟନ୍ତ୍ରିତ ବଜାର କମିଟି**
**(REGULATED MARKET COMMITTEE)**
- ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଅନୁଗୋଳ ଜିଲ୍ଲାର ଅନୁଗୋଳ, ବନରପାଳ, ମରାଡିରା, ଜରପଡା, ତୁଳୁଡା, କୋଷଳା, ବନ୍ତଳା ଓ ନାଲ୍‌କୋ ଠାରେ ସାପ୍ତାହିକ ହାଟ ହୁଏ ।
- ଅନୁଗୋଳ କଲେଜ ଛକ ଠାରେ ରବିବାର ଓ ଗୁରୁବାର ଦୁଇ ଦିନ ଧରି ସାପ୍ତାହିକ ହାଟ ହୁଏ । ଅନ୍ୟ ସବୁଦିନ ଡେଲି ମାର୍କେଟ ବସେ ।
- ହାଟରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ବସିବା ପାଇଁ ପିଣ୍ଡି ଦିଆଯାଇଥାଏ ।
- ହାଟରେ ବ୍ୟବସାୟୀମାନଙ୍କୁ ପିଇବା ପାଣିର ସୁବିଧା ଦିଆଯାଏ ।
- ହାଟରେ ବ୍ୟବସାୟୀମାନଙ୍କୁ ବିଦ୍ୟୁତ ସେବାର ବ୍ୟବସ୍ଥା ଦିଆଯାଏ ।

ଆପଣଙ୍କ ସେବାରେ
ମାୟାଧର ବେହେରା (ଓପ୍ରସେ) — ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ, ଅନୁଗୋଳ
ଜ୍ୟୋତି ରଞ୍ଜନ ସେଠୀ — ସମ୍ପାଦକ, ଅନୁଗୋଳ



**କୃଷି ବୈଷୟିକ ପରିଚାଳନା ସଂସ୍ଥା, ଆତ୍ମା, ଅନୁଗୋଳ**
ପ୍ରିୟ ଅନୁଗୋଳ ଜିଲ୍ଲାର ଚାଷୀ ଭାଇମାନେ କୃଷି ବୈଷୟିକ ପରିଚାଳନା ସଂସ୍ଥା, ଆତ୍ମା, ଅନୁଗୋଳ ତରଫରୁ କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟକ୍ରମ ଗୁଡ଼ିକ ପରିଚାଳନା କରାଯାଉଅଛି ।
୧. ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ।
୨. ଖାଦ୍ୟ ନିରାପତ୍ତା ଗୋଷ୍ଠୀ ।
୩. ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଆବର୍ତ୍ତନ ପାଣ୍ଠିର ବ୍ୟବସ୍ଥା ।
୪. ଅନ୍ତଃ ଜିଲ୍ଲା ଓ ରାଜ୍ୟ ମଧ୍ୟରେ ବହିର୍ଜିଲ୍ଲା କ୍ଷେତ୍ର ପରିଦର୍ଶନ ।
୫. କ୍ଷେତ୍ର ପ୍ରଦର୍ଶନ ।
୬. କୃଷକ କ୍ଷେତ୍ର ବିଦ୍ୟାଳୟ ।
ଏଣୁ ଚାଷୀଭାଇ ମାନଙ୍କୁ ବିନୀତ ଅନୁରୋଧ ଏହାର ସବିଶେଷ ତଥ୍ୟ ପାଇଁ ନିକଟସ୍ଥ ବ୍ଲକରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସହିତ ଯୋଗାଯୋଗ କରି ଏହାର ସୁଯୋଗ ନିଅନ୍ତୁ ।
ବିନୀତ
ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ
କୃଷି ବୈଷୟିକ ପରିଚାଳନା ସଂସ୍ଥା
ଆତ୍ମା, ଅନୁଗୋଳ



CDMO, MAYURBHANJ
**ସୁସ୍ଥ ଜୀବନଶୈଳୀ ଆପଣାନ୍ତୁ :**
- ମାନସିକ ଦୁଶ୍ଚିନ୍ତା ପରିହାର ।
- କମ୍ ତେଲ ମସଲାଯୁକ୍ତ ସନ୍ତୁଳିତ ଓ ପୁଷ୍ଟିକର ଆହାର ।
- ଧୂମପାନ ଓ ମଦ୍ୟପାନରୁ ନିବୃତ୍ତ ରହିବା ।
- ନିୟମିତ ଯୋଗ, ବ୍ୟାୟାମ, ଶାରୀରିକ ପରିଶ୍ରମ ।
- ଯଥେଷ୍ଟ ବିଶ୍ରାମ ।
- ନିୟମିତ ରକ୍ତଚାପ, ମଧୁମେହ ଆଦି ପରୀକ୍ଷା ।
- ନିୟମିତ ଔଷଧ ସେବନ ଦ୍ୱାରା ରକ୍ତଚାପ ଓ ମଧୁମେହର ନିୟନ୍ତ୍ରଣ ।

*ଆମ ହୃତ୍‌ପିଣ୍ଡର ଯତ୍ନ ଆମ ହାତରେ*



**ପୌର ପରିଷଦ, ଭଞ୍ଜନଗର**
ଜିଲ୍ଲା-ଗଞ୍ଜାମ, (ଓଡ଼ିଶା), ପିନ୍-୭୬୧୧୨୬
ଇ–ମେଲ୍ : bhanjanagar.hud@nic.in ଦୂରଭାଷ : ୦୬୮୨୧-୨୬୦୦୦୯
ପତ୍ରସଂଖ୍ୟା : ୨୬୩୧ ତାରିଖ : ୨୯.୦୯.୨୦୨୬
**ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଛି ଯେ, ଭଞ୍ଜନଗର ପୌରପରିଷଦ ଅଧୀନସ୍ଥ ହାତୀବନ୍ଧ ଅଧୀନସ୍ଥ ଫୁଡ୍ କାଉଣ୍ଟରକୁ ଭଡ଼ା ସୂତ୍ରରେ ଦେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଦରଖାସ୍ତ ସାଧା କାଗଜରେ କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ ଭଞ୍ଜନଗରଙ୍କ ନିକଟରେ ତା. ୩୦–୦୯ ୨୦୨୬ ରିଖ ଠାରୁ ତା. ୧୩–୦୯–୨୦୨୬ ରିଖ ଅପରାହ୍ଣ, ଘ.୫:୦୦ ମି ମଧ୍ୟରେ ଆବେଦନ କରି ପାରିବେ । ଆବେଦନ ତାରିଖ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣ ଯୋଗ୍ୟ ନୁହେଁ । ଫୁଡ୍ କାଉଣ୍ଟର ଆବଣ୍ଟନ ପ୍ରକ୍ରିୟା ଲଟେରୀ ମାଧ୍ୟମରେ ତା.୧୪–୦୯–୨୦୨୬ ରିଖ ପୂର୍ବାହ୍ଣ, ଘ.୧୧:୦୦ମି ସମୟରେ ଭଞ୍ଜନଗର ପୌରପରିଷଦ କାର୍ଯ୍ୟାଳୟରେ କରାଯିବ। ଭଞ୍ଜନଗର ପୌରପରିଷଦ କାର୍ଯ୍ୟାଳୟର କୌଣସି ଟିକସ ବାକି ଥିଲେ, ତାହା ପରିଶୋଧ କରିବା ଜରୁରୀ । ଦୋକାନ ଗୃହ ଆବଣ୍ଟିତ ହେଲା ପରେ ଅନ୍ୟ କୌଣସି ବ୍ୟକ୍ତିକୁ ଭଡ଼ା ସୂତ୍ରରେ ଦେଇପାରିବେ ନାହିଁ। କିମ୍ବା ଦୋକାନ ଗୃହରେ କୌଣସି ମାଦକ ଦ୍ରବ୍ୟ ତଥା ନିଶା କାରବାର ଇତ୍ୟାଦି ସରକାରଙ୍କ ଦ୍ୱାରା ନିଷେଧ ସାମଗ୍ରୀ ବିକ୍ରୟ କରିପାରିବେ ନାହିଁ ବୋଲି ଘୋଷଣା ନାମା (undertaking) ଦାଖଲ କରିବେ। ଦୋକାନ ଗୃହ ପାଇବାକୁ ଯୋଗ୍ୟ ବିବେଚିତ ହେଲା ପରେ ଗୋଟିଏ ଫୁଡ୍ କାଉଣ୍ଟର ନିମନ୍ତେ ଅମାନତ ବାବଦକୁ ଟ. ୫୦,୦୦୦/– ଙ୍କା (ପଚାଶ ହଜାର) ଏବଂ ଭଡ଼ା ବାବଦକୁ ମାସକୁ ଟ. ୫,୦୦୦/–ଙ୍କା (ପାଞ୍ଚ ହଜାର) ପୌରପରିଷଦ କାର୍ଯ୍ୟାଳୟ, ଭଞ୍ଜନଗରଙ୍କ ଠାରେ ଦୋକାନ ଆବଣ୍ଟିତ ହେବାର ୧୫ ଦିନ ମଧ୍ୟରେ ପୈଠ କରି ନିଜ ଖର୍ଚ୍ଚରେ ଦୋକାନ ଗୃହ ପାଇଁ ଚୁକ୍ତିନାମା କରିଲା ପରେ ତାଙ୍କୁ ଚାବି ହସ୍ତାନ୍ତର କରାଯିବ । ଯେଉଁ ବ୍ୟକ୍ତିବିଶେଷ ଦୋକାନ ଗୃହ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ଉକ୍ତ ବ୍ୟକ୍ତି ସମୟ ସୀମା ମଧ୍ୟରେ ଧାର୍ଯ୍ୟ ଅମାନତ ରାଶି ପୈଠ କରିବେ ନଚେତ ତାଙ୍କର ଚୟନ ବା ଆବଣ୍ଟିତ ହୋଇଥିବା ଗୃହ ଖାରଜ କରାଯିବ। ଆବେଦନ କାରି ଆବେଦନ କରିବା ପୂର୍ବରୁ ଉପରୋକ୍ତ ଗୃହ ଭଲ ଭାବେ ଦେଖି ଆବେଦନ କରନ୍ତୁ ଏବଂ ଉକ୍ତ ସ୍ଥାନରେ ନିଜ ଖର୍ଚ୍ଚରେ ବିଦ୍ୟୁତ ସଂଯୋଗ କରିବେ। ଉକ୍ତ ଫୁଡ୍ କାଉଣ୍ଟରରେ ରୋଷେଇ କରିବା ସମ୍ପୂର୍ଣ୍ଣ ନିଷେଧ ଅଟେ ଏବଂ ଚା, କଫି ଓ ଖାଦ୍ୟ ଗରମ କରିବା ନିମନ୍ତେ ଆପଣ କେବଳ **Induction H Microwave Oven** ର ବ୍ୟବହାର କରିବା ହେବ।
ଦରଖାସ୍ତ ଗୁଡ଼ିକ ଗ୍ରହଣ/ନାକଚ କିମ୍ବା ଆବଣ୍ଟନ ସମ୍ବନ୍ଧୀୟ କୌଣସି ନିଷ୍ପତ୍ତି କରିବାର କ୍ଷମତା ପରିଷଦର ଅଧିକାରରେ ରହିବ।
ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଭଞ୍ଜନଗର



GOVERNMENT OF ODISHA,
"e"-PROCUREMENT NOTICE
OFFICE OF THE SUPERINTENDING ENGINEER,
PURI (R&B) DIVISION, PURI
34001/914/2627
WORKS DEPARTMENT
**Short Tender Call Notice**
E-mail: eerbpuri@yahoo.co.in
**Bid Identification No. SE (R&B) Puri-22/2026-27**
The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in Double/ Single Cover system in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

| | | |
|---|---|---|
| 1. | Nature of Work | Civil work. |
| 2. | No of Work | 7 Nos |
| 3. | Tender Cost | Rs. 6,000/- & Rs. 10,000/-(On-Line) |
| 4. | Class of bidders | B Class |
| 5. | Available of Bid document in the Website | From 10.00 AM of Dt.03.10.2026 to Dt.09.10.2026 up to 5.00 PM |
| 6. | Last Date of receipt of tender | Dt.09.10.2026 up to 05.00 PM |
| 7. | Date of opening of Bid | Dt.12.10.2026 at 11:00 AM |

The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in-. Any Addendum / Corrigendum / Cancellation of tender can also be seen in the said website.
Sd/- Superintending Engineer,
Puri (R&B) Division, Puri
OIPR : 34001/34064/1/26-27/0012



34001/917/2627
OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL
Email - eedklpwd@gmail.com
**INVITATION FOR BIDS THROUGH e-Procurement**
**Invitation for Bids**
**2nd Corrigendum**
**Bid Identification No. SE DKL (R&B). 19/ 2026-27**
**Name of the Work- 02 (Two) Nos Road Maintenance Works.**
The following changes have been made in Bid Identification No. SE DKL (R&B). 19/ 2026-27
1. Availability of Bid documents in Govt. Website i.e. www.tendersorissa.gov.in. during the period from 10.00 AM dt.08.10.2026 to 05.00PM hours of dt.22.10.2026 for ONLINE BIDDING respectively.
2. Online bids shall be received till 05.00 PM Hours of dt.22.10.2026.
3. Date of opening of bid at 11.00 A.M. of dt.23.10.2026
All other terms and conditions remain unchanged.
Sd/- Superintending Engineer
OIPR : 34001/34016/1/26-27/0028 Dhenkanal (R&B) Division. Dhenkanal



**୨୦୨୬-୨୭ ବର୍ଷ ପାଇଁ ଉଦ୍ୟାନ କୃଷି ଭିତ୍ତିକ କାର୍ଯ୍ୟକ୍ରମ**
୧ MIDH (ସମନ୍ୱିତ ଉଦ୍ୟାନ କୃଷି ଉନ୍ନୟନ ଯୋଜନା) ରେ ଆମ୍ବ, କଦଳୀ (ଟିସୁ କଲଚର), ଏବଂ ଅମୃତଭଣ୍ଡା ଅମଳ ପରବର୍ତ୍ତୀ ଯତ୍ନ ଏବଂ ସୁରକ୍ଷିତ ଚାଷ ପାଇଁ ସହାୟତା ପ୍ରଦାନ କରାଯାଉଅଛି ।
୨ ଲଙ୍କା, ଧନିଆ, ମେଥି, ହାଇବ୍ରିଡ ଲଙ୍କା, ପନିପରିବା, ସଜନା ତଥା ପିଆଜ, ରସୁଣ ଓ ଆଳୁ ଚାଷ ପାଇଁ ଉନ୍ନତ ବିହନ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯାଉଅଛି।
୩ PMKSY ଯୋଜନାରେ ସିଞ୍ଚା ଜଳସେଚନ ଏବଂ ବୁନ୍ଦା ଜଳ ସେଚନପାଇଁ ବିଭିନ୍ନ ବର୍ଗର ଚାଷୀମାନଙ୍କ ପାଇଁ ସର୍ବାଧିକ ୭୦% ରୁ ୯୦% ରିହାତି ପ୍ରଦାନ କରାଯାଉଅଛି।
୪ ଜାତୀୟ ଖାଦ୍ୟ ଉପଯୋଗୀ ତେଲ ମିଶନ (ତେଲ ତାଳ) ଯୋଜନାରେ ତେଲ ତାଳ ଚାଷ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଅଛି।
୫ ସ୍ୱତନ୍ତ୍ର ଉଦ୍ୟାନ ଫସଲ ନିର୍ଦ୍ଦିଷ୍ଟ ଯୋଜନାରେ କଦଳୀ, ଅମୃତଭଣ୍ଡା, ଆମ୍ବ, ସପୁରୀ, ଷ୍ଟ୍ରବେରି ଏବଂ ଡ୍ରାଗନଫ୍ରୁଟ, ପିଜୁଳି, ପଣସ ଚାଷ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଅଛି।
୬ ଶୀତଳ ଭଣ୍ଡାର ପାଇଁ ଆର୍ଥିକ ସହାୟତା – ଅମଳ ପରବର୍ତ୍ତୀ ଶତିହ୍ରାସ କରିବା ପାଇଁ ବେସରକାରୀ ଉଦ୍ୟୋଗୀଙ୍କୁ ନୂତନ ଶୀତଳ ଭଣ୍ଡାର ଓ ବିଦ୍ୟମାନ ଶୀତଳ ଭଣ୍ଡାର ( କୁରଣ / ଅକାମୀ / ଅବଜ ) ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଅଛି।
୭ କୃଷି ଓ ଉଦ୍ୟାନ କୃଷି ଫସଲକୁ ପ୍ରାକୃତିକ ଭିତ୍ତିକ ଜୈବିକ ପଦ୍ଧତିରେ ଚାଷ କରାଯିବାର ଲକ୍ଷ୍ୟ ରଖି 'ବହୁଛତ୍ର ଜୈବିକ ଚାଷ ମିଶନ' ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଓ କପ୍ତିପଦା ବ୍ଲକରେ କାର୍ଯ୍ୟକାରୀ କରାଯାଉଅଛି।
୮ ଏଗ୍ରିକଲଚର ପ୍ରୋଡକ୍ସନ କ୍ଲଷ୍ଟର ପ୍ରକଳ୍ପ ହେଉଛି ଓଡ଼ିଶା ସରକାରଙ୍କ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ନଭେମ୍ବର ମାସ ୨୦୧୮ ମସିହାରେ ପ୍ରଦାନ, BRLF (ଭାରତ ରୁରାଲ ଲାଇଭଲି ହୁଡ ଫାଉଣ୍ଡେସନ) ଏବଂ କୃଷି ଓ କୃଷକ ଶାସକ୍ତିକରଣ ବିଭାଗର ବିଭିନ୍ନ ସରକାରୀ ସଂସ୍ଥାର ମିଳିତ ସହଯୋଗରେ ଆରମ୍ଭ ହୋଇ ଜିଲ୍ଲାର ୧୦ଗୋଟି ବ୍ଲକରେ କାର୍ଯ୍ୟକାରୀ କରାଯାଉଅଛି।
ଏହି ପ୍ରକଳ୍ପର ଲକ୍ଷ୍ୟ:
କ) ଗ୍ରାମୀଣ ଓ ଜନଜାତି ଅଞ୍ଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କର ବିଶେଷତଃ ମହିଳା ଚାଷୀମାନଙ୍କର ଆୟକୁ ଦୁଇଗୁଣ କରିବା।
ଖ) ଉଚ୍ଚ ରୋଜଗାର ସମ୍ଭାବ୍ୟ କ୍ଷେତ୍ର ସୃଷ୍ଟି କରିବା, ବିଭିନ୍ନ ଗୋଷ୍ଠୀ ଭିତ୍ତିକ ଚାଷ ପଦ୍ଧତି କରାଇବା ଯଥା ପନିପରିବା, ଡାଲି, ତୈଳ, ଶସ୍ୟ ଜାତୀୟ ଚାଷ କରାଇବା, କୁକୁଡ଼ା, ଛେଳି, ମାଛ ଚାଷ ଇତ୍ୟାଦି କରାଇ ସେମାନଙ୍କ ଉତ୍ପାଦକୁ ବଜାର ସଂଯୋଜିତ କରି, ସେମାନଙ୍କର ଆର୍ଥିକ, ସାମାଜିକ ସଶକ୍ତି କରିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ ଏବଂ ଆତ୍ମସମ୍ମାନର ଅଧିକାରୀ କରାଇବା।
ଗ) ମହିଳା କୃଷକ 'ମା' ମାନଙ୍କୁ ଉତ୍ପାଦକ ଗୋଷ୍ଠୀ ଓ ଉତ୍ପାଦକ କମ୍ପାନୀରେ ଗଠନ କରି ସେମାନଙ୍କୁ ସମୂହ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଉଅଛି।
ଘ) ଉଦ୍ୟାନ ବିଭାଗ ଏହି ପ୍ରକଳ୍ପର ନୋଡାଲ (ମୁଖ୍ୟ) ବିଭାଗ ଭାବରେ ପ୍ରଦାନ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ କାର୍ଯ୍ୟ କରିଥାଏ।
ଙ) ମୟୂରଭଞ୍ଜ ଜିଲ୍ଲାର ରସିପୁର, କରଞ୍ଜିଆ, ଝୁମ୍ପୁରା, ଠାକୁରମୁଣ୍ଡା, ଶୁକୁଳି, କୁସୁମୀ, ଜାମଦା, ରାଇରଙ୍ଗପୁର, ଉଦଳା ଏବଂ କପ୍ତିପଦା ବ୍ଲକରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଅଛି।
ଯୋଗାଯୋଗ ଠିକଣା : ସହକାରୀ ଉଦ୍ୟାନ କୃଷି ଅଧିକାରୀ, ବ୍ଲକ ସ୍ତର
ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ବାରିପଦା / ଉଦଳା / କରଞ୍ଜିଆ / ରାଇରଙ୍ଗପୁର) ସବଡିଭିଜନ ସ୍ତର
ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ବାରିପଦା, ମୟୂରଭଞ୍ଜ, ଜିଲ୍ଲା ସ୍ତର



**କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ, କେନ୍ଦ୍ରାପଡ଼ା**
- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅଭିନବ କଟକ ଜିଲ୍ଲା ଯଥା–କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟ ସୀମିତ ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୫.୦୦% ସୁଧ Daily Balance ଉପରେ ଦିଆଯାଏ ।
- ସ୍ଥାୟୀ ଜମା (Fixed Deposit) ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ ।
- ବିଜୁ ପଟ୍ଟନାୟକ ବିକାଶପତ୍ର @ ୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ ।
- ଦୃଷ୍ଟିହୀନ ଓ ସଂପୂର୍ଣ୍ଣ ଶାରୀରିକ ଅକ୍ଷମ ତଥା ଅସହାୟ ପରିବାରକୁ ଜ୍ଞାନଦେବୀ ଗୁରୁରାଣ ସହାୟତା ପ୍ରଦାନ ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧାସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen) ଙ୍କ ଜମା ଉପରେ ଯେ କୌଣସି ଗୋଟିକରେ ୦.୫୦% ଅଧିକ ସୁଧ ଦିଆଯାଏ ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ CBS ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟ ରାସ୍ତା ସଂଲଗ୍ନ ବିଦ୍ୟୁତ୍ ବିଭାଗ ଅଫିସ ସନ୍ନିକଟ ଜଳକା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁଅଛି ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ଗୁଡ଼ିକ ସୁଚାରୁ ରୂପେ କାର୍ଯ୍ୟ କରୁଛି ।

ଅରବିନ୍ଦ ସାହୁ — ସମ୍ପାଦକ — ମୋ : ୯୧୨୪୨୫୪୫୧୯
ପ୍ରମୋଦ ସାହୁ — ସଭାପତି — ମୋ : ୯୧୨୪୨୫୪୪୧୮



**ଅନୁଗୋଳ ପୌରପାଳିକା, ଅନୁଗୋଳ**
**ସବୁଜ ସୁନ୍ଦର ଅନୁଗୋଳ ସହର ପାଇଁ ସର୍ବସାଧାରଣଙ୍କୁ ନିବେଦନ**

**କରନ୍ତୁ :**
୧. ଆପଣଙ୍କର ଘର, ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥାଃ ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ସାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦିକୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ପୌରପାଳିକା ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ସ୍ଥାନରେ ପକାନ୍ତୁ ।
୨. ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସଂସ୍ଥାକୁ ପ୍ରଦାନ କରନ୍ତୁ ।
୩. ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
୪. ସେପ୍ଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ ।
୫. ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

**କରନ୍ତୁ ନାହିଁ :**
୧. ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
୨. ଘରୋଇ ପଚାସଡ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅପଚନକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ ।
୩. ବାଲକୋନି, ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
୪. ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
୫. ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ ।
୬. ପଲିଥିନ୍, ବ୍ୟାଗ୍, କପ୍, ପ୍ଲାଷ୍ଟିକ ଡାମଚ, ଥର୍ମୋକଲ୍ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
୭. ଟାୟାର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପୀ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।



32001/952/2627
GOVERNMENT OF ODISHA
OFFICE OF THE SUPERINTENDING ENGINEER,
TELENGIRI CANAL DIVISION,
AMBAGUDA, DIST: KORAPUT
Email:setcdambaguda@gmail.com
**e-Procurement Notice**
**Bid Identification No. SE-TCD-02/2026-27 Dated: 29.09.26**
Bid Documents consisting of work, Estimated Cost, Cost of bid document, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | |
|---|---|---|
| 1. | Name of the Work | Civil Works |
| 2. | No. of Works | 3Nos. |
| 3. | Estimated Cost | 4.41 Lakhs-8.05 Lakhs |
| 4. | Period of completion | Two Calendar Months |
| 5. | Date & Time of Bidding | From 11.00 hours of 05.10.2026 Up to 15.30 hours of 15.10.2026 |
| 6. | Last date & time for receipt of bids in portal | 15.10.2026 up to15.30 hours. |
| 7. | Bids received online shall be opened on | 17.30 hours of 15.10.2026 |
| 8. | Name and address of the officer inviting Bid | Superintending Engineer. Telengiri Canal Division, Ambaguda. |

Further details can be seen from the www.tendersodisha.gov.in. Addendum/Corrigendum/cancellation if any required will be published in Govt website only.
Sd/- Superintending Engineer
OIPR : 32001/32434/1/26-27/0002 Telengiri Canal Division, Ambaguda



ପ୍ରଗତି ପଥେ.......
**ପୌର ପାଳିକା, ରାଇରଙ୍ଗପୁର**
ଗାନ୍ଧି ଜୟନ୍ତି –୨୦୨୬ ଏବଂ ଦୈନିକ ଓଡିଆ ଖବର କାଗଜ 'ସମୟ'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ପୌର ପରିଷଦ, ରାଇରଙ୍ଗପୁର ତରଫରୁ ଦୈନିକ ଓଡିଆ ଖବର କାଗଜ 'ସମୟ'ର ଉତ୍ତରୋତ୍ତର ଉନ୍ନତି ଏବଂ ପ୍ରଚାର ପ୍ରସାର ନିମନ୍ତେ କାମନା କରିବା ସହିତ ସହରର ସମସ୍ତ ଜନ ସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛି।
**ନିବେଦନ :–**
୧. ରାଇରଙ୍ଗପୁର ସହରକୁ ସରସ, ସୁନ୍ଦର ଓ ସବୁଜିମା ଭରା ଏକ ଉନ୍ନତ ସହର ରୂପେ ଗଢ଼ି ତୋଳିବାରେ ସହାୟକ ହୁଅନ୍ତୁ ।
୨. ରାସ୍ତା କଡରେ ଥିବା ଡ୍ରେନରେ ପାଇଖାନାର ଦୂଷିତ ପାଣି ଛାଡନ୍ତୁ ନାହିଁ ।
୩. ରାସ୍ତା ଏବଂ ଡ୍ରେନ୍ ଉପରେ ବାଲି, ଇଟା ଓ ଅନ୍ୟାନ୍ୟ ଗୃହ ନିର୍ମାଣ ସାମଗ୍ରୀ ଜମା ରଖି ଅବରୋଧ କରନ୍ତୁ ନାହିଁ।
୪. ନିଜ ଗୃହର ଅଳିଆ ଆବର୍ଜନା, ପ୍ଲାଷ୍ଟିକ୍ ତଥା ଜରି ଆଦି ରାସ୍ତା କଡରେ କିମ୍ବା ନାଳ ନର୍ଦ୍ଦମାରେ ନ ପକାଇ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଥିବା ଗାଡିକୁ ହସ୍ତାନ୍ତର କରନ୍ତୁ।
୫. ରାସ୍ତା କଡ ଜମି ଜବର ଦଖଲ କରି ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ କରାନ୍ତୁ ନାହିଁ।
୬. ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତା ଉପରକୁ ନ ଛାଡି ନିଜ ଆୟତରେ ରଖନ୍ତୁ।
୭. ପରିଷଦର ଦେୟ ଠିକ୍ ସମୟରେ ପୈଠ କରନ୍ତୁ।
୮. ପ୍ଲାଷ୍ଟିକ୍ ଜରିର ବ୍ୟବହାର ସରକାରଙ୍କ ଦ୍ୱାରା ସଂପୂର୍ଣ୍ଣ ନିଷିଦ୍ଧ ଘୋଷଣା କରାଯାଇଥିବାରୁ ସହରର ସମସ୍ତ ଜନସାଧାରଣ ଏବଂ ଦୋକାନୀମାନଙ୍କୁ ଅନୁରୋଧ ଏହାର ବ୍ୟବହାର କରନ୍ତୁ ନାହିଁ।
୯. ପରିଷଦ ସମ୍ପତ୍ତି ଆପଣଙ୍କର । ଏହାର ସୁରକ୍ଷା ଏବଂ ରକ୍ଷଣା ବେକ୍ଷଣରେ ସହଯୋଗ କରନ୍ତୁ।
୧୦. ଖୋଲା ଜାଗାରେ ମଳତ୍ୟାଗ କରନ୍ତୁ ନାହିଁ, ଏଣେ ତେଣେ ପାନ ଛେପ ପକାନ୍ତୁ ନାହିଁ, ପରିବେଶକୁ ସୁସ୍ଥ ଓ ସ୍ୱଚ୍ଛ ରଖନ୍ତୁ।
୧୧. ଘରର ପାଇଖାନା ଟାଙ୍କିର ପାଇପ୍ ଡ୍ରେନ୍‌କୁ ନଛାଡି ସେପ୍ଟିକ୍ ଟାଙ୍କିରେ ପକାନ୍ତୁ ଏବଂ ସେପ୍ଟିକ୍ ଟାଙ୍କି ପୂର୍ଣ୍ଣ ହେଲେ ରାଇରଙ୍ଗପୁର ପୌର ସଂସ୍ଥା ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଦାଖଲ କରି ପଞ୍ଜିକୃତ ସେସ୍‌ପୁଲ ଗାଡି ଦ୍ୱାରା ଏହାକୁ ସଫା କରାନ୍ତୁ।

ଶ୍ରୀମତୀ ଶକୁନ୍ତଳା ହାଁସଦାଃ(ଓ.ରା.ସେ.) — ନିର୍ବାହୀ ଅଧିକାରୀ — ରାଇରଙ୍ଗପୁର ପୌରପାଳିକା
ଶ୍ରୀମତୀ ନମିତା ଚୌଧୁରୀ — ଉପାଧ୍ୟକ୍ଷା — ରାଇରଙ୍ଗପୁର ପୌରପାଳିକା
ଶ୍ରୀଯୁକ୍ତ ଅଭିଷେକ ପଟ୍ଟନାୟକ — ପୌରାଧ୍ୟକ୍ଷ — ରାଇରଙ୍ଗପୁର ପୌରପାଳିକା



କୃଷି ଓ କୃଷକଙ୍କ ପ୍ରଗତିରେ
**କୃଷି ବୈଷୟିକ ପରିଚାଳନା ସଂସ୍ଥା, ମୟୂରଭଞ୍ଜ**
**AGRICULTURE TECHNOLGY MANAGEMENT AGENCY**
**MAYURBHANJ**
ମୟୂରଭଞ୍ଜ ଜିଲ୍ଲାରେ କୃଷି ଓ ଆନୁସଙ୍ଗିକ କୃଷି ବିକାଶ ନିମନ୍ତେ ୨୦୦୫ ମସିହାରୁ ପ୍ରତିଷ୍ଠିତ କୃଷି ବୈଷୟିକ ପରିଚାଳନା ସଂସ୍ଥା, ଅତମା, ମୟୂରଭଞ୍ଜ ନିମ୍ନ ଆଭିମୁଖ୍ୟ ନେଇ କାର୍ଯ୍ୟ କରି ଆସୁଅଛି।
- ଆତ୍ମା ଯୋଜନାରେ ଉନ୍ନତ ଧରଣର ବିଭିନ୍ନ ଫସଲ ପ୍ରଦର୍ଶନୀ କ୍ଷେତ୍ର, କୃଷି ସମ୍ବନ୍ଧୀୟ ତାଲିମ, ଦକ୍ଷତା ବୃଦ୍ଧି ତାଲିମ, କୃଷକ କ୍ଷେତ୍ର ବିଦ୍ୟାଳୟ, ଶିକ୍ଷା ମୂଳକ ପରିଭ୍ରମଣ, କୃଷି ପ୍ରଦର୍ଶନୀ ଇତ୍ୟାଦି ଦ୍ୱାରା ଚାଷୀଙ୍କ ଜ୍ଞାନ ବୃଦ୍ଧି ନିମନ୍ତେ ବ୍ୟବସ୍ଥା। ମହିଳା କୃଷକ ଗୋଷ୍ଠୀ ମାନଙ୍କର ସାମୁହିକ ବିକାଶ ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ ଏବଂ ମୂଳରାଶି ପ୍ରଦାନ।
- ଶ୍ରୀ ଅନ୍ନ ଅଭିଯାନ ଆନୁକୂଲ୍ୟରେ କ୍ଷୁଦ୍ର ଶସ୍ୟ ଯଥା ମାଣ୍ଡିଆ ଚାଷ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ।
- ଫସଲ ବିବିଧତା (Crop Diversification) ଉପରେ ଗୁରୁତ୍ୱ ପ୍ରଦାନ ଏବଂ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ। ଅଣଧାନ ଯଥା ମକା, ମୁଗ, ବିରି, ଚିନାବାଦାମ, ରାଶି, ମାଣ୍ଡିଆ ଫସଲ ଚାଷ ଉପରେ ଅଧିକ ପ୍ରାଧାନ୍ୟ ଓ ପ୍ରୋତ୍ସାହନ।
- ମୃତ୍ତିକା ପରୀକ୍ଷା କରି ସମସ୍ତ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ସହିତ ସମନ୍ୱିତ ସାର ବ୍ୟବହାର ନିମନ୍ତେ ପରାମର୍ଶ ଦିଆଯାଉଛି।
- ଅମୃତ ଅନ୍ନ ଆନୁକୂଲ୍ୟରେ ଜୈବିକ ପଦ୍ଧତିରେ ଧାନ ଓ ଡାଲି ଜାତୀୟ ଫସଲ ଚାଷକରି କୋଠ ଭୋଗ ପ୍ରସ୍ତୁତ ନିମନ୍ତେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀକୁ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା ଓ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନର ବ୍ୟବସ୍ଥା।
- ଧରିତ୍ରୀ ମାତା ବଚାଓ ନିଗରାଣୀ ସମିତି (GP ସ୍ତରରେ) ଗ୍ରାମ ପଞ୍ଚାୟତ ମଧ୍ୟରେ କୌଣସି ଚାଷୀଙ୍କୁ ଅତ୍ୟାଧିକ ସାର ବିକ୍ରୟ ହେଉଥିଲେ ତାହାର ନିରୀକ୍ଷଣ କରିବା ସହ ଏହାର କାରଣ ଯାଞ୍ଚ କରିବା।
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସମସ୍ତ ଚାଷୀ ସବୁ ପ୍ରାମାଣିକରେ ବୀମାକରଣ।
- ସି.ଏମ୍ . କିଷାନ ଯୋଜନା ମାଧ୍ୟମରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ବର୍ଷରେ ୨ ଟି କିସ୍ତିରେ ଟ. ୨୦୦୦/– ହିସାବରେ ୪୦୦୦/– ଟଙ୍କା ଏବଂ ଭୂମିହିନ ଚାଷୀମାନଙ୍କ ପାଇଁ ସର୍ବମୋଟ ୧୨,୫୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ଅଛି। ଏଥିସହିତ ପି.ଏମ୍. କିଷାନ ଯୋଜନାରେ ବର୍ଷକୁ ୩ ଟି କିସ୍ତିରେ ୨୦୦୦ ଟଙ୍କା ହିସାବରେ ସର୍ବମୋଟ ୬୦୦୦ ଟଙ୍କା ସହାୟତା ରାଶି କୃଷି ଓ ଅନୁସାଙ୍ଗିକ କାର୍ଯ୍ୟ ପାଇଁ ଯୋଗାଇ ଦିଆଯାଉଛି।
- କୃଷକ ପଞ୍ଜୀକରଣ ମାଧ୍ୟମରେ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଏକ ସ୍ୱତନ୍ତ୍ର ପଞ୍ଜୀକରଣ ନମ୍ବର ପ୍ରଦାନ କରାଯାଇଛି, ଯଦ୍ୱାରା ସେମାନେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନାରେ ଲାଭମାନ ହୋଇପାରିବେ।

ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ
କୃଷି ବୈଷୟିକ ପରିଚାଳନା ସଂସ୍ଥା, ମୟୂରଭଞ୍ଜ


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ମହିଳାଙ୍କୁ ଦୁଷ୍କର୍ମ : ଯୁବକ କୋର୍ଟ ଚାଲାଣ

ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେଶିଙ୍ଗା ଥାନା ଅଧୀନ ଯୁଗୋଲ ପଞ୍ଚାୟତ ଅଧୀନ ନିମୁଡିହା ଗ୍ରାମରେ ନିଜ ବୟସଠୁ ବଡ଼ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ବେଶିଙ୍ଗା ପୋଲିସ । ସୂଚନାରୁ ଗ୍ରାମର ଚନ୍ଦ୍ର ମୁର୍ମୁଙ୍କ ୩୫ ବର୍ଷିୟ ପୁଅ କୃଷ୍ଣ ମୁର୍ମୁ ଦୈନିକ ଅତ୍ୟଧିକ ନିଶା ସେବନ କରିଆସନ୍ତି । ଗତ ସୋମବାର ଦିନ ଦିପ୍ରହରରେ କୃଷ୍ଣ ପ୍ରଚୁର ପରିମାଣରେ ନିଶା ସେବନ କରି ନିଜ ବୟସଠୁ ୧୦ ବର୍ଷ ବଡ଼ ସେହି ଗ୍ରାମର ଜନୈକା ବିବାହିତା ମହିଳାଙ୍କୁ ଦୁଷ୍କର୍ମ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । କିଛି ସମୟ ପରେ ମହିଳାଙ୍କ ସ୍ୱାମୀ ଜଗବନ୍ଧୁ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ସହ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ସେ ଏ ନେଇ ବେଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ବେଶିଙ୍ଗା ପୁଲିସ ୫୦୩/୨୦୨୬ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପୂର୍ବକ ଅଭିଯୁକ୍ତ କୃଷ୍ଣ ମୁର୍ମୁଙ୍କୁ ବୁଧବାର ଭୋର ସମୟରେ ଗିରଫ କରାଯାଇଥିଲା । ଅପରାହ୍ନ ସମୟରେ ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ସେଠାରେ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାଯାଇଛି । ଏଭଳି ଦୁଷ୍କର୍ମକାରୀକୁ କୋଠର ଶାସ୍ତି ମିଳୁ ବୋଲି ସାଧାରଣରେ ଦାବି ହେଉଛି ।

## ଏବିଭିପି ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର, (ସବ୍ୟୁ) : ଗତ ୨୭ ଓ ୨୮ ତାରିଖ ୨ ଦିନ ଧରି ବାଲେଶ୍ୱର ସ୍ଥିତ ରାଜସ୍ଥାନ ଭବନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସମ୍ପନ୍ନ ହୋଇଛି । ଏହି ବୈଠକରେ କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଅରୁଣ୍ଣ ଶେଖର ଶିଲ ଓ କ୍ଷେତ୍ରୀୟ ସହ ସଙ୍ଗଠନ ସମ୍ପାଦକ ଗୈରୋଲାପ ସାହୁ ପୂର୍ଣ୍ଣ ସମୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକାରିଣୀରେ ଏବିଭିପିର ଆଗାମୀ ଯୋଜନା ଉପରେ ଚର୍ଚ୍ଚା ହେବା ସହିତ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ରଣ ନୀତି ପ୍ରସ୍ତୁତ ହେଲା । ଏହା ସହିତ ଶିକ୍ଷା ବ୍ୟବସ୍ଥାରେ ଅନେକ ତ୍ରୁଟି ଥିବା ଯଥା ପରୀକ୍ଷା ଓ ପ୍ରବେଶରେ ଅନିୟମିତତା ଦେଖାଯିବା ବିଷୟକୁ ଚର୍ଚ୍ଚା କରିବା




ସହିତ ଶିକ୍ଷା ବ୍ୟବସ୍ଥାରେ ସୁଧାର ନିମନ୍ତେ ସଜାଗ ହୁଅନ୍ତୁ ପ୍ରଶାସନ ଓ ସରକାର ଶିକ୍ଷା ପ୍ରସ୍ତାବ ପାରିତ ହୋଇଥିଲା । ଏହି କାର୍ଯ୍ୟକାରିଣୀ ବୈଠକରେ ଓଡ଼ିଶା ପୂର୍ବର ୨୩ ଟି ସାଙ୍ଗଠନିକ ଜିଲ୍ଲାରୁ ୧୭୬ ପଦାଧିକାରୀ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି ବର୍ଷ ଏବିଭିପିର ସଦସ୍ୟତା ରେ ୧୦୫୬୭୮ ବିଦ୍ୟାର୍ଥୀ ଯୋଡ଼ି ହୋଇ ସାରିଲେଣି ଏବଂ ଏବିଭିପିର ସଦସ୍ୟତା ଲକ୍ଷ୍ୟ ଯାହା ୨୦୦୬୫୦ ଅଛି ତାହା ପୂର୍ଣ୍ଣ କରିବେ ବୋଲି କାର୍ଯ୍ୟକର୍ତ୍ତାମାନେ ଯୋଜନା କରିଲେ । ୫୦୦ ରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟରେ ଏହି ବର୍ଷ ଏବିଭିପି ନିଜର ଶାଖା ଘୋଷଣା କରିବ ସହିତ ୧୪୫ ଟି ନଗରରେ ନିଜର କାର୍ଯ୍ୟକାରିଣୀ ଘୋଷଣା କରିବ । ଆସନ୍ତା ୩ ଓ ୫ ତାରିଖରେ ପ୍ରତ୍ୟେକ କ୍ୟାମ୍ପସରେ ଏବିଭିପି ତରଫରୁ ଶିକ୍ଷା ଓ ସ୍ଥାନୀୟ ସମସ୍ୟାକୁ ନେଇ ଅଧିକ କାର୍ଯ୍ୟାଳୟ ଘେରାଉ କରାଯିବ । ଆଗାମୀ ନଭେମ୍ବର ମାସରେ ମହିଳା ସୁରକ୍ଷା ବିଷୟ ଓ ଝାଞ୍ଜ ଶତାବ୍ଦୀ ପାଳନ ନିମନ୍ତେ ଜିଲ୍ଲା ସ୍ତରୀୟ ଯୁବତୀ ସମ୍ମିଳନୀ ମଧ୍ୟ ଏବିଭିପି ଆୟୋଜନ କରିବ ।

## ଲଗାଣ ବର୍ଷାରେ ଆଡ଼ିବନ୍ଧରେ ଘାଇ, ଚିନ୍ତାରେ ଚାଷୀ

ଶରଣକୁଳ, (ସବ୍ୟୁ) : ପଞ୍ଚୁମୁ ପଞ୍ଚାୟତ ମଝ୍ୟାଖଣ୍ଡ ଗଁଝ ଦେଇ ପ୍ରବାହିତ ଦୁଆଁଟ ନଦୀରେ ନିର୍ମାଣ କରାଯାଇଥିବା ଏକ ଚେକଡ୍ୟାମରେ ଘାଇ ସୃଷ୍ଟି ହୋଇଥିବା ଯୋଗୁଁ ଏବେ ଚାଷୀ ଚିନ୍ତାରେ । ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ନଦୀରେ ପାଣି ଆସିବା ସହ ଚେକ୍‌ଡ୍ୟାମରେ ଘାଇ ସୃଷ୍ଟି ହୋଇଛି । ଏହାର ବାମ ଓ ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ୨୫ ମିଟର ଲେଖାଏଁ କଂକ୍ରିଟ ନିର୍ମାଣ କରାଯାଇଥିବାବେଳେ ତା' ଉପରେ ମାଟିରେ ନିର୍ମାଣ କରାଯାଇଥିଲା । ତେବେ ଚାରି ପାଞ୍ଚଦିନ ଲଗାଣ ବର୍ଷା ଯୋଗୁଁ ଏବେ ତାହା ଧୋଇ ହୋଇଯାଇ ଘାଇ ସୃଷ୍ଟି ହୋଇଛି ୫ ଏହି ଚେକଡ୍ୟାମ ଯୋଗୁଁ ଚାଷୀ ଜଳସେଚନ ପାଇଁ ଉପକୃତ ହୋଇ ଆସୁଥିବାବେଳେ ଏବେ ଘାଇ ସୃଷ୍ଟି ହୋଇଥିବା ଯୋଗୁଁ ଚିନ୍ତାରେ ପଡ଼ିଛନ୍ତି । ତୁରନ୍ତ ଏହାର ମରାମତି କରା ନ ଗଲେ ଚାଷକ୍ଷେତ୍ର ଉପରେ ଏହା ଗୁରୁତର ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି ହୋଇଛି । ଏ ନେଇ କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ୱୀକାର କରିଛନ୍ତି । ଆସନ୍ତାକାଲି ନିଜେ ଉକ୍ତ ସ୍ଥାନକୁ ଯାଇ କ୍ଷେତ୍ର ପରିଦର୍ଶନ କରିବା ପରେ ଯାହାକିଛି ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି ।

## ସେଣ୍ଟ୍ରାଲ ସିଲ୍କ ବୋର୍ଡର ଟସର ମହିଳା ଚାଷୀଙ୍କୁ ସୂତାରଙ୍ଗ କୌଶଳ ତାଲିମ

ଠାକୁରମୁଣ୍ଡା, (ସବ୍ୟୁ) : ସେଣ୍ଟ୍ରାଲ ସିଲ୍କ ବୋର୍ଡ ପକ୍ଷରୁ ଟସର ହିତାଧିକାରୀ ପରିବାରର ମହିଳାମାନଙ୍କୁ ସୂତାରଙ୍ଗ କରିବା କୌଶଳ ଉପରେ ୨ ଦିନିଆ ତାଲିମ ଦିଆଯାଇଛି । ସେଣ୍ଟ୍ରାଲ ସିଲ୍କ ବୋର୍ଡ ଦ୍ୱାରା ଠାକୁରମୁଣ୍ଡାରେ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନ ଉତ୍ସବରେ ଏହି ତାଲିମର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଟସର ସୂତାର ମୂଲ୍ୟ ବୃଦ୍ଧି ଓ ମହିଳାମାନଙ୍କ ଆୟ ବୃଦ୍ଧିରେ ଏହି ତାଲିମ ସହାୟକ ହେବ ବୋଲି




ସ୍ଥାପିତ ରେଶମ ସାଧନ କେନ୍ଦ୍ରରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ୨୯ , ୩୦ ତାରିଖ ୨ ଦିନ ଧରି ଏହି ତାଲିମ କାର୍ଯ୍ୟକ୍ରମରେ ବୈଷୟିକ ତାଲିମଦାତା ଭାବେ ପ୍ରଦୀପ୍ତ କୁମାର ଶତପଥୀ ଯୋଗଦେଇ ମହିଳା ମାନଙ୍କୁ ପ୍ରାକୃତିକ ଓ ରାସାୟନିକ ପଦ୍ଧତିରେ ସୂତା ରଙ୍ଗ କରିବାର କୌଶଳ ଶିଖାଇଥିଲେ । ସିଏସବି କର୍ମଚାରୀ ଗୟାଧର ଦାସ ତାଙ୍କୁ ସହଯୋଗ କରିଥିଲେ । ଆରଆରଡିଓ ସମ୍ପାଦକ ଶରତ ତାଲିମଦାତା ସୂଚନା ଦେଇଥିଲେ । ଏହି ତାଲିମ ଆୟୋଜନରେ ମାଷ୍ଟର ଟ୍ରେନର ତିଳୋତ୍ତମା ଗୁଈଁ, ନମିତା ରାଉତ, ଜାନକୀ ଗିରି ପ୍ରମୁଖ ସହଯୋଗ କରିଥିଲେଏ ।ହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସଫଳ କୁଇଜ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଶେଷରେ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ କାଉନସିଲର ମାର୍ଥା ବାର୍ଦା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଞ୍ଚଳିକ ସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଆଲୋଚନା ଚକ୍ର

ଗଣିଆ, (ସବ୍ୟୁ): ନୟାଗଡ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ୭୨ ତମ ବନ୍ୟପ୍ରାଣୀ ସପ୍ତାହ ଆଲୋଚନ ଚକ୍ର ଅନୁଷ୍ଠିତ ହୋଇଯାଇଛି । ବନଖଣ୍ଡ ଅଧିକାରୀ 1 ଶ୍ରୀରାମପଦ ଅରବିନ୍ଦ ମିଶ୍ର ଯୋଗ ଦେଇ ଆବାସ ସ୍ଥଳୀର ସଂଯୋଗୀ କରଣ ଓ ସୁସ୍ଥ ବନ୍ୟ ଜୀବନ ସମ୍ପର୍କରେ ସତକୋଶିଆ ଅଭ୍ୟାରଣ୍ୟ ଅନ୍ତର୍ଗତ ଗଣିଆ ଓ କୁସଙ୍ଗ ଅଂଚଳର ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହ ଆଲୋଚନ କରିଥିଲେ । କାର୍ଯ୍ୟକ୍ରମକୁ ସହକାରୀ ସେହିପରି ଅଭୟାରଣ୍ୟ ଅଞ୍ଚଳରେ ବନଖଣ୍ଡ ଅଧିକାରୀ ଦେବୀ ପ୍ରାସାଦ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଲୋଚନାଚକ୍ରରେ ବନ,ବନ୍ୟଜନ୍ତୁ ସୁରକ୍ଷା ଓ ବନାଗ୍ନୀ ରୋକିବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥି ସହିତ ସତକୋଶିଆ ଗଣ୍ଡରେ ଦେଖାଯାଉଥିବା ବିରଳ ପ୍ରଜାତିର ଘଡ଼ିଆଳ କୁମ୍ଭୀର ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ । ସେହିପରି ସହକାରୀ ବନଖଣ୍ଡ ଅଧିକାରୀ ପରିବେଶ ବିକାଶ ସମିତିକୁ ନେଇ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାପାଇଁ ଆହ୍ୱାନ ଦେଇଥିଲେ । ତେବେ ବନ, ବନ୍ୟଜନ୍ତୁ ଓ ପରିବେଶ ସୁରକ୍ଷା , ସରକ୍ଷଣ ପାଇଁ ବନ୍ୟପ୍ରାଣୀ ବିଭାଗ ସହ ଜନ ସଚେତନତା ସୃଷ୍ଟି କରିବା ଦିଗରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ସେହିପରି ଆଭାରଣ୍ୟର ବିଭିନ୍ନ ସମସ୍ୟା ଓ ଅନୁଭୂତି ଉପସ୍ଥିତ ଗଣମାଧ୍ୟମ ପ୍ରାତିନିଧି ମାନେ ପ୍ରକାଶ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ପ୍ରଦୀପ ଭୁତିଆଙ୍କ ସମେତ ବନପାଳ ଦୀପକ କୁମାର ମିଶ୍ର, କାଳନ୍ଦୀ ଚରଣ ସାଥୁଆ, ପ୍ରଭାକର ସାହୁ ଓ ବିଷ୍ଣୁପ୍ରିୟା ଦେଇ ଙ୍କ ସମେତ ବନକର୍ମଚାରୀମାନେ ଯୋଗଦେଇଥିଲେ । ସୋମବାର ସ୍ଥାନୀୟ ଛାତ୍ରଛାତ୍ରୀମାନଙ୍କୁ ନେଇ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ନେଇ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ସାରସ୍ୱତ ସମାଜର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ସମାଜ ଭୁବନେଶ୍ୱରର କାର୍ଯ୍ୟକାରିଣୀ ବୈଠକ ଗତ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ନୂଆପଲ୍ଲୀ ଦେବରାୟ କଲେଜ ନିକଟ ବାଲିତୋଟା ସାହି ସ୍ଥିତ ବାଲିବିନାୟକ ମନ୍ଦିର ପରିସରରେ ଏହି ବୈଠକ ହୋଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପଣ୍ଡିତ ଶ୍ୱେତ କୁମାର ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନିରଞ୍ଜନ ଚନ୍ଦ୍ର ପଣ୍ଡା, ଦିଲ୍ଲୀପ କୁମାର ତ୍ରିପାଠୀ, ଶରତ ସାହୁ, ସନ୍ତୋଷ କୁମାର ଦାସ, ଗୀତାଞ୍ଜଳି ମହାନ୍ତି, ନିରୁପମା ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ । ବୈଠକରେ



ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ପୂର୍ବ କାର୍ଯ୍ୟକାରୀ କମିଟି ବୈଠକ ପଢିବା ସହିତ ଚଳିତ ଆର୍ଥିକ ବର୍ଷର ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । କିଛି ସମୟ ଆଲୋଚନା କରାଯିବା ପରେ ସର୍ବସମ୍ମତିକ୍ରମେ ଦୃଢୀକରଣ କରାଗଲା । ଅନୁଷ୍ଠାନର ଭବିଷ୍ୟତ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲ ।

## ଲଘୁଚାପ ଜନିତ ବର୍ଷା : ବୁଡ଼ିଲା ଶହଶହ ହେକ୍ଟର ଫସଲ

ଭାପୁର, (ସବ୍ୟୁ): ଲଘୁଚାପ ଜନିତ ଲାଗାଣ ବର୍ଷାରେ ନୟାଗଡ଼ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ଶହ ଶହ ହେକଟର ଧାନଗଛ ବର୍ଷା ପାଣିରେ ବୁଡି ଯାଇଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଲଘୁଚାପ ବର୍ଷା ହେବାରୁ ଶହଶହ ଧାନ ଗଛ ସହିତ ଆଖୁ ଏବଂ ବିଭିନ୍ନ ପନିପରିବା ଫସଲ ବର୍ଷା ପାଣିରେ ବୁଡି ଯାଇଛି । ଫସଲ ମଧ୍ୟକୁ ମାଳ ମାଳ ଷ,, ଏବଂ ରାତିରେ ବାରହା ପସି ଫସଲ ଖାଇ ଯାଉଥିବା ସହିତ ଫସଲ ଦଳି ଚକଟି ନଷ୍ଟ କରି ଦେଉଛନ୍ତି । ଏହି ଘଟଣାକୁ ନେଇ ଶହ ଶହ ଚାଷୀ ଚିନ୍ତାରେ ପଡ଼ିଥିବା ଜଣାପଡିଛି । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ଜୁଲାଇ ମାସ ୧୫ ତାରିଖରେ ୨୦. ୪ ମିଲିମିଟର ବର୍ଷା ହୋଇଥିବାବେଳେ ୧୬ ତାରିଖରେ ୧୩୨. ୩, ୧୭ ତାରିଖରେ ୪୬. ୨, ୧୮ ତାରିଖରେ ୭. ୪, ୨୫ ତାରିଖରେ ୩୮. ୧, ୨୬ ତାରିଖରେ ୪୫. ୧, ୨୭ ତାରିଖରେ ୨୩ ୩ ଏବଂ ୨୮ ତାରିଖରେ ୩୫. ୪ ମିଲି ମିଟର ବର୍ଷା ହୋଇଥିବା ବେଳେ ସେପେଫମ୍ବର ୨୩ ତାରିଖରେ ସୃଷ୍ଟି ହୋଇଥିବା ଘୁର୍ଣ୍ଣିବଳୟରେ ୧୭. ୩ ମିଲି ମିଟର ବର୍ଷା ହୋଇଥିବାବେଳେ ୨୪ ରେ ୪୯. ୨ ଏବଂ ୨୫ ତାରିଖରେ ୩୯. ୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି । ଭାପୁର ବ୍ଲକର ଧାନଚାଙ୍ଗଡ଼ା, ପଥରଚକଡା, କେନ୍ଦୁପଲ୍ଲୀ, ବାଉଁଶବାଟୀ, ପଦ୍ମାବତୀ, ଶାସନ, କରବର, ରାକମା, ବିଜିପୁର, ଫତେଗଡ଼, ଭାପୁର, ରାକମା, ଗୋଳାପୋଖରୀ, ଚକ୍ରଧରପ୍ରସାଦ, ନିମଣୀ, ବଡ଼ସହରା, ଶାଳପଡ଼ା, ବାଇଗୁଣିଆ, ବାଘୁଆପଲ୍ଲୀ ଏବଂ ଭଗବାନପୁର ଅଞ୍ଚଳର ହଜାର ହଜାର ହେକଫରରେ ଚଳିତ ବର୍ଷ ଖରିପ ଋତୁର ଧାନଚାଷ ହୋଇଥିଲା । ବର୍ତ୍ତମାନ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଭାପୁର ବ୍ଲକ ଅଞ୍ଚଳର ଦେଇ ବୋହି ଯାଉଥିବା କାଳିଗିରି, କମେଇଁ ଉପ ନଦୀ ମାନଙ୍କରେ ବର୍ଷା ପାଣି ମାଡିଆସିଛି । ଭାପୁର ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଧାନ ଗଛଗୁଡିକ ବର୍ଷା ପାଣିରେ ବୁଡିଯାଇଥିବାବେଳେ ବିଲମାନଙ୍କରେ ବର୍ଷାପାଣି ଜମାହୋଇ ଫସଲ ସବୁ ନଷ୍ଟ ହୋଇଯାଇଛି । ଏହି ଘଟଣାପ୍ରତି ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ଗୁରୁତର ସହିତ ଦୃଷ୍ଟି ଦେବା ସହିତ କ୍ଷୟକ୍ଷତି ଆକଳନ କରି କୃଷକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ପାଇଁ ଶହ ଶହ କୃଷକ ଦାବି କରିଛନ୍ତି ।

## ଶତାୟୁ ପୂଜକ ଭଗବାନ ତ୍ରିପାଠୀଙ୍କ ପରଲୋକ

ବାଲେଶ୍ୱର ,(ସବ୍ୟୁ) : ବାଲେଶ୍ୱର ସହରର ମୋତିଗଞ୍ଜ ବଜାର ତନ୍ତିସାହି ଲେନ୍‌ରେ ଥିବା ଶ୍ରୀ ଶ୍ରୀ ମଦନମୋହନ ଜୀଉ, ଗୋବିନ୍ଦରାୟ ଜୀଉଙ୍କ ମନ୍ଦିର (ପାଟରା ମନ୍ଦିର)ରେ ଦୀର୍ଘ ୪୦ବର୍ଷ ଧରି ଶ୍ରୀ ଜୀଉଙ୍କ ସେବା ପୂଜା କାର୍ଯ୍ୟ କରୁଥିବା ଭଗବାନ ତ୍ରିପାଠୀ(୧୦୪) ଙ୍କର ମନ୍ଦିର ପରିସରରେ ପରଲୋକ ହୋଇଯାଇଛି । ସ୍ୱର୍ଗତଃ ତ୍ରିପାଠୀ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ରହିବା ସହ ଶ୍ରୀ ଜୀଉଙ୍କର ସେବା କାର୍ଯ୍ୟମଧ୍ୟ ସମ୍ପାଦନ କରୁଥିଲେ । ତାଙ୍କର ଏହି ପରଲୋକ ଘଟଣା ମୋତିଗଞ୍ଜ ବଜାର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ସ୍ୱର୍ଗତଃ ତ୍ରିପାଠୀଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବୁଢାବଳଙ୍ଗ ନଦୀତଟ ବାଲିଘାଟ ଶ୍ମଶାନରେ ଶେଷକୃତ୍ୟକରାଯାଇଥିଲା । ଏହି ଶୋଭାଯାତ୍ରାରେ ପାଟରା ସମ୍ପ୍ରଦାୟର ବହୁ ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ଥିଲେ ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ପାଟଣା, (ସବ୍ୟୁ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅନ୍ତର୍ଗତ ପୋଇପାଣି ଗ୍ରାମ ନିକଟରେ ବୁଧବାର ଭୋର୍ରୁ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଆହତ ଜଣକ ହେଲେ ଗୋବର୍ଦ୍ଧନ ମହାନ୍ତ । ଗୋବର୍ଦ୍ଧନ ଗ୍ରାମ ନିକଟସ୍ଥ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବାବେଳେ ହଠାତ ଏକ ବଣୁଆ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ଭାଲୁ ଆକ୍ରମଣରେ ତାଙ୍କ ପେଟ ଓ ହାତରେ ଗଭୀର ଆଘାତ ଲାଗିଛି । ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭାଲୁକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି । ବନ ବିଭାଗ ପକ୍ଷରୁ ଭାଲୁର ଗତିବିଧି ଉପରେ ନଜର ରଖାଯାଇଛି ।

## ନୀଳମାଧବ ବେଲ-ମେଟାଲ, ଉଡ କ୍ଲଷ୍ଟର ଉଦଘାଟିତ

କଣ୍ଟିଲୋ, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ପାଣୁ ସାହୁ ପାଟଣା ଠାରେ ନୀଳମାଧବ ବେଲ ମେଟାଲ ଆଣ୍ଡ ଉଡ଼ କ୍ଲଷ୍ଟର ଉଦଘାଟନ ହୋଇଛି । ଉକ୍ତ କ୍ଷୁଦ୍ର ଉଦ୍ୟୋଗକୁ ମୁଖ୍ୟ ଅତିଥି ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ନୟାଗଡ଼ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ସିଟିଟିସି ପରିଚାଳକ ଡ. କେ ଏମ ରାଜନ, ସୁଶାନ୍ତ କୁମାର ରାଉତ, ବିଶ୍ୱ ରଞ୍ଜନ ସାହୁ ଓ ନୟାଗଡ଼ ଜିଲ୍ଲା ଶିଳ୍ପ ଅଧିକାରୀ ସମ୍ପଦ ନାୟକ, ବିଶିଷ୍ଟ କାରିଗର ଦଣ୍ଡପାଣି ସାହୁ, ବ୍ରହ୍ମପୁର ସ୍ଥିତ ରଘୁନାଥ ପାଠାଗାର ଅଧିକାରୀ ନିର୍ମଳ ନାୟକ ଯୋଗଦେଇଥିଲେ । କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ଯନ୍ତ୍ରାଂଶ ତାଲିମ କେନ୍ଦ୍ର ବିଭାଗ ପକ୍ଷରୁ ପ୍ରାୟ ୪ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟ ବରାଦ ରେ ୨୦୨୨ରୁ ନିର୍ମାଣ ହୋଇଥିବା ଏହି କ୍ଲଷ୍ଟର ବିଭିନ୍ନ କାରଣରୁ କାର୍ଯ୍ୟକ୍ଷମ ହୋଇ ନଥିଲା ।

## ଲୋକପ୍ରିୟ କ୍ରୀଡା ଶିକ୍ଷକ ଯୋଗୀ ସାରଙ୍କ ପରଲୋକ

ପିପିଲି, (ସବ୍ୟୁ) : ପିପିଲି ଅଂଚଳ ର ଲୋକପ୍ରିୟ କ୍ରୀଡା ଶିକ୍ଷକ ଯୋଗେଶ୍ୱର ପ୍ରସାଦ ଗିରି (ଯୋଗୀ ସାର) ଙ୍କର ୯୦ ବର୍ଷ ବୟସରେ ମଙ୍ଗଳବାର ସନ୍ଧ୍ୟାରେ ନିଜ ବାସଭବନରେ ଦିନ ପରାଲୋକ ଘଟିଛି । ଏ ଖବର ପ୍ରସାରିତ ହେବା ପରେ ପିପିଲି ସମେତ ଦାଣ୍ଡମୁକୁନ୍ଦପୁର ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ସେ ଜଣେ କ୍ରୀଡ଼ା ଶିକ୍ଷକ ନଥିଲେ ସେ ଥିଲେ ଗୁରୁ, ମାର୍ଗଦର୍ଶକ, ଶୃଙ୍ଖଳାର ପ୍ରତୀକ ଏବଂ ଅସଂଖ୍ୟ ଛାତ୍ରଙ୍କ ପ୍ରେରଣା । ତାଙ୍କର ଦୀର୍ଘ ପ୍ରାୟ ୪୦ ବର୍ଷର ଶିକ୍ଷକତା ଜୀବନ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ସହିତ ଅତୁଟ ଭାବେ ଜଡ଼ିତ ଥିଲା । ସେ କିଛି ଦିନ ହେବ ଶଯ୍ୟାଶାୟୀ ହୋଇ ରହିଥିଲେ । ତାଙ୍କ ମୃତ୍ୟୁରେ ପିପିଲି ଜଣେ ଭଲ କ୍ରୀଡା ଶିକ୍ଷକଙ୍କୁ ହରାଇଲା ବୋଲି ଅନେକ ଶୋକ ଭରା କଣ୍ଠରେ ପ୍ରକାଶ କରିଛନ୍ତି ।

## ମଣ୍ଡଳ ସ୍ତରୀୟ ସେବା ସଂକଳ୍ପ ଅଭିଯାନର ପ୍ରତିଯୋଗିତା

ଡେଲାଙ୍ଗ , (ସବ୍ୟୁ) : ଗତ ୧୮ ତାରିଖରୁ ଚାଲିଥିବା ସେବା ସଂକଳ୍ପ ଅଭିଯାନର ମଣ୍ଡଳ ସ୍ତରୀୟ ପ୍ରତିଯୋଗୀତି ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସହ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ପ୍ରଧାନ ଓ ବିଜୟ କୁମାର ସେଠୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ୧୬ ଟି ଆଞ୍ଚଳିକ ସାଧନ କେନ୍ଦ୍ରରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ତିନୋଟି ଦଳର ପ୍ରାୟ ୭୦ ଜଣ ପ୍ରତିଯୋଗୀ ୨୫ ବର୍ଷର ସେବା ଓ ବିକଶିତ ଭାରତ ବିଷୟକୁ ନେଇ ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ୧ମ,୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ୨୮ ତାରିଖରେ ୧ମ ସ୍ଥାନ ଅଧିକାର କରିଥିବା ପିଲାମାନେ ଜିଲ୍ଲାସ୍ତରରେ ଭାଗନେବେ । ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁ ସମସ୍ତଙ୍କୁ ସାଗତ କରିବା ସହ ତାଙ୍କ ଉପରେ ନ୍ୟସ୍ତ ଦାୟିତ୍ୱର ସଫଳ ପରିଚାଳନା କରିଥିଲେ । ବିଚାରକ ଭାବେ ସିଆରସିସି ଦୟାନିଧି ମାର୍ଥା,ପ୍ରଦୀପ୍ତ ବଳିୟାର ସିଂହ, ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଜେନା, କାହ୍ନୁ ଚରଣ ସେଠୀ, ପ୍ରଦୀପ୍ତ ପ୍ରଧାନ ମୂଲ୍ୟାୟନ କରିଥିଲେ । ସିଆରସିସି ପବିତ୍ର ପଣ୍ଡା,ପ୍ରଫୁଲ୍ଲ ଦାସ,କୃତିବାସ ପରିଡ଼ା, ସୋମନାଥ ବେହେରା, ଦୁର୍ଯ୍ୟୋଧନ ପ୍ରଧାନ ,ବସନ୍ତ ସେଠୀ , ସୁଦୀପ୍ତ ପରିଡ଼ା ,ତପନ ମଲ୍ଲିକ,ମନୋଜ ମହାରଣା,ଶିକ୍ଷକ ଦେବାଶିଷ ପ୍ରଧାନ,ଡେଲାଙ୍ଗୟୁଜିୟୁପି ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ , କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ନାଥ ସେଠୀ ଓ ବ୍ଲକ ର ସୁ ସିଆରସିସି ଏଥିରେ ସହଯୋଗ କରିଥିଲାବେଳେ ସିଆରସିସି କ୍ଷେତ୍ରବାସୀ ଆଳୁକ ଧନ୍ୟବାଦ ଦେଇଥିଲେ ।

## ଖଳିସାହିରେ ଜବରଦଖଲ ଉଚ୍ଛେଦ ଅଭିଯାନ

ଖଣ୍ଡପଡା ,(ସବ୍ୟୁ) : ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ଖଳିସାହି ପଞ୍ଚାୟତ ଅଧୀନ ତୋଟା ହନୁମାନଙ୍କ ସାହି ନିକଟସ୍ଥ ସରକାରୀ ଜାଗାରୁ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଥିବା ସୂଚନା ମିଳିଛି । କୋଟପୋଖରୀ ଓ କିସମତ ଇଛାପୁର ଗ୍ରାମର ସୀମାନ୍ତରେ ଥିବା ସରକାରୀ ଜାଗାକୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଦିର୍ଘ ବର୍ଷ ଧରି ଜବରଦଖଲ କରି ରଖିଥିବା ନେଇ ସେହି ଅଞ୍ଚଳର ବୈକୁଣ୍ଠ ସାହୁ ତହସିଲ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଜାଗା ମାପଚୁପ ହୋଇ ସରକାରୀ ଜାଗା ଚିହ୍ନଟ ହେବା ପରେ ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୁଲିସ ଉପସ୍ଥିତିରେ ସରକାରୀ ଜାଗାରୁ ଏକ ଜେସିବି ଯୋଗେ ଜବରଦଖଲ ଉଚ୍ଛେଦ କରାଯାଇଥିବା ଜଣାପଡିଛି । ପ୍ରକାଶଥାଉକି ଇଛାପୁର ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଜାଗାକୁ ଦୀର୍ଘବର୍ଷ ଧରି ଅନଧିକାର ଭାବେ ଜବରଦଖଲ କରି ରଖିଥିବା ନେଇ ଅଭିଯୋଗ ହୋଇଥିଲା । ସରକାରୀ ଜାଗା ଜବରଦଖଲ ମୁକ୍ତ ହେବା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

## ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ

କାକଟପୁର , (ସବ୍ୟୁ) : କାକଟପୁର ନିକଟସ୍ଥ (ବାଘମୁଣ୍ଡା) ଗଙ୍ଗାନାରାୟଣପୁର ମ ଧୁ ସୂ ଦ ନ ବି ଦ୍ୟା ପୀ ଠ ର ସହକାରୀ ଶିକ୍ଷକ ଚନ୍ଦ୍ର ସ୍ୱାଇଁଙ୍କ ବିଦାୟ କାଳୀନଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ଶୁଭାସିନୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବି ପ୍ରମୋଦ କିଶୋର ପୃଷ୍ଟି, ସମ୍ମାନୀତ ଅତିଥି ରୂପେ ଅସ୍ତରଙ୍ଗ ବ୍ଲକ ଉପାଧକ୍ଷ ଦୁର୍ଯ୍ୟୟ କୁମାର ମିଶ୍ର, କପିଳେନ୍ଦ୍ର ନାୟକ, ସାକିର ଅଲ୍ଲୀ ଖାଁ, ରାଖାଲ ସଓ୍ୱାଇଁ, ରାଜୁ ମିଶ୍ର, ସୁନୀଲ ଶତପଥି ପ୍ରମୁଖ ଯୋଗଦେଇଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ବୁଟୁ, ମୁନା, ଟଙ୍କୁଲା, ବାବୁଲି, ସୁବ୍ରତ, ରୁଦ୍ର, ପଙ୍କୁ, କାହ୍ନା, ଡୁଡୁନା, କପିଳା ସୁନା ଉତ୍ସବରେ ସହଯୋଗ କରିଥିଲେ । ପରିଶେଷରେ ଚନ୍ଦ୍ରଶେଖର ସାରଙ୍କୁ ଏକ ଶୋଭାଯାତ୍ରାରେ ନେଇ ତାଙ୍କର କାକଟପୁରସ୍ଥ ବାସଭବନକୁ ପାଛୋଟି ନେଇଥିଲେ ।

## ଗୁଣିଗାରେଡି ସନ୍ଦେହରେ ୪ ଛାତ୍ରୀ ଗୁରୁତର : ୨ ଅଟକ

ବାଲିପାଟଣା, (ସବ୍ୟୁ): ରାଜଧାନୀ ଉପକ= ବାଲିପାଟଣା ଥାନା ଅଧୀନ ଖୁଣ୍ଟିଆ ସାହି ଗ୍ରାମରେ ଗୁଣିଗାରେଡିକୁ ନେଇ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ଗୋଟିଏ ଗାଁର ୪ ଛାତ୍ରୀ ଅସ୍ୱାଭାବିକ ଭାବେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ସନ୍ଦେହରେ ଦୁଇଜଣଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଅଭିଯୋଗ ଅନୁଯାୟୀ, ୪ ଛାତ୍ରୀଙ୍କ ମଧ୍ୟରୁ ଦୁଇଜଣଙ୍କ ଶରୀରରେ ଧାରୁଆ ଅସ୍ତ୍ରରେ କଟିଯିବା ଭଳି କ୍ଷତ ଚିହ୍ନ ହୋଇଥିବା ସହ ରକ୍ତସ୍ରାବ ହୋଇଥିଲା । ଅନ୍ୟ ଦୁଇ ନାବାଳିକାଙ୍କ ଚାଲିଚଳଣି ଓ ବ୍ୟବହାରରେ ପରିବର୍ତ୍ତନ ଦେଖାଦେଇଥିବା ପରିବାର ପକ୍ଷରୁ କୁହାଯାଇଛି । ଏହାପରେ ଅଭିଭାବକମାନେ ସେମାନଙ୍କୁ ଡାକ୍ତରଖାନା ନେଇଥିଲେ । ତେବେ ଚିକିତ୍ସା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବାରୁ ପରିବାର ପକ୍ଷରୁ ଜଣେ ଗୁଣିଆଙ୍କୁ ଡାକି ପୂଜା କରାଯାଇଥିବା ଜଣାପଡ଼ିଛି । ଏହି ସମୟରେ ନିମାପଡ଼ା ଥାନା ଅଧୀନ ମିଟେଇପୁର ଗାଁର ସନ୍ତୋଷ ଭୋଇ ଓ ସାତପୁରୀ ଅଞ୍ଚଳର ଗାଲୁଆ ଭୋଇ ଙ୍କ ଉପରେ ସନ୍ଦେହ ପ୍ରକାଶ ପାଇଥିଲା । ଉଭୟଙ୍କୁ ପଚରାଉଚରା କରାଯିବା ସମୟରେ ସେମାନେ ସର୍ବସମ୍ମୁଖରେ ନିଜର ଭୁଲ ସ୍ୱୀକାର କରିଥିବା ଅଭିଯୋଗ ହୋଇଛି । ତନ୍ତ୍ରସାଧନା ମାଧ୍ୟମରେ ଛାତ୍ରୀମାନଙ୍କୁ ବଶୀଭୂତ କରିବାକୁ ଉଦ୍ୟମ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି । ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇବା ପରେ ପୋଲିସ ପହଞ୍ଚି ଉଭୟଙ୍କୁ ଭିଡ଼ ମଧ୍ୟରୁ ଉଦ୍ଧାର କରି ଥାନାକୁ ନେଇଥିଲା । ଏବେ ସେମାନଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି । ଗୁଣିଗାରେଡି ପ୍ରଭାବରେ ଛାତ୍ରୀମାନଙ୍କ ହାତଗୋଡ଼ରେ କ୍ଷତ ସୃଷ୍ଟି ହେଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ଘଟଣାର ପ୍ରକୃତ କାରଣ ଓ ଏହା ପଛରେ କାହାର ସମ୍ପୃକ୍ତି ରହିଛି ସେନେଇ ପୋଲିସ ତଦନ୍ତ ଜାରି ରହିଛି ।

## ଆଙ୍ଗନ କା ଉତ୍ସବ

ଅସ୍ତରଙ୍ଗ, (ସବ୍ୟୁ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ବ୍ଲକ ଅଂଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ



୨୭,୨୮ ଓ ୨୯ ତିନିଦିନ ବ୍ୟାପି ଅଙ୍ଗନ କା ଉତ୍ସବ ପାଳିତ ହୋଇ ଯାଇଛି । ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି ସବୁ କାର୍ଯ୍ୟକ୍ରମରେ ବ୍ଲକ ସି ଡି ପି ଓ ଲୋଚନା ସେଠି, କ୍ଷେତ୍ର ପରିଦର୍ଶୀକା ଜ୍ୟୋସ୍ନାରାଣୀ ଦଶଙ୍କ ସମେତ ଅଙ୍ଗାୱାଡି ପରିଚାଳନା କମିଟିର ମୁଖ୍ୟ, ୱାଡ଼ ସଭ୍ୟ ମନୋଜ ବିଶ୍ୱାଳ, ସହାୟିକା, ଆଶା କର୍ମୀ ପ୍ରଭୃତି ସାମିଲ ରହି ବ୍ଲକ ସ୍ତରୀୟ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କୁରୁଣ୍ଟିରେ ବିଜେପିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ଫୁଲନଖରା ,(ସବ୍ୟୁ) : କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ପଞ୍ଚାୟତର କୁରୁଣ୍ଟି ଗ୍ରାମସ୍ଥିତ ମା' କୁରୁଣ୍ଟେଇ ମନ୍ଦିର ପ୍ରାଙ୍ଗଣରେ ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ ଗବବସ୍ତ ମଣ୍ଡଳ ବିଜେପି ପକ୍ଷରୁ ଏକ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ଦଳୀୟ ସଂଗଠନକୁ ତୃଣମୂଳସ୍ତରରେ ଆହୁରି ମଜବୁତ କରିବା ସହ କର୍ମୀମାନଙ୍କ ମଧ୍ୟରେ ଏକତା, ସମନୱୟ ଓ ଦାୟିତ୍ୱବୋଧ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜୟନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଛବି ମଲ୍ଲିକ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ । ଶ୍ରୀ ମଲ୍ଲିକ କହିଥିଲେ ଯେ, ଦଳର ଶକ୍ତି କେବଳ ନେତୃତ୍ୱରେ ନୁହେଁ, ବରଂ ତୃଣମୂଳସ୍ତରରେ କାମ କରୁଥିବା ପ୍ରତ୍ୟେକ କର୍ମୀଙ୍କ ନିଷ୍ଠା, ପରିଶ୍ରମ ଓ ସମର୍ପଣରେ ରହିଛି । ତେଣୁ ୱାର୍ଡସ୍ତରରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ କର୍ମୀ ନିଜ ଦାୟିତ୍ୱକୁ ସଠିକ ଭାବେ ତୁଲାଇବା ସହ ଲୋକଙ୍କ ନିକଟରେ ରହି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବୁଝିବା ଆବଶ୍ୟକ ବୋଲି ସେ ମତ ରଖିଥିଲେ । ବିଧାୟକଙ୍କ ଏହି ଆହ୍ୱାନକୁ ଉପସ୍ଥିତ କର୍ମୀମାନେ ସ୍ୱାଗତ କରିବା ସହ ଆଗାମୀ ଦିନରେ ବୁଥ୍ସ୍ତରରୁ ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ତଥା ଦୃଢ଼ ସଂଗଠକ ଧୀରେନ୍ଦ୍ର ବାରିକ, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ପାତ୍ର, ବରିଷ୍ଠ ଆଡଭୋକେଟ କବି ନାରାୟଣ ଜେନା, ନିରୋଦ ଜେନା, କିଶୋର ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସାଙ୍ଗଠନିକ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ରାଜକିଶୋର ସଓ୍ୱାଇଁ, ସୁବାସ ଚନ୍ଦ୍ର ବେହେରା, ଜ୍ୟୋତି ପ୍ରକାଶ ବିଶ୍ୱାଳ, ଅଜୟ ଜେନା, ଶ୍ରୀଧର ସାହୁ, ଜିତୁ ମହାପାତ୍ର, ବସନ୍ତ ବେହେରା, ଖୁର୍ଶିଦ ମହମ୍ମଦ, ଭୁଜାଲ ମହମ୍ମଦ, ପ୍ରଦୀପ୍ତ ଦାସଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ରହି ସମ୍ମିଳନୀକୁ ସଫଳ କରିଥିଲେ । ।

# ବରିଷ୍ଠମାନେ ସମାଜ ପାଇଁ ପଥପ୍ରଦର୍ଶକ



ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲାର ବଡଚଣା ବ୍ଲକରେ ଗୁରୁବାର ଦିନ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତି କରଣ ବିଭାଗ ପକ୍ଷରୁ ଏହା ପାଳନ କରାଯାଇଥିଲା।ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ମାନେ ସମାଜ ପାଇଁ ସମସ୍ତଙ୍କର ପଥପ୍ରଦର୍ଶକ ବୋଲି ମତପ୍ରକାଶ ପାଇଥିଲା। ବରିଷ୍ଠ ମାନେ ନିଜ ଜୀବନ କାଳରେ ଅତି ନିକଟରୁ ସମାଜକୁ ଦେଖିବା ସହ ପ୍ରତି ମୂହୁର୍ତ୍ତରେ ମଣିଷର ପ୍ରତିଟି ଗତିବିଧିକୁ ଅନୁଶୀଳନ କରିଥିବାରୁ ସେମାନେ କନିଷ୍ଠ ମାନଙ୍କୁ ଉଚିତ ମାର୍ଗ ଦର୍ଶନ କରାଇବାର ସମସ୍ତ ଜ୍ଞାନପ୍ରାପ୍ତ ହୋଇଥନ୍ତି। ତେଣୁ ସାମାଜିକ ବ୍ୟବସ୍ଥାର ସଠିକ ପରିଚାଳନା ପାଇଁ ବରିଷ୍ଠ ମାନଙ୍କ ଉପଦେଶ ସର୍ବୋଦୌ ଗ୍ରହଣୀୟ ବୋଲି ଅତିଥି ମାନେ ମତ ଦେଇଥିଲେ। ଏଥିରେ ବଡ଼ଚଣା ବିଡିଓ ରବୀନ୍ଦ୍ରକୁମାର ପ୍ରଧାନ, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ନାୟକ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଂପାଦକ ଲକ୍ଷ୍ମୀଧର ସାହାଣୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭିନ୍ନକୁମାର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ସହ ବରିଷ୍ଠ ନାଗରିକ ମାନଙ୍କ ପାଇଁ ପ୍ରବର୍ତ୍ତିତ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ତଥ୍ୟ ଦେଇଥିଲେ। ଇତ୍ୟବସରରେ ବରିଷ୍ଠ ନାଗରିକ ମାପଙ୍କ ପାଇଁ ଚଣ୍ଡିଖୋଲରେ ଏକ ଲାଇବ୍ରେରୀ ପ୍ରତିଷ୍ଠା ପାଇଁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ବରିଷ୍ଠ ନାଗରିକ କବି ଯୁଧିଷ୍ଠିର ସାହୁ ଏଥିରେ ଏକ କବିତା ପାଠ କରିଥିଲେ। ଏଥିରେ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

# ଗଣେଶ ଭସାଣି ବେଳେ ପୋଲିସଙ୍କୁ ନିସ୍ତୁକ ମାଡ : ୮ରୁ ଉର୍ଦ୍ଧ୍ୱ ଆହତ ,୪ ଗିରଫ



କୁଆଁପାଳ,(ସବ୍ୟୁ):ମାହାଙ୍ଗା ଥାନା ଚାହାପଡା ପଂଚାୟତ ଅନ୍ତର୍ଗତ ବରଦିଆ ସେଠୀ ସାହିରେ ଗତକାଲି ବୁଧବାର ରାତିରେ ଗଣେଶ ଭସାଣି ଚାଲିଥିବା ବେଳେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ୮ରୁ ଉର୍ଦ୍ଧ୍ୱ ପୋଲିସ କର୍ମୀ ଆହତ ହୋଇଥିବା ବେଳେ ଦୁଇଟି ଗାଡିକୁ ଭଙ୍ଗାରୁଜା କରଯାଇଥିବା ଜଣାଯାଇଛି । ଖବରରୁ ପ୍ରକାଶ , ଗତ କାଲି ରାତିରେ ବରଦିଆ ସେଠୀ ସାହିରେ ଗଣେଶ ପୂଜା କମିଟି ପକ୍ଷରୁ ଭସାଣୀ ଉତ୍ସବ ଅନୁଷ୍ଠିତ ହେଉଥିଲା । ଭସାଣି ଶାନ୍ତଶୃଙ୍ଖଳାରେ କରାଯିବା ପାଇଁ ଦୁଇ ଜଣ ପୋଲିସ କର୍ମଚାରୀ ସେଠାରେ ମୃତୟନ ଥିଲେ। ତେବେ ରାତି ୧୦ଟା ପରେ କମିଟି ସଦସ୍ୟଙ୍କୁ ମାଇକ ବନ୍ଦ କରିବା ପାଇଁ ପୋଲିସ ପକ୍ଷରୁ କୁହାଯାଇଥିଲା । ମାଇକ ବନ୍ଦ କରିବା ପାଇଁ ବାରମ୍ବାର ପୋଲିସ ପକ୍ଷରୁ କୁହାଯାଇଥିଲେ ମଧ ୧୦.୪୦ ପର୍ଯ୍ୟନ୍ତ ମଧ ମାଇକ ବନ୍ଦ କରାଯାଇନଥିଲା । ଯାହାକୁ ନେଇ ସେଠାରେ ମୃତୟନ ହୋଇଥିବା ପୋଲିସ କର୍ମୀଙ୍କ ପକ୍ଷରୁ ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସଙ୍କୁ ଅବଗତ କରାଇଥିଲେ ।ଏହି ଖବର ଜାଣିବା ପରେ ମାହାଙ୍ଗା ଆଇଆଇସି ଶ୍ରୀ ଦାସଙ୍କ ସହ ଏକ ପୋଲିସ ଫୋର୍ସ ଦଳ ସହ ଦୁଇଟି ଗାଡିରେ ଭସାଣୀ ସ୍ଥଳରେ ପହଂଚି ଥିଲେ । ଏସଆଇ ସୁଚିତ୍ରା ସାହୁ ,ଏଏସଆଇ ସୌମେନ୍ଦ୍ର ପାତ୍ର ବାଜୁଥିବା ମାଇକକୁ ବନ୍ଦ କରିଥିଲେ । ଯାହା ଫଳରେ ପୋଲିସ ଓ ପୂଜା କମିଟି ସଦସ୍ୟଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ସ୍ଥାନୀୟ ଗ୍ରାମବାସୀ ମାନେ ସଂଘବଦ୍ଧ ଭାବେ ପୋଲିସଙ୍କ ଉପରେ ଢେଲା ମାଡ କରିବା ସହ ମାଡ ମାରିଥବା ଅଭିଯୋଗ ହୋଇଛି । ଯାହା ଫଳରେ ଆଇଆଇସି ଯୁଗଳ କିଶୋର ଦାସଙ୍କ ମୁଣ୍ଡରେ ମଧ ଆଘାତ ହୋଇଥିବା ଜଣାଯାଇଛି । ସେହିପରି ଏସଆଇ ସୁଚିତ୍ରା ସାହୁ ,ଏଏସଆଇ ସୌମେନ୍ଦ୍ର ପାତ୍ର କନେଷ୍ଟବଳ ପରେଶ କର,ସିକ୍ସ ବ୍ୟାଟେଲିୟନ ହାବିଲଦାର ରଞ୍ଜନ ରାଉତ,ହୋମଗାର୍ଡ ରାଧେଶ୍ୟାମ ସାହୁ,ବୈକୁଣ୍ଠ ବେହେରା ,ସନକ ପଣ୍ଡାଙ୍କ ସମେତ ୮ରୁ ଉଦ୍ଧପୋଲିସ ଆହତ ହୋଇଥିବା ଜଣାଯାଇଛି । ଯାହାକୁ ନେଇ ପୋଲିସ ପକ୍ଷରୁ କେସ ନଂ ୪୦୦/୨୬ରେ ଏକ ମାମଲା ରୁଜୁ କରାଯାଇ ୪ ଜଣ ରଘୁନାଥ ନଗରର କାର୍ତିକ ସେଠୀ ,ଚାହାପଡା ଅଲେଖ ସେଠୀ,ମଲ୍ଲୀପୁର। ପ୍ରକାଶ ସ୍ୱାଇଁ,ଭଁରାଜ ଜନ୍ମେଜୟ ସେଠୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ଏହି ଗଣ୍ଡଗୋଳରେ ପୋଲିସ ଭ୍ୟାନ ଓ ଆଇଆଇସିଙ୍କ ସ୍କର୍ପିଓ ଟେକାପଥର ମାଡରେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଅପର ପକ୍ଷରେ ଏହି ଗଣ୍ଡଗୋଳ ସଂପର୍କରେ ଗ୍ରାମବାସୀଙ୍କ କହିବା ଅନୁସାରେ ଭସାଣୀ ସମୟରେ ପୋଲିସ ପକ୍ଷରୁ ଲୋକମାନଙ୍କୁ ବଳ ପ୍ରୟୋଗ କରାଯିବାରୁ ସ୍ଥାନୀୟ ଲୋକେ ଉତେଜିତ ହୋଇ ଟେକା ପଥର ମାଡ କରିଥିବା କହିଛନ୍ତି ।

# ଦୁଇଦିନିଆ ଖେଳକୁଦ କ୍ରୀଡା ଉଦ୍‌ଯାପିତ

କୁଆଖିଆ ,(ସବ୍ୟୁ) :ରସୁଲପୁର ମଣ୍ଡଳସ୍ତରୀୟ ଶାରଦୀୟ କ୍ରୀଡା ପି ଏମ ଶ୍ରୀ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ମନୋଜ କୁମାର ଜେନାଙ୍କ ସଭାପତିତ୍ୱ ରେ ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କୃତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ପୂର୍ବତନ ଚେୟାରମ୍ୟାନ ଶଶୀ ଭୂଷଣ ସାହୁ ଓ ରାଜକିଶୋର ପଣ୍ଡା,ବିଦ୍ୟାଳୟ ଏସ ଏମ ସି ସଭାପତି ବିଦ୍ୟାଧର ସାହୁ,ବସନ୍ତ ଦ୍ୱିବେଦୀ, ରବୀନ୍ଦ୍ର ସାମଲ, ସାଧନ କେନ୍ଦ୍ର କର୍ମୀ ସଂଯୋଜକ ଶ୍ରୀ ରମେଶ ସ୍ୱାଇଁ ଯୋଗଦେଇଥିଲେ । ରସୁଲପୁର କ୍ରୀଡା ସମ୍ପାଦକ ଅନାଦି ଚରଣ ସାହୁ,ଅତିଥି ଭାବେ ଯୋଗ ଦେଇ କ୍ରୀଡାବିତ ଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ସୁବାସ ଚନ୍ଦ୍ର ବାରିକ କ୍ଷେତ୍ରପାଳ ସବ ଜୋନ ସମ୍ପାଦକ, ପ୍ରଦୀପ ସାହୁ ଜାବରା ସବ ଜୋନ ସମ୍ପାଦକ ନିରଞ୍ଜନ ଶତପଥି, ତୋରଡ ସବ ଜୋନ ସମ୍ପାଦକ, ମାନସ ରାଉତ, ମଧୁପୁର ସବ ଜୋନ ସମ୍ପାଦକ ଓ କ୍ରୀଡା ଶିକ୍ଷକ ଜିତେନ୍ଦ୍ର ଜେନା, ପ୍ରତାପ ବିଶ୍ୱଳ କମଳକାନ୍ତ ପ୍ରଧାନ, ମନୋରଞ୍ଜନ ଖୁଣ୍ଟିଆ, ନିରଞ୍ଜନ ତରାଇ, ଶୁଚିସ୍ମିତା ଦାଶ, ମଞ୍ଜୁଲତା ଘଡ଼ାଇ, ମନସ୍ୱିନୀ ସାହୁ, ଦକ୍ଷତା ର ସହ ବିଭିନ୍ନ ଖେଳ ଆଦି ଭଲିବଲ, ଖୋ ଖୋ ,ଚେସ,ଯୋଗ ଓ ଆଥେଲେଟ ଆଦି ଖେଳ ପରିଚଳନା କରି ଥିଲେ । ଉକ୍ତ ଖେଳକୁଦରେ ୪ଗୋଟି ସବ ଜୋନ ରୁ ୩୦୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଉତ୍ସବ ରେ ସଭ୍ୟ ତୋଫାନ ମହାନ୍ତି, ଚନ୍ଦନ ମଲିକ, ମନୋରଞ୍ଜନ ନାଥ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

# ଦୁଷ୍କର୍ମ ଓ ଘରପୋଡି ଅଭିଯୋଗରେ ଗିରଫ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ପୁଲିସ ଦୁଷ୍କର୍ମ ଓ ଘରପୋଡି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି । ଗିରଫ ଅଭିଯୁକ୍ତ ଜଣକ ନେଉଳପୁର ଗ୍ରାମର ସଞ୍ଜୟ କୁମାର ସାମଲ ବୋଲି ଜଣାଯାଇଛି । ସୂଚନା ମୁତାବକ ଏହି ଥାନା କୋହ୍ଲା ଗ୍ରାମରେ ସଞ୍ଜୟ ଖଟୁଆ ଓ ତାଙ୍କ ପତ୍ନୀ ରୁବୀ ଦେଉରୀ ଦୀର୍ଘ ବର୍ଷ ହେଲା ରହିଆସୁଛନ୍ତି । କୋହ୍ଲାସ୍ଥିତ ତାଙ୍କ ଘରକୁ ସଞ୍ଜୟ ଯିବା ଆସିବା କରୁଥିବା ବେଳେ ରୁବି ଉପରେ ଖରାପ ନଜର ରଖିଥିଲା । ହେଲେ ଦୁଇ ଦିନ ତଳେ ରାତିରେ ସଞ୍ଜୟ ସାମଲ ସଞ୍ଜୟ ଖଟୁଆଙ୍କ ଘରେ ପତ୍ନୀକୁ ଅସଦାଚରଣ ଉଦ୍ୟମ କରିବ ସହ ତାଙ୍କ ଘରେ ନିଆ ଲଗାଇଦେଇଥିଲା । ଏନେଇ ଶ୍ରୀ ଖଟୁଆଙ୍କ ପତ୍ନୀ ରୁବି ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଧର୍ମଶାଳା ଥାନା ପୁଲିସ ୪୦୦/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ସଞ୍ଜୟ ସାମଲକୁ ଗିରଫ କରିଥିଲା । ଆଜି ଅଭିୟୁକ୍ତକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ।

# ଗତାନଈ ପ୍ରାଇମେରୀ ସ୍କୁଲ: ୩ଗୁଣାରୁ ଅଧିକ ମରାମତି ବିଲ୍

ମହାକାଳପଡ଼ା,(ସବ୍ୟୁ) :ମହାକାଳପଡ଼ା ବ୍ଲକ ଟିକରପଙ୍ଗା ପଂଚାୟତ ଗତନଈ ପ୍ରାଥମିକ ବିଦ୍ୟାଳୟ ସ୍ୱାଧୀନତା ର ୪୬ବର୍ଷ ପୂର୍ବରୁ ହୋଇଥିଲେ ସୁଦ୍ଧା ଅବହେଳିତ । ବିଦ୍ୟାଳୟ ମରାମତି ପାଇଁ ଫାଷ୍ଟ ଫେଜରେ ଗଣଶିକ୍ଷା ବିଭାଗୀୟ ଅନୁଦାନ ରାଶି ରେ ମରାମତି କାର୍ଯ୍ୟ ହେଉଥିଲା । ଏହି ସମୟରେ ବ୍ଲକ ତରଫରୁ ଏଫଡ଼ିଆର ପାଣ୍ଠିରୁ ମରାମତି ପାଇଁ ଅନୁଦାନ ରାଶି ମିଳିଥିଲା । ପଂଚାୟତ ଦାୟିତ୍ୱ ରେ ଥିବା ତତ୍କାଳୀନ ଯନ୍ତ୍ରୀ ଙ୍କ ନାମେ କାର୍ଯ୍ୟାଦେଶ ମିଳିବା ପରେ ଯନ୍ତ୍ରୀ ସୁଯୋଗ ଉଣ୍ଡି ବିଲ କରିଥିଲେ । ପୁରୁଣା ମରାମତି ଅର୍ଥରେ ଯନ୍ତ୍ରୀ ଙ୍କ ତରଫରୁ କାର୍ଯ୍ୟ ନିର୍ବାହ କରୁଥିବା ବ୍ୟକ୍ତି ଙ୍କୁ ହାତ କରି ପଂଚାୟତ ଦାୟିତ୍ୱ ନ୍ୟସ୍ତ ଯନ୍ତ୍ରୀ ମରାମତି ନକରି ୧୨ହଳ ଡେସ୍କବେଞ୍ଚ ଯୋଗାଇ ଦେଇ ବିଲ କରିଥିଲେ । ଏପରିକି ଯୋଗାଇ ଦେଇଥିବା ମ୍ୟାଟେରିଆଲ ମୂଲ୍ୟ ଅଧାଲକ୍ଷ ହୋଇଥିବା ବେଳେ ଯନ୍ତ୍ରୀ ନିଜ ହାତରେ ୧ଲକ୍ଷ ୮୦ହଜାର ବିଲ କରିଥିଲେ ।ଏପରିକି ରାଧେ ରାଧେ ତୁମରୁ ଅଧେ କୁ ମୋର ଅଧେ ବାଣ୍ଟି ନେଇଥିଲେ । ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକେ ଫଲସ ବିଲ ନେଇ ବର୍ତ୍ତମାନ କାର୍ଯ୍ୟରତ ବିଡ଼ିଓ ଙ୍କୁ ଅଭିଯୋଗ କରିଥିଲେ । ବିଡ଼ିଓ ତଦନ୍ତ ପାଇଁ ପତ୍ରାଙ୍କ ଜାରି କରିଥିଲେ।ତଦନ୍ତର ପାଦ ଘୁଞ୍ଚି ଘୁଞ୍ଚି ଯାଉଛି । ଏନେଇ ଅଭିଯୋଗକାରି ଓ ସ୍କୁଲ ପରିଚାଳନା କମିଟିର ସଭ୍ୟ /ସଭ୍ୟା ମରାମତି ନାଁ ରେ ଶିକ୍ଷାନୁଷ୍ଠାନ ପଇସା ଲୁଟ ର ସୁଚାରୁ ତଦନ୍ତ ପାଇଁ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି । ସେପଟେ ଯନ୍ତ୍ରୀ କୁହନ୍ତି ଯେ ଘର ଭିତରେ ମରାମତି ହୋଇଛି ଓ ଡେସ୍କ ବେଞ୍ଚ ପଡିବାରେ ଠିକ ଅଛି ବୋଲି କହନ୍ତି ।ତେବେ ତଦନ୍ତ ହେଲେ ସଠିକ ତଥ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମାନେ କହନ୍ତି ।

# ଶିକ୍ଷୟିତ୍ରୀ ଅସୀମା ଦେବଶ୍ରୀଙ୍କ ମହନୀୟତା



ସାଲେପୁର ,(ସବ୍ୟୁ) :ସାଲେପୁର ବ୍ଲକ ଶିଶୁଆ କଲ୍ୟାଣପୁର ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅସୀମା ଦେବଶ୍ରୀ ବିଶ୍ୱାଳଙ୍କ ମହାନତା ପାଇଁ ପ୍ରଶଂସାର ସୁଅ ଛୁଟୁଛି । ନୂଆ କରି ଶିକ୍ଷୟିତ୍ରୀ ଜୀବନ ଆରମ୍ଭ କରିଥିବା ଅସୀମା ତାଙ୍କର ପ୍ରଥମ ଦରମାକୁ ରାମକୃଷ୍ଣପୁର ପଂଚାୟତ ଏଲମାପୁର ସ୍ଥିତ ଦୁଃଖିଶ୍ୟାମ ବୃଦ୍ଧାଶ୍ରମ ଅସହାୟ ଅନ୍ତେବାସୀଙ୍କୁ ପ୍ରଦାନ କରିଛନ୍ତି । ଶିଶୁଆ ପଂଚାୟତ ସପନପୁର ଗ୍ରାମର ଅଶୋକ କୁମାର ବିଶ୍ୱାଳ ଓ ଅଞ୍ଜଳୀ ସାହୁଙ୍କ ସୁପୁତ୍ରୀ ଅସୀମା ଦେବଶ୍ରୀ ବିଶ୍ୱାଳ । ଅସୀମା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଭଗବାନ ମୋତେ ଦୁଇଟି ହାତ ଦେଇଛନ୍ତି । ଗୋଟିଏ ନିଜ ପାଇଁ ହେଲେ ଆଉ ଗୋଟିଏ ଅନ୍ୟକୁ ସାହାଯ୍ୟ ସହଯୋଗ ଓ ସେବା ଯୋଗାଇବା ପାଇଁ । ତେଣୁ ମୁଁ ଆଜି ନୁହେଁ ଜୀବନର ଶେଷ ପର୍ଯ୍ୟନ୍ତ ଅସହାୟ ମାନଙ୍କୁ ସହଯୋଗର ହାତ ବାଇବି । ଅସୀମାଙ୍କ ବାପା ଆଉ ମାଆ ଅସୀମାଙ୍କ ସହିତ ଦୁଃଖିଶ୍ୟାମବୃଦ୍ଧାଶ୍ରମରେ ପହଂଚି ଅନ୍ତେବାସୀ ମାନଙ୍କୁ ନିଜ ହାତରେ ଖୁଆଇ ଭଲମନ୍ଦ ପଚାରି ବୁଝିବା ସହିତ ଝିଅର ସୁଚିନ୍ତାଧାରା ପାଇଁ ଆନନ୍ଦ ପ୍ରକାଶ କରିଛନ୍ତି ।

# ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛସେବା କାର୍ଯ୍ୟକ୍ରମ

କେନ୍ଦ୍ରାପଡା ,(ସବ୍ୟୁ): ପୌରସଂସ୍ଥା ତରଫରୁ ସ୍ୱଚ୍ଛସେବା କାର୍ଯ୍ୟକ୍ରମ ପୌରାଂଚଳରେ ଆରମ୍ଭ କରାଯାଇଛି। ପବିତ୍ର ପବିତ୍ର ଗାନ୍ଧୀ ଜୟନ୍ତୀ ସପ୍ତାହବ୍ୟାପୀ ପାଳନ କରାଯିବା ଉପଲକ୍ଷେ ପୌରାଂଚଳର ୨୧ଗୋଟି ୱାର୍ଡରେ ଏହି ସ୍ୱଚ୍ଛ ସେବା କାର୍ଯ୍ୟ ଆଜିଠାରୁ ଜିଲ୍ଲା କାଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି। ପର୍ଯ୍ୟାୟକ୍ରମେ ସହରରେ ଥିବା ବିଭିନ୍ନ ସରକାରୀ ଦପ୍ତର ପରିସର, ସର୍ବସାଧାରଣ ସ୍ଥାନ ଓ ଜନଗହଳି ପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ସ୍ୱଚ୍ଛସେବା ଆରମ୍ଭ କରାଯିବ। ସହରକୁ ସ୍ୱଚ୍ଛ ରଖିବା ପାଇଁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ନିରୀକ୍ଷକ, ସ୍ୱଚ୍ଛ ସାଥୀଙ୍କ ସମେତ ପ୍ଲାଣ୍ଟ ମ୍ୟାନେଜର୍ ପ୍ରମୁଖ ସହଯୋଗ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାଜକନିକା,(ସବ୍ୟୁ) : ସେବା ସଂକଳ୍ପ ଅଧୀନରେ ରାଜକନିକା ପଞ୍ଚାୟତ ସମିତି ପରିସରରେ ମଙ୍ଗଳବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ କେନ୍ଦ୍ରାପଡ଼ା ସୌଜନ୍ୟ ରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଡିଓ କୈଳାଶ ଚନ୍ଦ୍ର ମହାଳିକ ଏବିଡ଼ିଓ ଅଜୟ କୁମାର ବେହେରା,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମକେଶରୀ ବେହେରା ଉଦ୍ଘାଟନ କରିଥିଲେ। ତେବେ ଅସ୍ଥିଶଲ୍ୟ ବିଭାଗର ୧୫୨ ଜଣ,ଶ୍ରବଣ ବିଭାଗରେ ୨୬, ମାନସିକ ଅନଗ୍ରସର ବିଭାଗରେ ୪୮, ଚକ୍ଷୁ ବିଭଗ ୩୨, ଶିଶୁ ବିଭାଗରେ ୧୬,ଏହିପରି ମୋଟ ୨୭୪ ଜଣ ଭିନ୍ନକ୍ଷମବ୍ୟକ୍ତି ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ । ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ,କେନ୍ଦ୍ରାପଡ଼ା ର ଡାକ୍ତରମାନେ ପରୀକ୍ଷା କରିଥିଲେ । ଏହି ଅବସରରେ ଭିନ୍ନକ୍ଷମ ଉପକରଣବଣ୍ଟନ କରାଯାଇଥିଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶଦୀପ ବଳିଆରସିଂହ ଶିବିର ପରିଚାଳନାରେ କରିଥିଲେ ।

# ବିନା ନୋଟିସରେ ମାର୍କେଟ କମ୍ପ୍ଲେକ୍ସ ବଣ୍ଟନ

ପଟ୍ଟାମୁଣ୍ଡାଇ ,(ସବ୍ୟୁ): ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ପଞ୍ଚାୟତରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ବଣ୍ଟନରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ବିନା ନୋଟିସ, ବିନା ଟେଣ୍ଡରରେ ଚୋରାବାଟରେ ଦୋକାନ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି।ନିୟମ ଅନୁଯାୟୀ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ବଣ୍ଟନ ପୂର୍ବରୁ ନୋଟିସ ବୋର୍ଡ ଓ ଖବରକାଗଜରେ ବିଜ୍ଞାପନ ଦେଇ ନିଲାମ କରିବା କଥା। ମାତ୍ର ଏଠାରେ ସେଭଳି କିଛି ନକରି ଗୁପ୍ତରେ ନିଜ ପ୍ରିୟ ଲୋକଙ୍କୁ ଦୋକାନ ଦିଆଯାଇଥିବା ସ୍ଥାନୀୟ ଯୁବକ ଅଭିଯୋଗ କରିଛନ୍ତି। ଏଥିରେ ଆର୍ଥିକ କାରବାର ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ।ଆମେ ଦୋକାନ ଆଶାରେ ଥିଲୁ, କିନ୍ତୁ ସୂଚନା ନଦେଇ ରାତାରାତି ବଣ୍ଟନ ହୋଇଗଲା ବୋଲି ସ୍ଥାନୀୟ ବ୍ୟବସାୟୀ କହିଛନ୍ତି।ଏହାକୁ ବାତିଲ କରି ସ୍ୱଚ୍ଛ ନିଲାମ ନହେଲେ ପଞ୍ଚାୟତ ସମ୍ମୁଖରେ ଆନ୍ଦୋଳନ ହେବ ବୋଲି ଭାଗିରଥି ବିଶ୍ୱାଳ, ପ୍ରସେନ ସାମଲ, ଅନିଲ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ ଚେତାବନୀ ଦେଇଛନ୍ତି। ସରପଞ୍ଚ ଦେବବ୍ରତ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଜିଲ୍ଲା ଯୁବ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ



ଜଗତସିଂହପୁର,(ସବ୍ୟୁ): ବିଜେପି ସରକାର ଅମଳରେ ଭୋଟ ଚୋରୀ, ନୌକରୀ ଚୋରୀ,କାନୁନ ଚୋରୀ ଓ ସଂସ୍ଥା ଚୋରୀ ଆଦି କାର୍ଯ୍ୟଧାରା ବିରୋଧରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି ।ଜିଲ୍ଲା ଯୁବ କଂଗ୍ରେସ ସଭାପତି କୁମାର ପ୍ରିତମ ପରିଜାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରରେ ଶାସନ ଗାଦିରେ ବସିଥିବା ବିଜେପି ସରକାର କିଭଳି ସାଧାରଣ ଜନତାଙ୍କୁ ମିଛ ପ୍ରତିଶୃତି ଦେଇ ଶୋଷଣ କରୁଛି ବୋଲି କଂଗ୍ରେସର ଯୁବ ନେତୃତ୍ୱ ମାନେ କହିଥିଲେ ।କେନ୍ଦ୍ର ସରକାର ଏସ ଆଇ ଆର ଭଳି କାର୍ଯ୍ୟକ୍ରମ ହାତକୁ ନେଇ ଲୋକଙ୍କ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ କରିବା ଓ ଭୋଟ ଚୋରି କରି ଶାସନ ଗାଦିରେ ବସିବା ଭଳି ସଙ୍ଗୀନ ଅଭିଯୋଗ ଯୁବ କଂଗ୍ରେସ ପକ୍ଷରୁ କରାଯାଇଛି ।ଏହି ଭୋଟ ଚୋରିରେ ସମ୍ପୃକ୍ତ ଥିବା କଂଗ୍ରେସ ପକ୍ଷରୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜ୍ଞାନେଶ କୁମାରଙ୍କୁ ତୁରନ୍ତ ଗିରଫ କରିବା ପାଇଁ କଂଗ୍ରେସ ଦାବି କରିଛି ।ଏହା ସହିତ ଦେଶରେ ଲକ୍ଷ ଲକ୍ଷ ବେକାର ଯୁବକ ଯୁବତୀ ରହିଥିବା ବେଳେ ସେମାନଙ୍କୁ ନିଯୁକ୍ତି ନ ଦେଇ ବେକାରୀ ସଜାଇବାରେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ହିନ ଚକ୍ରାନ୍ତ କୁ ଲୋକଲୋଚନକୁ ଆଣିବା ପାଇଁ ଏହି ସମ୍ମିଳନୀ ର ଆୟୋଜନ କରାଯାଇଥିଲା ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ପରିଜା କହିଥିଲେ । ଯଦି ଭୋଟ ଚୋରୀରେ ସାମିଲ ରହିଥିବା ମୁଖ୍ୟ ଖଳନାୟକ ସାଜିଥିବା ଜ୍ଞାନେସ କୁମାର ଙ୍କୁ ତୁରନ୍ତ ଗିରଫ କରି ତିହାର ଜେଲ ନ ପଠାଗଲେ ଯୁବ କଂଗ୍ରେସ ସମଗ୍ର ଭାରତବର୍ଷରେ ରଣହୁଙ୍କାର ଦେବ ବୋଲି ଚେତାବନୀ ଦିଆଯାଇଥିଲା।ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପ୍ରଭାରୀ ତଥା ପ୍ରଦେଶ ଯୁବ କଂଗ୍ରେସ ର ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ଯୁବ ନେତା ପ୍ରତ୍ୟୁଷ ନାୟକ,ନିହାର ରଞ୍ଜନ ଦାସ, ସନ୍ଦୀପ ସ୍ୱାଇଁ,କାହ୍ନା ସେନାପତି, ବିଶ୍ୱଜିତ ସେଠୀ, ସୁଶୀଲ କୁମାର ଦାଶ,ପ୍ରଭାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗଣସତ୍ୟାଗ୍ରହକୁ ଅନୁମତି ଦେଲେନି ନିର୍ବାହୀ ଅଧିକାରୀ

# ଧାରଣାରେ ବସିଲେ ଓଜେସି ସଭାପତି



ବ୍ୟାସନଗର,(ଜିପ୍ର): ବ୍ୟାପକ ଅନିୟମିତତା ପ୍ରତିବାଦ୍‌ରେ ଅଗଷ୍ଟମାସ ୨୪ ତାରିଖ ଓଡ଼ିଶା ଜନତା କଂଗ୍ରେସ ବ୍ୟାସନଗର ପୌର କାର୍ଯ୍ୟାଳୟ ଘେରିବା ସହ ନିର୍ବାହୀ ଅଧିକାରୀଙ୍କୁ ୧୧ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ମାସକ ଭିତରେ ରଖାଯାଇଥିବା ଦାବି ପୂରଣ ନହେଲେ ଅକ୍ଟୋବର ମାସ ୨ ତାରିଖରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କାଯ୍ୟାଳୟ ସମ୍ମୁଖରେ ଗଣସତ୍ୟାଗ୍ରହ କରାଯିବ ବୋଲି ଅଧିକାରୀଙ୍କୁ ଚେତାବନି ଦିଆଯାଇଥିଲା । କିନ୍ତୁ ମାସ ବିତିଯିବା ପରେ ବି ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଏବଂ ଦାବି ସଂପର୍କରେ ଆଲୋଚନା କରାନଯିବାରୁ ଓଜେସି ପକ୍ଷରୁ ଆସନ୍ତାକାଲି ତଥା ୨ ତାରିଖ ପୌର କାର୍ଯ୍ୟାଳୟ ସମ୍ମୁଖରେ ଗଣସତ୍ୟାଗ୍ରହ କରାଯିବାକୁ ପଦକ୍ଷେପ ନିଆଯାଇଥିଲା । ଏହିକ୍ରମେ ପୁଲିସ ଏବଂ ପ୍ରଶାସନ ପକ୍ଷରୁ ଅନୁମତି ଅଣାଯାଇ ଆଜି କାଯ୍ୟାଳୟ ସମ୍ମୁଖରେ ଟେଂଟ ବନ୍ଧା ଯାଉଥିବା ବେଳେ ଏହାକୁ ନିର୍ବାହୀ ଅଧିକାରୀ ପ୍ରତିରୋଧ କରିଥିଲେ । ଓଜେସି ସଭାପତି ଗଣସତ୍ୟାଗ୍ରହ ନିମନ୍ତେ ଆବଶ୍ୟକ ଅନୁମତି ଆଣିଥିବା ଦର୍ଶାଇଥିଲେ ହେଁ ଟେଂଟ ବାନ୍ଧିବାକୁ ଦିଆଯାଇନଥିଲା । ଯାହାର ପ୍ରତିବାଦ୍‌ରେ ସଭାପତି ବିଦ୍ୟାଧର ମହାନ୍ତି କାର୍ଯ୍ୟାଳୟ ସମ୍ମୁଖରେ ଅନସନରେ ବସିଥିଲେ ।

# ବ୍ଲକ୍ ପ୍ରଶାସନ ପକ୍ଷରୁ ବୃଦ୍ଧବୃଦ୍ଧା ସମ୍ମାନିତ

ରଘୁନାଥପୁର,(ସବ୍ୟୁ): ଅକ୍ଟୋବର ୧ ଆନ୍ତର୍ଜାତିୟ ବୃଦ୍ଧ ବୃଦ୍ଧା ଦିବସ ପାଳନ ଅବସରରେ ଆଜି ରଘୁନାଥପୁର ବ୍ଲକ ପ୍ରଶାସନ ପକ୍ଷରୁ ବୃଦ୍ଧ ବୃଦ୍ଧା ମାନଙ୍କୁ ସମ୍ମାନୀତ କରାଯାଇଛି। ସାମାଜିକ ସୁରକ୍ଷା ଅଧିକାରୀଣି ଜ୍ୟୋର୍ତିମୟୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଜି ସକାଳୁ ରଘୁନାଥପୁର ବ୍ଲକ ଅଂଚଳର ୪୦ରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା ଜ୍ୟୋତି ମହାସଂଘ କକ୍ଷରେ ପହଞ୍ଚି ଯୋଗ କରିବା ସହ ସୁସ୍ଥ ଓ ନିରୋଗି ରହିବା ପାଇଁ ପରସ୍ପର ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ବିରେଞ୍ଚି ନାରାୟଣ ବେହେରା ପହଞ୍ଚି ଉପସ୍ଥିତ ବୟୋଜ୍ୟେଷ୍ଠ ନାଗରିକ ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥି ସହିତ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଜଳଖିଆ ଓ ମଧ୍ୟାହ୍ନ ଖାଦ୍ୟପେୟରେ ବନ୍ଦୋବସ୍ତ କରା ଯାଇଥିଲା। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ବିତର୍କ ଓ ରଚନା ପ୍ରତିଯୋଗିତାରେ କୃତି ୬ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରା ଯାଇଥିଲା।

# ଜନସ୍ୱାର୍ଥ ସୁରକ୍ଷା କମିଟି ପକ୍ଷରୁ ଜନଦସ୍ତଖତ ଅଭିଯାନ

ନାଉଗାଁ, (ସବ୍ୟୁ) ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ବାଲିଭଉଁରୀରୁ ବିନିଶପୁର ଭାୟା ଶିଖରଘାଟ ଯାଇଥିବା ମୁଖ୍ୟ ସଂଯୋଗକାରୀ ରାସ୍ତାକୁ ରାଜ୍ୟ ରାଜପଥ ମାନ୍ୟତା ଦେବା ଦାବି ଜୋରଦାର ହୋଇଛି। ଏନେଇ ନାଉଗାଁ ବ୍ଲକ ଜନସ୍ୱାଥ ସୁରକ୍ଷା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜନଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଏହାପୂର୍ବରୁ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି ।କମିଟିର ଦାବି ଅନୁଯାୟୀ, ଏହି ରାସ୍ତା ନାଉଗାଁ ବ୍ଲକ ସମେତ ଜଗତସିଂହପୁର ଓ ପୁରୀ ଜିଲ୍ଲାକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। ପ୍ରତିଦିନ ଏହି ରାସ୍ତାରେ ବହୁ ସଂଖ୍ୟକ ଯାତ୍ରୀବାହୀ ଓ ମାଲବାହୀ ଯାନ ଚଳାଚଳ କରୁଥିବାରୁ ଏହାର ଗୁରୁତ୍ୱ ବେଶ ଅଧିକ।କିଛି ବର୍ଷ ପୂର୍ବରୁ ପୁରୀ - ପାରାଦୀପ ସଂଯୋଗୀ ରାସ୍ତା ନିର୍ମାଣ ନେଇ ସର୍ଭେ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନଥିବା କମିଟି ପକ୍ଷରୁ କୁହାଯାଇଛି। ଏହି ରାସ୍ତାକୁ ର୍ତିତୋଲ-ପାରାଦୀପ ରାସ୍ତା ସହ ସଂଯୋଗ କରି ବାଲିଭଉଁରୀ-ବିନିଶପୁର ଦେଇ କୋଣାର୍କ ପର୍ଯ୍ୟନ୍ତ ବିକଶିତ କରାଗଲେ ଜଗତସିଂହପୁର, ପୁରୀ ଓ ପାରାଦୀପ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ପର୍ଯ୍ୟଟନର ମଧ ବିକାଶ ହୋଇପାରିବ ବୋଲି କମିଟି ମତ ପ୍ରକାଶ କରିଛି।ଶିଖରଘାଟ ସେତୁ ନିର୍ମାଣ ପରେ ଏହି ମାର୍ଗରେ ସାରଳା ମନ୍ଦିର ଓ ପାରାଦୀପ ଅଭିମୁଖେ ଯାନବାହନ ଚଳାଚଳ ବୃଦ୍ଧି ପାଇଥିବା କୁହାଯାଇଛି। ଏହା ମାଧ୍ୟମରେ ପୁରୀ, ପାରାଦୀପ, କଟକ ଓ ଭୁବନେଶ୍ୱର ସହ ଯୋଗାଯୋଗ ମଧ ଅଧିକ ସୁବିଧାଜନକ ହୋଇଛି।ଏହାସହ ଏହି ଅଞ୍ଚଳରେ ଶ୍ରୀକ୍ଷେତ୍ର ପୁରୀ, କାକଟପୁର ମା' ମଙ୍ଗଳା ମନ୍ଦିର, ଗୋବର୍ଦ୍ଧନ ପୀଠ, ସାରଳା ମନ୍ଦିର ଓ ଗୋରେଖନାଥ ପୀଠ ଭଳି ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ରହିଥିବାରୁ ଏହି ରାସ୍ତାର ଗୁରୁତ୍ୱ ଆହୁରି ବଢ଼ିଛି।ତେବେ ବର୍ତ୍ତମାନ ରାସ୍ତାଟିର ଅନେକ ସ୍ଥାନ ସଂକୀର୍ଣ୍ଣ ଓ ଅଙ୍କାବଙ୍କା ଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣାର ଆଶଙ୍କା ରହୁଛି। ତେଣୁ ଏହି ରାସ୍ତାକୁ ଶୀଘ୍ର ରାଜ୍ୟ ରାଜପଥ ମାନ୍ୟତା ଦେଇ ପ୍ରଶସ୍ତୀକରଣ ଓ ଉନ୍ନତିକରଣ କରିବାକୁ କମିଟି ଦାବି କରିଛି। କମିଟିର ସଭାପତି ବଂଶୀଧର ବେହେରା, ସମ୍ପାଦକ ସୁବାସ ସ୍ୱାଇଁ, ସୁବ୍ରତ ରାୟ, ବସନ୍ତ ସ୍ୱାଇଁ,ରବୀନ୍ଦ୍ର ପଟ୍ଟନାୟକ କମିଟିର ସଦସ୍ୟ ସମେତ ବହୁ ସଂଖ୍ୟାରେ ଦସ୍ତଖତ କରି ଦାବି ଜଣାଇଛନ୍ତି।

# ପୋଷଣ ମାହି ୨୦୨୬ କାର୍ଯ୍ୟକ୍ରମ

ରାଜନଗର ,(ସବ୍ୟୁ) : ରାଜନଗର ସମନ୍ୱିତ ଶିଶୁ ବିକାଶ ସେବା ପକ୍ଷରୁ ମିଶନ ଶକ୍ତି ଭବନ ପରିସରରେ ପ୍ରକଳ୍ପ ସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାହି ୨୦୨୬କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତହୋଇଥିଲା।ଚଳିତ ବର୍ଷ ବିଷୟ ବସ୍ତୁ ଆମ ଅଙ୍ଗନୱାଡି ଆମ ଦାଇତ୍ୱ ଏଂ ଆଜିର ବିଷୟ ବସ୍ତୁ ପୋଷଣ ଓ ଆଦ୍ୟ ଉଦ୍ଧିପନା ସଂକ୍ରାନ୍ତ ରେ ଆଲୋଚନା କରାଯାଇଥିଲା।

**ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ**

- ମ୍ୟୁନିସିପାଲିଟିର ଦେୟ ତଥା ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହ ଭଡା ଠିକ ସମୟରେ ପଇଠ କରନ୍ତୁ ।
- ଘରର ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ନିଜ ଘରେ ଶୁଖିଲା ଓ ଓଦା ଅଳିଆକୁ ଅଲଗା ଅଲଗା କରି ରଖନ୍ତୁ ଏବଂ ପୌର ପାଳିକା ଦ୍ୱାରା ପରିଚାଳିତ ଗାଡିକୁ ଦିଅନ୍ତୁ ।
- ଶୌଚାଳୟ ବ୍ୟବହାର କରନ୍ତୁ । ବାହାରେ ମଳତ୍ୟାଗ କରନ୍ତୁ ନାହିଁ ।
- ଗୋରୁ, ଗାଈ, ଘୁଷୁରୀଙ୍କୁ ରାସ୍ତାରେ ଛାଡନ୍ତୁ ନାହିଁ । ନିଜ ଦାୟିତ୍ୱରେ ରଖନ୍ତୁ । ନଚେତ ଆଇନାନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
- ଯଦି କୌଣସି ବ୍ୟକ୍ତି ବା ସଂଗଠନ ସ୍ୱେଚ୍ଛାକୃତ ଭାବେ ତାଙ୍କ ଅଞ୍ଚଳରେ ବସ୍ତି ସଫେଇ ଓ ବୃକ୍ଷ ରୋପଣ ଆଦି କାର୍ଯ୍ୟ କରିବାକୁ ଚାହାନ୍ତି, ତାଙ୍କୁ ପୌର ପରିଷଦ ତରଫରୁ ସମସ୍ତ ସହଯୋଗ ସହ ପୁରସ୍କୃତ କରାଯିବ ।
- ପଲିଥିନ୍ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ ଆମର ଲକ୍ଷ୍ୟ । ପରିବେଶ ସୁରକ୍ଷା ପାଇଁ ଏଗୁଡିକୁ ବ୍ୟବହାର କରନ୍ତୁ ନାହିଁ ।
- ଡେଙ୍ଗୁ, ଡାଇରିଆ ଓ ମେଲେରିଆ ଜ୍ୱର ପ୍ରତି ଆତଙ୍କିତ ହୁଅନ୍ତୁ ନାହିଁ । ଲକ୍ଷଣ ଦେଖିବା ମାତ୍ରେ ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀ କିମ୍ବା ଡାକ୍ତରଖାନାରେ ପରାମର୍ଶ କରି ରୋଗ ଚିହ୍ନଟ ଓ ପ୍ରତିକାର ବ୍ୟବସ୍ଥା କରନ୍ତୁ ।

| | | |
|---|---|---|
| ଶ୍ରୀଯୁକ୍ତ ଅଭିଷେକ ପଣ୍ଡା | ଶ୍ରୀମତୀ ଛବିଳତା ରାଉତ | ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ |
| ନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷ |
| ପାରାଦ୍ୱୀପ ପୌର ପରିଷଦ | ପାରାଦ୍ୱୀପ ପୌର ପରିଷଦ | ପାରାଦ୍ୱୀପ ପୌର ପରିଷଦ |

KANDHAMAL haladi
KASAM
(Kandhamal Apex Spices Association for Marketing)
(ISO 22000:2018 & HACCP CERTIFIED)
Pure, Natural & Organic products of the hilly land of Kandhamal are available here.
Netaji Subash Bose Road, Phulbani, Kandhamal – 762 001, ODISHA
Ph: 06842 – 253022
E-mail: orissakasam@rediffmail.com / kasam.organic@gmail.com
Visit us at: www.kasamorganic.com

NCR2027
JOIN AS OKCL ALC
OS-CIT | OS-CIT 'A' | OS-CIT 'A+' | OCOC
125+ AI Tools | 250+ Digital Skills
ODISHA'S LARGEST DIGITAL LEARNING NETWORK
1,000+ AUTHORISED LEARNING CENTERS
5,00,000+ LEARNERS EMPOWERED
200+ CAREER-ORIENTED COURSES
Towards our effort to create digitally empowered AI-ready skilled workforce for Viskshit Odisha by 2036 & Vikshit Bharat by 2047.
WE REQUIRE
5,000+ Authorised Learning Centres (ALCs) across Odisha
Visit : https://ncr.okcl.org
Show your interest by scanning the QR code here
LET's CREAT A KNOWLEDGE LIT ECONOMY & A KNOWLEDGE LIT SOCIETY
ODISHA KNOWLEDGE CORPORATION LTD. (OKCL)
CMMI | ISO 9001:2015 | ISO 27001:2022 | ISO 20000-1:2018
Visit our website www.okcl.org | Call for information 0674-3520021 | Get in touch ncr@okcl.org

# ଓଡ଼ିଶା ହାଇକୋର୍ଟରେ ବିଚାରପତି ପଦ ପୂରଣ ଦାବି

କଟକ,(ସବ୍ୟୁ ): ଓଡ଼ିଶା ହାଇକାର୍ଟରେ ବିଚାରପତି ପଦ ପୂରଣ ଦାବିରେ ଆଜି ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଶହଶହ ସଂଖ୍ୟାରେ ଆଇନଜୀବୀମାନେ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି କାରଣରୁ ଆଜି କୋର୍ଟ କାର୍ଯ୍ୟରେ ଆଇନଜୀବୀମାନେ ଯୋଗଦେଇ ପାରି ନାହାନ୍ତି । ଫଳରେ ଅଦାଲତ କାର୍ଯ୍ୟ ଅଚଳ ହୋଇଯାଇଛି। ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଲଲାଟେନ୍ଦୁ ସାମନ୍ତରାୟ, ସମ୍ପାଦକ ହୃଦାନନ୍ଦ ମହାପାତ୍ର, ବାରର ଅନ୍ୟାନ୍ୟ ସଦସ୍ୟ, ବହୁ ବରିଷ୍ଠ ଆଇନଜୀବୀ ଏବଂ ଆଇନଜୀବୀମାନେ ଏହି ପଦଯାତ୍ରାରେ ସାମିଲ୍ ହୋଇଥିଲେ। ହାଇକୋର୍ଟ ସମ୍ମୁଖରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଜୁଡିସିଆଲ ଏକାଡେମୀ ପର୍ଯ୍ୟନ୍ତ ଯାଇଥିଲା । ସେଠୁ ବସ୍ ଏବଂ ନିଜନିଜ ଗାଡ଼ିରେ ଆଇନଜୀବୀମାନେ ରାଜ୍ୟପାଳ ଭବନ ଅଭିମୁଖେ ବାହାରିଥିଲେ। ସେଠାରେ ପହଞ୍ଚିବା ପରେ ଆଇନଜୀବୀମାନେ ପୁନର୍ବାର ଏକ ପଦଯାତ୍ରାରେ ରାଜ୍ୟପାଳ ଭବନ ଅଭିମୁଖେ ଯାଇଥିଲେ। ରାଜ୍ୟପାଳଙ୍କ ଅନୁପସ୍ଥିତିରେ ଉପସ୍ଥିତ ଅଧିକାରୀଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶା ହାଇକୋର୍ଟ ପାଇଁ ମୋଟ୍ ୩୩ ଜଣ ବିଚାରପତିଙ୍କ ପଦ ମଞ୍ଜୁର ହୋଇଥିବାବେଳେ ବର୍ତ୍ତମାନ ମାତ୍ର ୧୫ ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି। ନିକଟରେ ୨ ଜଣ ବରିଷ୍ଠ ବିଚାରପତିଙ୍କ ଅନ୍ୟତ୍ର ବଦଳି ପରେ ଏହି ସଂଖ୍ୟା ୧୫କୁ ହ୍ରାସ ପାଇଛି, ଯାହା ମୋଟ ମଞ୍ଜୁରୀପ୍ରାପ୍ତ ସଂଖ୍ୟାର ୫୦ ପ୍ରତିଶତରୁ ମଧ୍ୟ କମ୍ । ଏତେ କମ୍ ସଂଖ୍ୟକ ବିଚାରପତିଙ୍କ ଦ୍ୱାରା ନୂତନ ଓ ପୁରୁଣା ମାମଲାଗୁଡ଼ିକର ଶୀଘ୍ର ଫଇସଲା କରିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଛି। ହାଇକୋର୍ଟରେ ବର୍ତ୍ତମାନ ପ୍ରାୟ ୧.୭ ଲକ୍ଷ ମାମଲା ବିଚାରଧୀନ ରହିଛି।

# ହିରିମୂଳ ସଂଯୋଗକାରୀ ରୋଡ଼ରେ ବନ୍ୟା ଜଳ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ପଞ୍ଚାୟତ ସମିତି ଅନ୍ତର୍ଗତ ଓରବରସିଂହରୁ ହିରିମୁଳ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ବନ୍ୟା ଜଳରେ ବୁଡ଼ିଯାଇଛି । ଫଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଗ୍ରାମବାସୀ ଯାତାୟାତ ପାଇଁ ଡଙ୍ଗା ଉପରେ ନିର୍ଭର କରୁଛନ୍ତି । ରାସ୍ତା ବୁଡ଼ି ରହିଥିଲେ ହେଁ ହିରୁମୁଳ ଗ୍ରାମ ମଧ୍ୟକୁ ବନ୍ୟା ଜଳ ପ୍ରବେଶ କରିନାହିଁ, ଯାହା ଗ୍ରାମବାସୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି ।ସ୍ଥିତିର ସମୀକ୍ଷା କରିବା ପାଇଁ ବୁଧବାର ଖୋର୍ଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରଧାନ ଡଙ୍ଗା ଯୋଗେ ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିଲେ । ସେମାନେ ଜଳମଗ୍ନ ରାସ୍ତା ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ସହ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ଗ୍ରାମର ସ୍ଥିତି ଓ ଆବଶ୍ୟକତା ସମ୍ପର୍କରେ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିବା ପରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି ।ଯାତାୟାତ ବାଧାପ୍ରାପ୍ତ ହୋଇଥିବାରୁ ଗ୍ରାମବାସୀଙ୍କ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବୁଧବାର ହିରୁମୁଳ ଗ୍ରାମରେ ଶୁଖିଲା ରିଲିଫ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଛି ।

RAIN, SUN AND FIREPROOF
KONARK IS THE RIGHT ROOF
KONARK Right at the top
USE
KONARK AC SHEETS & ACCESSORIES
UAL - ODISHA
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)
ODISHA WORKS
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com
BENGAL WORKS
